
-47

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

ନବମ ପୁଷ୍ପ ❋ ଚତୁର୍ଥ ପାଖୁଡ଼ା ❋ ସପ୍ତଚତ୍ୱାରିଂଶତମ ସଂଖ୍ୟା ❋ ୪୭ ❋

ସଂପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରଣ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତିଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ଉନଷଷ୍ଠିତମ (୫୯) ❋ ମର୍ତ୍ତ୍ୟାବତରଣ ମାସ ❋ କୁମାର ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ନବମ ପୁଷ୍ପ ❋
ଚତୁର୍ଥ ପାଖୁଡ଼ା
ସପ୍ତଚତ୍ୱାରିଂଶତମ ସଂଖ୍ୟା (୪୭)

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦୁକା ବନ୍ଦନା | ୧ |
| **ସିଂହଦ୍ୱାର** | |
| ଜଣାଣ | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୧୦ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୧୯ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୨ |
| ଜିଜ୍ଞାସା : ଜିଜ୍ଞାସୁ : | ୨୫ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୯ |
| କଲ୍ୟାଣ ଦେଲି ତୋତେ | ୩୩ |
| କେଶବ କୈବଲ୍ୟ କଣିକା | ୩୪ |
| **ନୀଳଚକ୍ର** | |
| ଚରମର ସଂକେତ | |
| ଉତ୍ସବ ପରିଚିତି | |
| ଶ୍ରୀପାଦୁକା ମେଳା ଓ ବ୍ରହ୍ମକଲ୍ୟାଣ ଶାନ୍ତି ଯଜ୍ଞ | ୩୬ |
| ଆଶ୍ରମ ସନ୍ଦେଶ | ୪୪ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର    ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ    ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ    ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା    ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣାଷ୍ଟମ୍



ନିଗୂଢ଼ ତତ୍ତ୍ୱୈଃ ଶିଶୁବେଦ ଏଷ ସଃ ।
ବିରାଜିତସ୍ତେ କରୁଣା ବଳାନ୍ନ୍ ଦା ॥
ମଦୀୟ ଦେହେ ତବପାଦ ପଙ୍କଜମ୍ ।
ଅସ୍ତି ସୁଖୀସନ୍ ଭବତୁଂ ସଦୋତ୍‌ସହେ ॥

## ମଙ୍ଗଳାଚରଣ

### ଶ୍ରୀପାଦୁକା ବନ୍ଦନା

ଶ୍ରୀପାଦ ପାଦୁକା ଘେନ ବନ୍ଦନା ମୋହର ।
ଅଖିଳ ବ୍ରହ୍ମାଣ୍ଡ ପତି ଆହେ ପ୍ରାଣେଶ୍ୱର ॥
ଶ୍ରୀପାଦ ପାଦୁକା ଗୁରୁ ଶ୍ରୀପାଦ ଭୂଷଣ ।
ଭକତର ପ୍ରାଣଧନ ଭକତ ଜୀବନ ॥
ଶ୍ରୀପାଦ ପାଦୁକା ଠାବେ ଚାରିଧାମ ଠୁଳ ।
ପୁଣି ଚାରିବେଦ ସର୍ବ ଗୁପ୍ତବିଦ୍ୟା ମୂଳ ॥
ଶ୍ରୀପାଦ ପାଦୁକା ଯହିଁ ପାଉଥାଇଁ ପୂଜା ।
ତହିଁ ନ ପଶଇ ଭୟ ଘୃଣା କୁଣ୍ଠା ଲଜ୍ଜା ॥
ଶ୍ରୀପାଦ ପାଦୁକା ପୂଜା ସୂକ୍ଷ୍ମରେ ଆଚର ।
ଶ୍ରୀପାଦ ପାଦୁକା ଗୁରୁ ଅଙ୍ଗ ମନେ ଧର ॥
ଶ୍ରୀପାଦ ପାଦୁକା ଅଙ୍ଗେ ଘୃତ ବିଲେପନ ।
କରି ଶ୍ରୀପାଦୁକା ସ୍ନାନ କରାଅ ଜଳେନ ॥
ଶ୍ରୀପାଦ ପାଦୁକା ଅଙ୍ଗ ପୋଛି ଯତନରେ ।
ଘୋଡ଼ାଇବ ଭକ୍ତି ଭରେ ଶୁଦ୍ଧ ବସନରେ ॥
ଶ୍ରୀପାଦ ପାଦୁକା ଅଙ୍ଗେ ଚନ୍ଦନ ସୁମନ ।
ନଦେଇ ପାଦୁକା ପ୍ରାନ୍ତେ ରଖହୋ ଯତନ ॥
ଶ୍ରୀପାଦ ପାଦୁକା ପୂଜ ଧୂପଦୀପ ଦେଇ ।
ଷଡ଼ାଙ୍ଗ ଆଳତୀ କର କର୍ପୂର ଜଳେଇ ॥

ଶ୍ରୀପାଦ ପାଦୁକା ପ୍ରାନ୍ତେ ପଞ୍ଚାମୃତ ଥୋଇ ।
ନଇବେଦ୍ୟ କର ବୃନ୍ଦା ଦଳ ହସ୍ତେ ନେଇ ॥
ଶ୍ରୀପାଦପାଦୁକା ସିନା ପ୍ରତ୍ୟକ୍ଷ ଠାକୁର ।
ନିଜ ଖିଆଲରେ ତାଙ୍କୁ ଅର୍ଚ୍ଚନା ନକର ॥
ଶ୍ରୀପାଦ ପାଦୁକା ନିତ୍ୟ ଘୋର ନିଶା କାଳେ ।
ଭ୍ରମଣ କରନ୍ତି ଗୋପ୍ୟେ ଭକ୍ତବୃନ୍ଦ ମେଳେ ॥
ଶ୍ରୀପାଦ ପାଦୁକା ଉପାସନା ବିଧିମତ ।
କଲେ ଶ୍ରୀପାଦୁକା କଥା କହନ୍ତି ଏ ସତ ॥
ଶ୍ରୀପାଦ ପାଦୁକା ବାକ୍ୟ ଗୁରୁସ୍ୱାମୀ ବାଣୀ ।
ସେ ଶୁଣଇ ଏ ସତ୍ୟ ଯେ ପାରିଅଛି ଜାଣି ॥
ଶ୍ରୀପାଦ ପାଦୁକା ଠାରେ ଅତୁଟ ବିଶ୍ୱାସ ।
ଥାପିଲେ ଅକାଳେ କେବେ ନଛୁଟେ ନିଃଶ୍ୱାସ ॥
ଶ୍ରୀପାଦ ପାଦୁକା ସିନା ମୋ' ନୟନ ଜ୍ୟୋତିଃ ।
ଶ୍ରୀପାଦ ପାଦୁକା ଠାରେ ରହୁ ନିତ୍ୟ ମତି ॥
ଶ୍ରୀପାଦ ପାଦୁକା ନିତି ଶୁଣନ୍ତି ପ୍ରାର୍ଥନା ।
ପରିପୂର୍ଣ୍ଣ କରନ୍ତି ସେ ସକଳ ବାସନା ॥
ଶ୍ରୀପାଦ ପାଦୁକା ଗୁଣ କେ ପାରେ ବଖାଣି ।
ଶ୍ରୀପାଦ ପାଦୁକା ସର୍ବ ବିଭୂତିର ଖଣି ॥

ଶ୍ରୀପାଦ ପାଦୁକା ଯେହୁ ବନ୍ଦନା କରଇ ।
ଶ୍ରୀପାଦ ପାଦୁକା ତା'ର ଆରତ ହରଇ ॥




# ଜଣାଣ

ମୋ' ଡୋରି ତୁମକୁ ବାନ୍ଧିତ ପାରିନି
ତୁମ ଡୋରି ମୋତେ ବାନ୍ଧିଛି
ତୁମ ସ୍ନେହ ତୁମ ମମତା ସଂପଦ
ଯତନେ ସାଇତି ରଖିଛି ।।୦।।
କେତେ ମାନ କେତେ ଅଭିମାନ କରି
ଆଘାତ ମନରେ ଦେଇଛି
ମନେ ମନେ ସବୁ ଆଜି ଝୁରି ହୋଇ
ସରମରେ ଶିର ପୋତିଛି,
କ୍ଷମା ବାରିଧି ହେ ଏ ମୂଢ଼ ଜଢ଼ର
କେତେ କେତେ ଭାବ ହଜିଛି ।।୧।।
ସାଧନ ଭଜନ କି ଅବା ଜାଣିଛି
କେଉଁ ଯୋଗ ଅବା ସାଧିଛି
ପ୍ରେମ ଶିଖାଇଛ ବୋଲି ପ୍ରେମିକ ମୁଁ
ଦୁନିଆ ବୁକୁରେ ସାଜିଛି,
ଅଜ୍ଞାନ ସନ୍ତାନ ଜଗତେ ତୁମକୁ
ପ୍ରାଣଦେଇ ଭଲ ପାଇଛି ।।୨।।
କେତେ ଅପମାନ କେତେ ଅପବାଦ
ମଥାର ମୁକୁଟ କରିଛି
ତୁମ ପୁଣ୍ୟ ନାମ ପାଥେୟ ମୋହର
ମାନସରେ ନାମ ଜପିଛି
ଫୁଲଟିଏ କିବା ପତ୍ରଟିଏ କେବେ
ପାଦରେ ତ ଦେଇ ପାରିନି
ଜୀବନରେ ଏଇ ସଂସାର ପଥରେ
କି ଅବା ତୁମଠୁ ପାଇନି
ସବୁ ତ ତୁମର ସବୁ ତୁମ ପାଦେ
ମନ ଖୋଲି ସଁପି ଦେଇଛି ।।୩।।



ଛିଦ୍ରଦ୍ୱାର

# ଭଜନ

ବାଇଆମନ କର ହଂସକୁ ସ୍ଥିର,
ସେ ହଂସ ଖେଳିଲେ ଦେବ କଷଣ ଘୋର.......... (୦)

ରୂପ ନାହିଁ ସେ ହଂସର  ଗୁପତେ ହୁଏ ବାହାର
ବସିଛି ସକଳ ବୃକ୍ଷେ  ନାହିଁ ତା ଆପଣା ପର
ହଂସ ଦୟାକଲେ ହଂସ ହେବ ଉଦ୍ଧାର.................. (୧)

ହଂସକୁ ଦେଖିବା ପାଇଁ  କେତେ ଯୋଗୀ ଛନ୍ତି ଧାୟି
କପିଳ, ସନକ, ଶୁକ  ରହିଲେ ଅମର ହୋଇ
ଶିବ ଭ୍ରମିଲେ ଭରମେ ବରଷ ବାର................. (୨)

ତ୍ରିଗୁଣ ବନ୍ଧନ କାଟ  ହଂସ ପଦେ ପଡ଼ି ଖଟ
ଚିତ୍ତରେ ନ ରଖ ଖଳ  ଜଳକୁ କର ନିର୍ମଳ
ହଂସ କ୍ଷୀରନୀର ଭାବ କରିବ ଦୂର...............(୩)

ଶ୍ରୀଗୁରୁଙ୍କ ହେଲେ ଦୟା  ହଂସ ପାଇବଟି ରାହା
ନାମ ଅଠାକାଠି ଯୋଖି  ପଞ୍ଚକୁ କର ଏକାଠି
ଗୁରୁଦେବ ତ୍ରାଣକର୍ତ୍ତା ଏକା ଏ ଭବସାଗର................(୪)

❀❀❀

# ମୁଖଶାଳା

## ସଂପାଦକୀୟ

### ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!

ଆମେ ସମସ୍ତେ ପ୍ରତିଦିନ ସଂଜେ ସକାଳେ, ସତ୍‌ସଙ୍ଗରେ, ଶାଖାରେ ପ୍ରାର୍ଥନା କରୁ - ''ସେହି ପଥେ ମୋତେ ନେଇ ଯାଅ ପ୍ରଭୁ, ଯେଉଁଠି କଲ୍ୟାଣ ହେବ । ସେହି ବୁଦ୍ଧି ମୋତେ ଦେଉଥାଅ ପ୍ରଭୁ, ଯହିଁରେ ମଙ୍ଗଳ ହେବ'' ଇତ୍ୟାଦି । ଏ ପୃଥିବୀରେ ଅନେକେ ଏହିପରି ନାନା ଭାବରେ, ନାନା ଭାଷାରେ, ନାନାଦି ସ୍ଥାନ ଯଥା ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ଇତ୍ୟାଦିରେ ଅନେକ ସମୟରେ ପ୍ରାର୍ଥନା କରିଥାଆନ୍ତି, ଭଜନ ଓ ଜଣାଣ ବୋଲି ଥାଆନ୍ତି । କେତେ ପ୍ରକାରର ସ୍ୱର, ତାନ, ମାନ, ଲୟ, ତାଳରେ ଏସବୁ ବୋଲା ଯାଇଥାଏ । କଳାଠାକୁର ନୀଳାଦ୍ରିବିହାରୀ ଶ୍ରୀଜଗନ୍ନାଥଙ୍କ ଠାରୁ ଆରମ୍ଭ କରି ଘଟଗାଁର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ପର୍ଯ୍ୟନ୍ତ କେତେ ଦେବଦେବୀଙ୍କୁ ଅଗଣିତ ଭକ୍ତ ପ୍ରାର୍ଥନା କରନ୍ତି, ତାଙ୍କର ପ୍ରୀତି ପାଇଁ ଭଜନ ଓ ଜଣାଣ ବୋଲନ୍ତି ।

ପ୍ରାର୍ଥନାର ଅର୍ଥ ଯାଚନା ବା ମାଗିବା । ସାଧାରଣତଃ ଭକ୍ତ ଓ ଶିଷ୍ୟମାନେ ପ୍ରାର୍ଥନା ମାଧ୍ୟମରେ ନିଜନିଜର ଆରାଧ୍ୟ ଦେବଦେବୀଙ୍କୁ କିଛି ନା କିଛି ମାଗିଥାଆନ୍ତି । ସଂସାରରେ ଘରପରିବାର କରି କାହାର ଅବା ସୁବିଧାଅସୁବିଧା, ଅଭାବଅନଟନ, ଆପଦବିପଦ, ରୋଗଶୋକ ନାହିଁ ଯେ ! ସାଧାରଣ ମଣିଷ ଜୀବନସଂଗ୍ରାମ କ୍ଷେତ୍ରରେ ବା ଜୀବନଯାତ୍ରା ପଥରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ତା'ର ସଫଳ ସମାଧାନ ପାଇଁ ନିଜର ବୁଦ୍ଧିବୃତ୍ତି ଓ ଶକ୍ତି ସାମର୍ଥ୍ୟ ଖଟାଇ କୌଣସି ନା କୌଣସି କୌଶଳ ଅବଲମ୍ବନ କରି ବିଫଳ ହେଲେ ପୁଣି ନୂତନ କୌଶଳ ଅବଲମ୍ବନ କରେ । ମାତ୍ର ବାରମ୍ବାର ବିଫଳ ହେଲେ ଓ ନିଜର ବୁଦ୍ଧିବୃତ୍ତି ଉପରେ ବିଶ୍ୱାସ ହରାଇଲେ, ସେ ଦୈବୀ କରୁଣା ଲାଭ ପାଇଁ ଆଗ୍ରହ ପ୍ରକାଶ କରେ । ଏଇଠୁ ଆରମ୍ଭ ହୁଏ ତା'ର ପ୍ରାର୍ଥନା, ଭଜନ ଓ ଜଣାଣ ଇତ୍ୟାଦି ।

ଭଜନ ଦ୍ୱାରା ସେ ଆପଣାର ଆରାଧ୍ୟ ଦେବ ବା ଦେବୀଙ୍କର ଗୁଣଗାନ କରେ, ତାଙ୍କୁ ଝୁରିହୁଏ, ଭଜି ହୁଏ । ସେହିପରି ଜଣାଣ ମାଧ୍ୟମରେ ସେ ବିଭିନ୍ନ ଭଙ୍ଗୀରେ ନିଜର ଦୁଃଖ, ଶୋକ, ଅଭାବ, ଅନଟନ, ଅସୁବିଧା ଓ ସମସ୍ୟାର କଥା ଜଣାଇଥାଏ । ପୁଣି ପ୍ରାର୍ଥନା ଦ୍ୱାରା ସେ ଏ ସମସ୍ତ ସମସ୍ୟାରୁ ମୁକୁଳି ଯିବା ପାଇଁ ଇଚ୍ଛା ପ୍ରକାଶ କରି ନିଜର ବୁଦ୍ଧି, ବିବେକ ଓ ବିଚାର ପ୍ରୟୋଗ କରି କିଛି ନା କିଛି ମାଗି ନେହୁରା ହୁଏ, ଗୁହାରି କରେ । ବିଭିନ୍ନ ଲୋକଙ୍କର ମାଗିବା ଶୈଳୀ ଭିନଭିନ, ଭାଷା ମଧ୍ୟ ବିଭିନ୍ନ, ମାତ୍ର ପ୍ରାୟ ସମସ୍ତଙ୍କର ଭାବ ଏକ ଓ ଅଭିନ୍ନ । ଅନେକେ ଭୌତିକ ଓ ବୈଷୟିକ ପ୍ରାପ୍ତି, ସାମାଜିକ ପ୍ରତିପତ୍ତି ପାଇଁ ବାରମ୍ବାର ପ୍ରଭୁଙ୍କ ସାନ୍ନିଧ୍ୟରେ ଗୁହାରି କରନ୍ତି । କେତେକେ ଆଧ୍ୟାତ୍ମିକ ଉନ୍ନୟନ, ସମାଜର ମଙ୍ଗଳ ତଥା ଜନକଲ୍ୟାଣ ନିମନ୍ତେ ଶକ୍ତି ସାମର୍ଥ୍ୟ ଲାଭ ପାଇଁ ନେହୁରା ହୁଅନ୍ତି । ମାଗିବାର ବିଷୟ ବା ବସ୍ତୁ ଭିନ୍ନ ଭିନ୍ନ ହେଲେ ମଧ୍ୟ ଭାବ କିନ୍ତୁ ଅଭିନ୍ନ ।

ସଫଳ ଓ ସାର୍ଥକ ପ୍ରାର୍ଥନାର ଭାବ କିନ୍ତୁ ନିଆରା । ଏପରି ପ୍ରାର୍ଥନାରେ ସ୍ୱାର୍ଥ ବା ପରାର୍ଥ - କିଛି ବି ମାଗୁଣି ନ ଥାଏ, ଥାଏ ସଂପୂର୍ଣ୍ଣ ଶରଣାଗତି । ସଂପୂର୍ଣ୍ଣ ଶରଣାଗତ ଶିଷ୍ୟ କିବା ଭକ୍ତ ନିଜର ପୂର୍ଣ୍ଣ ବିଶ୍ୱାସ ପ୍ରଭୁଙ୍କର ଶ୍ରୀପାଦପଦ୍ମରେ ପ୍ରତିଷ୍ଠା କରି ଆପଣାର ସକଳ ଦାୟିତ୍ୱ ତାଙ୍କ ହାତରେ ଛାଡ଼ିଦିଏ । ସେ ନିଜର ବୁଦ୍ଧିବୃତ୍ତି, ହୃଦୟ ବୃତ୍ତି ଓ ମନୋବୃତ୍ତିର ଊର୍ଦ୍ଧ୍ୱକୁ ଉଠିଯାଇ ଭାବବୃତ୍ତିରେ ପ୍ରଭୁଙ୍କୁ ପ୍ରାର୍ଥନା କରେ - ''ପ୍ରଭୁ ! ତୁମ ବ୍ୟତୀତ ମୋର ଆପଣାର ବୋଲି ଆଉ କେହି ନାହିଁ । ତୁମ ସୁଖରେ ମୁଁ ସୁଖୀ । ତୁମକୁ ଯାହା ଭଲ ଲାଗୁଛି, ତୁମେ ତାହାହିଁ କର ।।''

ଥରେ ଜଣେ ଶିଷ୍ୟର ପ୍ରାର୍ଥନା, ଧ୍ୟାନ, ଗୁଣଗାନରେ ପ୍ରଭୁ ପରମ ସନ୍ତୋଷ ଲାଭ କରି ତା'କୁ ପଚାରିଲେ - ମୁଁ ତୁମ ଧ୍ୟାନ ପ୍ରାର୍ଥନାଦିରେ ସନ୍ତୁଷ୍ଟ । ତୁମେ ମୋ'ଠାରୁ କ'ଣ ଚାହଁ ନିଃସଙ୍କୋଚରେ କୁହ । ଭକ୍ତଶିଷ୍ୟ ଜଣକ ପ୍ରଭୁଙ୍କର ବାଣୀ ଶୁଣି ବଡ଼ ଆନନ୍ଦରେ କହିଲା - ପ୍ରଭୁ, ମୁଁ ତୁମ ଠାରୁ କିଛି ବି ଚାହେଁ ନାହିଁ । ତୁମେ ସତ କୁହ, ତୁମେ ମୋ ପାଖରୁ କ'ଣ ଚାହଁ । ପ୍ରଭୁ ସ୍ମିତ ମଧୁର ହସ ହସି କହିଲେ - ସତ କହୁଛି, ତୁମ ଠାରୁ ମୁଁ ଯାହା ଚାହିଁଥିଲି, ତାହା ପାଇଯାଇଛି । ଏବେ ତୁମର ଇଚ୍ଛା କ'ଣ ମୋତେ କହୁନ, କୁହ । ଭକ୍ତ କହିଲା - ପ୍ରଭୁ ! ତୁମର ଇଚ୍ଛା ଯାହା, ମୋ' ଇଚ୍ଛା ମଧ୍ୟ ତାହା । କହୁନ, ତୁମ ଇଚ୍ଛା କ'ଣ ? କୁହ । ପ୍ରଭୁ ମଧ୍ୟ ସେ କଥା ଦୋହରାଇ ସଙ୍ଗେ ସଙ୍ଗେ କହିଲେ - ସତ କହୁଛି, ତୁମ ଇଚ୍ଛା ଯାହା, ମୋ' ଇଚ୍ଛା ବି ସେଇୟା ।

ସଫଳ ପ୍ରାର୍ଥନା ସେହି ବିନ୍ଦୁରେ ସାର୍ଥକ ହୁଏ, ଯେଉଁଠି ପ୍ରଭୁ ଶିଷ୍ୟାଶିଷ୍ୟାଙ୍କୁ ଯେପରି ଜୀବନଚର୍ଯ୍ୟା ପାଇଁ ପ୍ରସ୍ତୁତ କରିଚାଲିଛନ୍ତି, ତାହା ବାସ୍ତବ ଜୀବନରେ ପ୍ରତିଫଳିତ ହୋଇଥାଏ । ସେହିଠାରେ ପ୍ରାର୍ଥନାର ଅନ୍ତ ଘଟେ । ସବୁ ପାଇବା ମିଳିଯାଏ । ସବୁ ମାଗୁଣି ସରିଯାଏ । ପ୍ରଭୁଙ୍କର ରଙ୍ଗ ତରଙ୍ଗରେ ଭକ୍ତ ଶିଷ୍ୟ ରଙ୍ଗୀନ ଓ ତରଙ୍ଗାୟିତ ହୋଇଯାଏ । ଅଳମତି ବିସ୍ତରେଣ ! ଶ୍ରୀକେଶବ ସମର୍ପଣମସ୍ତୁ !!

ଓମିତି ନମସ୍କାରାନ୍ତେ,

ବିନୀତ,

***କେଶବ ଦାସ ।।***

❋❋❋

ଯାହା କରୁଅଛ, ତାହା ମୁଁ ଦେଖୁଛି
ଶୂନ୍ୟ ସୂକ୍ଷ୍ମରେ ଥାଇ ।
ଧାରା ଧରି କରି, ରାଧା ନ ଭଜିଲେ
କାଳ ସର୍ପେ ଘାଣ୍ଟି ହୋଇ ।।

*-ଶ୍ରୀଶ୍ରୀଗୁରୁସ୍ୱାମୀ*

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## ପାଶ (KNOT)

ଥରେ ଜଣେ ମୋତେ ସାମାନ୍ୟ ଉଚ୍ଚସ୍ୱରରେ (ଉତ୍ତେଜିତ ହୋଇ) କହିଲା - ''ଠାକୁରେ ହୁଅନ୍ତୁ କି ଆଉ ଯିଏ ବି ହୁଅନ୍ତୁ, ମୋତେ ସେ ଯାହା କରିବାକୁ କହିବେ, ମୁଁ ସେ କଥାକୁ ପ୍ରଥମେ ଭଲଭାବରେ ବିଚାର କରି ଦେଖିବି । କରିବାର ଉଚିତ ହେଲେ କରିବି, ନୋହିଲେ ଆଦୌ କରିବି ନାହିଁ । ଠାକୁରେ ତ ଆମକୁ ବୁଦ୍ଧି ବିବେକ ଦେଇଛନ୍ତି, ନା ନାହିଁ ? ତେବେ ଆମେ କାହିଁକି ଆମ ବୁଦ୍ଧି ବିବେକ ନ ଖଟାଇ ସେ ଯାହା କହିବେ, ତାହା କରିଯିବା ? ଆଉ ଯିଏ ଯାହା କରନ୍ତୁ କି ନ କରନ୍ତୁ, ମୁଁ କିନ୍ତୁ ଆଦୌ ତିଳେ ମାତ୍ର କରିବି ନାହିଁ । ମୋତେ ଯିଏ ଯାହା କହୁଛି କହୁ ।''

ଏ କଥାରୁ କ'ଣ ବୁଝା ପଡୁଛି ? ମଣିଷର ବୁଦ୍ଧି ଅଛି । ତେଣୁ ସେ ଏ ସୃଷ୍ଟିରେ ବୁଦ୍ଧିମାନ ଜୀବ । ବୁଦ୍ଧିବୃତ୍ତି ପ୍ରୟୋଗ କରିବାରେ ମଣିଷ ସିଦ୍ଧହସ୍ତ । ସମାଜରେ ଆମେ ଯାହାକୁ ନିର୍ବୋଧ ମନେ କରୁ, ସେ ମଧ୍ୟ ଅଳ୍ପ ହେଲେ ବି ବୁଦ୍ଧିମାନ । ବୁଦ୍ଧି ସମସ୍ତଙ୍କ ଠାରେ ଅଳ୍ପେ ବହୁତେ ରହିଛି । ଜଣେ ପାଗଳର ମଧ୍ୟ ବୁଦ୍ଧି ଅଛି । ଏହି ବୁଦ୍ଧିବୃତ୍ତିରୁ ମନୋବୃତ୍ତିର ସୃଷ୍ଟି ହୁଏ । ମନୋବୃତ୍ତିର ନିର୍ଦ୍ଦେଶରେ ମନ ଇନ୍ଦ୍ରିୟ ସହିତ ସଂଯୋଗ ସ୍ଥାପନ କରେ ଓ ବିଷୟ ଆହରଣ କରେ । ତହୁଁ କର୍ମଫଳ ଲାଗୁହୁଏ । କୃତକର୍ମର ଫଳ ଭୋଗ ଅନିବାର୍ଯ୍ୟ ଅଟେ । ଏହି ଫଳଭୋଗ ପାଇଁ ଜୀବ ଜନ୍ମମୃତ୍ୟୁର ଅଧୀନ ହୋଇଥାଏ ।

ଲଜ୍ଜା, ଘୃଣା, ଭୟ ଇତ୍ୟାଦି ଗୋଟିଏ ଗୋଟିଏ ପାଶ ବା ଫାଶ । ଏହି ଫାଶରେ ବନ୍ଧନଯୁକ୍ତ ହୋଇ ଜୀବ ବଦ୍ଧ ହୁଏ । ବଦ୍ଧଜୀବ ମାୟାମୋହାଦି ଗ୍ରସ୍ତ ହୋଇ ମନର ସଂପୂର୍ଣ୍ଣ ଅଧୀନତା ସ୍ୱୀକାର କରିନିଏ । ଅଧୀନତା ସ୍ୱୀକାର କରି ପରାଧୀନ ବଦ୍ଧଜୀବ ପାଇଁ ମୁକ୍ତିର ଦ୍ୱାର ରୁଦ୍ଧ ହୋଇ ରହିଯାଏ । ମନୋବୃତ୍ତି ବୁଦ୍ଧିବୃତ୍ତିରୁ ଉଦ୍ଭବ ହୋଇ ଇଚ୍ଛା, ଆଶା, ଆକାଂକ୍ଷା, କାମନା, ବାସନା ଇତ୍ୟାଦି ପୋଷଣ କରେ । ପୁଣି ଏ ସକଳ ଆଶାଆକାଂକ୍ଷା ଓ କାମନାବାସନାକୁ ପୂର୍ଣ୍ଣ କରିବା ପାଇଁ ବୁଦ୍ଧି ବୃତ୍ତିର ସାହାଯ୍ୟ ଲୋଡ଼ିଥାଏ । ମଣିଷ ଯେତେବେଳେ ମନର ଅଧୀନ ହୋଇ ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ବୁଦ୍ଧିର ସାହାଯ୍ୟ ନେବାକୁ ଚାହେଁ, ସେତେବେଳେ ବୁଦ୍ଧି ତା'ର ଅସଲ ଖେଳ ଆରମ୍ଭ କରିଦିଏ । ବୁଦ୍ଧି ମନକୁ ସାହାଯ୍ୟ କରିବା ପାଇଁ ଅନେକ କ୍ଷେତ୍ରରେ ଓ ଅନେକ ସମୟରେ ନାନାଦି କୌଶଳ ଉଦ୍ଭାବନ କରିଦିଏ । ଗୋଟିଏ ପରେ ଗୋଟିଏ କୌଶଳ ଉଦ୍ଭାବନ ଓ ପ୍ରୟୋଗ କାଳରେ ବୁଦ୍ଧି କାଳକ୍ରମେ ଦୁର୍ବୁଦ୍ଧିରେ ପରିଣତ ହୋଇଯାଏ । ଦୁର୍ବୁଦ୍ଧି ପରିଚାଳିତ ମନରୂପୀ ଘୋଡ଼ାର ଦୌଡ଼ ସେଇଠୁ ଆରମ୍ଭ ହୋଇଯାଏ । ମନ ଏଣେ ଇନ୍ଦ୍ରିୟର ବନ୍ଧନରେ ତ ତେଣେ ଦୁର୍ବୁଦ୍ଧିର ବନ୍ଧନରେ ପଡ଼ିଯାଏ । ଏ ଫାଶର ଗଣ୍ଠି କ୍ରମଶଃ ନିବିଡ଼ ହୋଇଯାଏ । ଏ ଗଣ୍ଠି ଆଉ ଫିଟେ ନା ଜୀବ ମୁକ୍ତିଲାଭ କରେ ? ଜନ୍ମଜନ୍ମ ପାଇଁ ଯୁଗ ଯୁଗ ପାଇଁ ବଦ୍ଧଜୀବ ମରଣାନ୍ତକ ଯନ୍ତ୍ରଣା ଭୋଗ କରିଚାଲେ । ସାମାନ୍ୟତମ ଅସାବଧାନତା ଓ ଅଣୁମାତ୍ର ଅହଂକାର ମନୁଷ୍ୟର

ଇହକାଳ ଓ ପରକାଳର ସକଳ ଶାନ୍ତିକୁ ନଷ୍ଟ କରିଦିଏ ।

ଏ ପାଶରୁ ମୁକ୍ତିକାମୀ ମନୁଷ୍ୟ ଶ୍ରୀଗୁରୁଙ୍କର ଆଶ୍ରିତ ହୁଏ, ହେବା ବିଧେୟ । ଥରେ ଗୁରୁ ଗ୍ରହଣ କରିବା ପରେ ଶିଷ୍ୟ ବା ଶିଷ୍ୟା ସର୍ବପ୍ରଥମେ ନିଜର ସ୍ୱପାର୍ଜିତ ବିଦ୍ୟା ଶିକ୍ଷା ବୁଦ୍ଧି ଓ ଜ୍ଞାନ ଇତ୍ୟାଦିକୁ ବିସର୍ଜନ କରି ଶ୍ରୀଗୁରୁଙ୍କ ଇଚ୍ଛା ଓ ବାକ୍ୟକୁ ନିର୍ବିଚାରରେ ପାଳନ କଲେ, ଗୁରୁ ପ୍ରଦର୍ଶିତ ସାଧନା ପଥରେ ନିର୍ବିଘ୍ନରେ ଆଗେଇ ଯାଇପାରେ । ଗୁରୁଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିବା ଦ୍ୱାରା ବଦ୍ଧଜୀବ (ଶିଷ୍ୟ/ଶିଷ୍ୟା)ର ପାଶ ବା ଫାଶ କ୍ରମଶଃ ଶିଥିଳ ହୋଇ ଶେଷରେ ଗଣ୍ଠି ଫିଟିଯାଏ ଓ ଜୀବ ମୁକ୍ତ ହୋଇଯାଏ । ସେତେବେଳେ ତା'ର ଆଉ କୌଣସି ବନ୍ଧନ ରହେ ନାହିଁ । ବନ୍ଧନହୀନ ଜୀବନରେ ମାୟା, ମୋହ ଇତ୍ୟାଦିର କୌଣସି ସମ୍ଭାବନା ହିଁ ନ ଥାଏ । ଆସକ୍ତିବିହୀନ ଜୀବନରେ ପ୍ରକୃତ ଓ ପ୍ରକୃଷ୍ଟ ଶାନ୍ତି, ସନ୍ତୋଷ, ଆନନ୍ଦର ପ୍ରାଚୁର୍ଯ୍ୟ ଉପଲବ୍ଧ ହୋଇଥାଏ ।

ପାଶର ଗତି ଓ ପ୍ରକୃତି ବଡ଼ ବିଚିତ୍ର । ତୁମେ, ଆମେ- ଯେ କୌଣସି ବ୍ୟକ୍ତି ଏହା ନିଜ ଜୀବନର ଚଲାପଥରେ ଅନ୍ତେ ବହୁତେ ଅନୁଭବ କରିଥିବୁଁ । ମନେ ପକାଇ ବସିଲେ ଏଥିରୁ ସମୁଚିତ ଶିକ୍ଷାଟିଏ ମଧ୍ୟ ମିଳିଯିବ ଓ ତାହା ଆମ ଜ୍ଞାନକୁ ମଧ୍ୟ ପରିପକ୍ୱ କରିବାରେ ସାହାଯ୍ୟ କରିବ । ଉଦାହରଣଟିଏ ଯଥେଷ୍ଟ ହେବ । ମନେକର, ତୁମେ ତୁମର ଜଣେ ସାଙ୍ଗକୁ ଅନ୍ତର ଦେଇ ଭଲ ପାଉଛ । ତାକୁ ତୁମେ ଯଥେଷ୍ଟ ବିଶ୍ୱାସ ମଧ୍ୟ କର । ଏହି ଭଲପାଇବା ଓ ବିଶ୍ୱାସ ତୁମର ନିବିଡ଼ ଓ ପ୍ରଗାଢ଼ ହୋଇ ଉଠୁଛି । ତୁମ ଉଭୟଙ୍କର ଏପରି ବିରଳ ବନ୍ଧୁତାରେ ତୁମର ଅନ୍ୟଜଣେ ସାଙ୍ଗ ଈର୍ଷାନ୍ୱିତ ହୋଇ ଉଠିଲା ଓ ତୁମ ଉଭୟଙ୍କ ବନ୍ଧୁତାରେ ଫାଟ ସୃଷ୍ଟି କରିବା ପାଇଁ ସୁଯୋଗ ଖୋଜି ବସିଲା । ଥରେ ସେ ଈର୍ଷାକାତର ବନ୍ଧୁଟି ଜାଣିବାକୁ ପାଇଲା ଯେ, ତୁମ ସାଙ୍ଗର ମାମୁଁଝିଅ ଭଉଣୀ ଆସିବ ଓ ସେ ତା' ଭଉଣୀକୁ ରେଳଷ୍ଟେସନ୍‌ରୁ ଘରକୁ ଆଣିବା ପାଇଁ ଯିବ । ଈର୍ଷୁକ ସାଙ୍ଗଟି ଆପଣା ଦୁର୍ବୁଦ୍ଧିର ତାଡ଼ନାରେ ଅନ୍ୟ ଜଣେ ସାଙ୍ଗ ମାଧ୍ୟମରେ ତୁମକୁ ଜଣାଇଦେଲା ଯେ, ତୁମ ପ୍ରିୟ ସାଙ୍ଗ ଅନ୍ୟ ଜଣେ ଯୁବତୀ ସହିତ ତୁମକୁ ନ ଜଣାଇ ବନ୍ଧୁତା ଜମେଇ ଦେଇଛି ଓ ତୁମେ ଅମୁକ ଛକରେ ଅମୁକ ସମୟରେ ଛପି ରହିଲେ, ଏ କଥାର ସତ୍ୟତା ପରୀକ୍ଷା କରି ପାରିବ । ଏ କ୍ଷେତ୍ରରେ ତୁମେ ଯଦି ତୁମର ପୂର୍ବ ନିବିଡ଼ ବନ୍ଧୁତାକୁ ସ୍ମରଣ କରି ଏ କଥାକୁ ଗୁରୁତ୍ୱ ନଦେବ, ତେବେ ତୁମେ ରକ୍ଷା ପାଇଯିବ ଏବଂ ତୁମର ବନ୍ଧୁତା ଅକ୍ଷୁର୍ଣ୍ଣ ରହିବ । ମାତ୍ର ତୁମେ ଯେବେ ଏକଥାକୁ ବିଶ୍ୱାସନୀୟ ମନେ କରି ଲୁଚିଛପି ସତ୍ୟାସତ୍ୟ ପରଖିବାକୁ ଯିବ ତ ନିଶ୍ଚୟ ଠକାମିରେ ପଡ଼ିବ ଓ ତୁମ ବନ୍ଧୁତାରେ ତୁମ ଅଜାଣତରେ ଭ୍ରୁଣ ଚରିଯିବ । ତା'ପରେ କ୍ରମେ ତୁମେ ତୁମର ପ୍ରାଣପ୍ରିୟ ନିବିଡ଼ ଓ ଘନିଷ୍ଠ ବନ୍ଧୁକୁ ଅବିଶ୍ୱାସ କରିବାକୁ ଆରମ୍ଭ କରିବ । ମନ କୋଣରେ ଏହି ସନ୍ଦେହ ଓ ଅବିଶ୍ୱାସ ଅଗ୍ନିକଣାଟିଏ ହୋଇ ରହିଯିବ ଓ ଦିନେ ନା ଦିନେ ପ୍ରଳୟକାଣ୍ଡ ଘଟାଇ ବସିବ । ତୁମେ ଯାହାକୁ ଯେତେ ବେଶୀ ଭଲ ପାଉଥାଅ ନା କାହିଁକି କୌଣସି କାରଣରୁ ଯଦି ଥରେ ଘୃଣା ରୂପକ ଫାଶ ତୁମ ମନକୁ ବାନ୍ଧି ପକାଇଲା ତ କଥା ସେଇଠି ସରିଲା । ତୁମର ଭଲପାଇବା ଆଉ ବେଶୀ ଦିନ ତିଷ୍ଠି ରହିପାରିବନି । ସବୁ ପ୍ରକାର ପାଶର ଗତି ଓ ପ୍ରକୃତି ଠିକ୍ ଏହିପରି ।

ମନ ଯେତେବେଳେ କୌଣସି ନା କୌଣସି ପାଶରେ ବାନ୍ଧି ହୋଇଯାଏ, ସେତେବେଳେ ସେ ପାଶରେ ପଡ଼ି ମନୋବାଞ୍ଛା ପୂରଣ ପାଇଁ ବୁଦ୍ଧିର ସାହାଯ୍ୟ ଲୋଡ଼େ ଓ ତହୁଁ ବୁଦ୍ଧି କ୍ରମେ ମନକୁ ସାହାଯ୍ୟ କରିବା କାଳରେ ଦୁର୍ବୁଦ୍ଧିରେ ପରିଣତ ହୁଏ । ସେଇଠୁ ପାଇଟି ସରେ । ତେଣୁ ଆମେ ମନୋବୃତ୍ତି ବା ବୁଦ୍ଧି ବୃତ୍ତିର ପରିଚାଳନାଧୀନ ନ ହୋଇ ହୃଦୟବୃତ୍ତି ବା ଭାବବୃତ୍ତିର ଅଧୀନ ହେବା ଶ୍ରେୟସ୍କର । ଥରେ ଗୁରୁ ଗ୍ରହଣ କରିବା ପରେ ଗୁରୁଙ୍କ ଭାବବନ୍ଧନରେ ବାନ୍ଧି ହୋଇଯିବା ଅବସ୍ଥା ହିଁ ଆମ ପାଇଁ ସର୍ବଶ୍ରେଷ୍ଠ ଅବସ୍ଥା । ଏ ଅବସ୍ଥାରେ କୌଣସି ହାନୀ ବା କୌଣସି ଲାଭ ହିଁ ନ ଥାଏ । ଯଦି ବା କିଛି ଲାଭ ଥାଏ, ତେବେ ତାହା ଭୌତିକ ବା ବୈଷୟିକ ନୁହେଁ, ପରନ୍ତୁ ଆତ୍ମିକ ଓ ଆଧ୍ୟାତ୍ମିକ । ତେଣୁ ଶ୍ରୀଗୁରୁଙ୍କ ଇଚ୍ଛା, ବାକ୍ୟ ଓ ଆଦେଶକୁ ବୁଦ୍ଧି ଖଟାଇ ବିଚାରି ଦେଖିବାର ଅର୍ଥ ବିପଦର ଅଗ୍ନିବଳୟ ମଧ୍ୟକୁ ପ୍ରବେଶ କରିବା ସହିତ ସମାନ । ଶ୍ରୀଗୁରୁଙ୍କର ଶକ୍ତି ଅପ୍ରମେୟ ଓ ଅପର୍ଯ୍ୟାପ୍ତ । ଶିଷ୍ୟ ବା ଶିଷ୍ୟା ତାହା ପ୍ରମାଣ କରିବା ବା ପରୀକ୍ଷା କରିବା ସର୍ବାଦୌ ଏକ ଅନଧିକାର ଚର୍ଯ୍ୟା । ଏ ସଂପର୍କରେ ପ୍ରଶ୍ନ ଉଠାଇ ଆଲୋଚନା କରିବା ମଧ୍ୟ ଅନଧିକାର ଚର୍ଚ୍ଚା । ଏପରି ଅନଧିକାର ଚର୍ଚ୍ଚା ଓ ଚର୍ଯ୍ୟାରୁ ଶିଷ୍ୟ ଶିଷ୍ୟାମାନେ ଯଥା ସମ୍ଭବ ଦୂରେଇ ରହିବା ହିଁ ଉଚିତ । ଏହା ନହେଲେ ଗୁରୁଶକ୍ତିର ସଂଚରଣ ଶିଷ୍ୟଶିଷ୍ୟା ମଧ୍ୟରେ ସମ୍ଭବ ହୋଇ ନ ଥାଏ ବା ଯଦିବ ସମ୍ଭବ ହୁଏ, ଶିଷ୍ୟଶିଷ୍ୟା ତାହା ସଂରକ୍ଷଣ କରିବାକୁ ସମର୍ଥ ବା ସକ୍ଷମ ହୋଇ ପାରନ୍ତି ନାହିଁ ।

ଗୁରୁଙ୍କର ଶକ୍ତି ଯେତିକି ଲୌକିକ ତହୁଁ ବହୁଅଧିକ ଅଲୌକିକ ମଧ୍ୟ । ଉପଯୁକ୍ତ ସ୍ଥାନରେ, ଉପଯୁକ୍ତ କାଳରେ ଓ ଉପଯୁକ୍ତ ପାତ୍ର ନିକଟରେ ଏହି ଗୁରୁଶକ୍ତିର ଅଲୌକିକ ମହିମା ଓ ମହତ୍ତ୍ୱ ପ୍ରକଟିତ ହୋଇଥାଏ । ଏଥିପାଇଁ ଦେଶକାଳ ନିମିତ୍ତର ଅପେକ୍ଷା ଆବଶ୍ୟକ ହୋଇଥାଏ । ଏକଥାର ଗୂଢ଼ ତତ୍ତ୍ୱ ନଜାଣି ନଶୁଣି ଗୁରୁଙ୍କ ଆଦେଶକୁ ନିର୍ବିଚାରରେ ପାଳନ ନକରି ଆପଣାର ଅଳ୍ପବୁଦ୍ଧି ବା ଦୁଷ୍ଟବୁଦ୍ଧିରେ ପରିଚାଳିତ ଜୀବ (ଶିଷ୍ୟ ବା ଶିଷ୍ୟା) ଆପଣାର ଇହକାଳ ଓ ପରକାଳର ଅଶେଷ କ୍ଷତି ଓ ଅନିଷ୍ଟ, ନିଜର ଅଜ୍ଞାତ ବା ଜ୍ଞାତସାରରେ କରିଥାଏ ।

ଶ୍ରୀଗୁରୁ ହିଁ ନିତ୍ୟାନନ୍ଦ, ପରମସୁଖଦ ଓ ଶରଣଦ ଅଟନ୍ତି । ନିଜସ୍ୱ ଅଳ୍ପବୁଦ୍ଧି ଦ୍ୱାରା ପରିଚାଳିତ ନହୋଇ ଶ୍ରୀଗୁରୁଙ୍କ ଶ୍ରୀପାଦପଦ୍ମରେ ସମ୍ପୂର୍ଣ୍ଣ ଆଶ୍ରିତ ଓ ଶରଣାଗତ ହୋଇ ଗୁରୁବାକ୍ୟକୁ ମଥାପାତି ଗ୍ରହଣ କରି ପାଳନ କଲେ ସେ ପ୍ରଚୁର ଆନନ୍ଦ, ପ୍ରଚୁର ପରମସୁଖ, ପ୍ରଚୁର ଶାନ୍ତି ପ୍ରଦାନ କରିବା ସହିତ ଶରଣାଗତ ଶିଷ୍ୟର ସକଳ ବନ୍ଧନ ମୋଚନ କରି ତା'କୁ ଜୀବନ୍ମୁକ୍ତ କରି ଦିଅନ୍ତି । ବ୍ରାହ୍ମୀସ୍ଥିତିରେ ରହି ଶିଷ୍ୟ ସର୍ବକାଳରେ, ସର୍ବସ୍ଥାନରେ, ସର୍ବ ଅବସ୍ଥାରେ ଶ୍ରୀପାଦପଦ୍ମକୁ ଲୟରେ ରଖି ସ୍ଥାନକାଳପାତ୍ର ବିସ୍ମୃତ ହୋଇଯାଏ । ପାଶମୁକ୍ତ ଭକ୍ତ ଭକ୍ତିମାର୍ଗରେ ମୁକ୍ତି ପାଏ - ଜୀବନକାଳ ମଧ୍ୟରେ, ଜୀବଦ୍ଦଶାରେ ॥

ଓଁ ପରମବ୍ରହ୍ମଣେ ନମଃ ! ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!

ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!**


## ଅଚ୍ୟୁତଙ୍କ ଲେଖନୀରୁ

## ଏ ମନ ସିନା ଚତୁର୍ଦ୍ଧା ମୂରତି

ଏ ମନସିନା ଚତୁର୍ଦ୍ଧା ମୂରତି ହେ ମୂଢ଼ମତି ।।୦।।

| | |
|---|---|
| ମନ କହେ ଚଇତନ | ହେତୁରେ ଦେଖ ତୁ ବ୍ରହ୍ମ |
| ଯେ ତତ୍ତ୍ୱ ଚାରିବେଦେଣ | ଦଣ୍ଡିବ ନାହିଁ ଶମନ |
| ସନକାଦି ମୁନି ଧାଉଛନ୍ତି । | ହେ ମୂଢ଼ମତି ।।୧।। |
| ନ ଖୋଳ ତଡ଼ାଗ କୂପ | ଦେଉଳ ତୋଟା ନ ରୋପ |
| ଆପନା ଦିଅଁ ନ ଥାପ | ନ ଯା ବୃନ୍ଦାବନ ଗୋପ |
| ନ ଯା ତୁହି ପ୍ରୟାଗ ଗୋମତୀ । | ହେ ମୂଢ଼ମତି ।।୨।। |
| ଯେ ଜ୍ଞାନ ହୃଦେ ନ ଧର | ତିଳକ ମାଳା ନ କର |
| ଜଟା କୌପୁନି ନ ଧର | ଭସ୍ମ ଅଙ୍ଗୁ ପରିହର |
| ଗଙ୍ଗାକୂଳେ ନାହିଁ ସଦଗତି । | ହେ ମୂଢ଼ମତି ।।୩।। |
| ଆତ୍ମାରେ ଆତ୍ମାକୁ ଦେଖ | ଦେଖିଲେ ପାଇବୁ ସୁଖ |
| ତୋର ଦେହେ ତୁହି ଦେଖ | ଦିଶୁଅଛି ଜକଜକ |
| ଭାବି କହେ ପାମର ଅଚ୍ୟୁତି । | ହେ ମୂଢ଼ମତି ।।୪।। |

***



## ଗଳ୍ପାଂଶ

# କର୍ଣ୍ଣଙ୍କର ପରଶୁରାମଙ୍କ ଠାରୁ ବ୍ରହ୍ମାସ୍ତ୍ର ପ୍ରାପ୍ତି ଏବଂ ବିପ୍ରଶାପ

କର୍ଣ୍ଣ ନିଜ ମନ ମଧ୍ୟରେ ବିଚାର କରି ଦେଖିଲେ ସେ ନିଜର ପ୍ରତିସ୍ପର୍ଦ୍ଧୀ ଅର୍ଜ୍ଜୁନଙ୍କ ଠାରୁ ସବୁଗୁଣରେ ବଡ଼, କିନ୍ତୁ ବ୍ରହ୍ମାସ୍ତ୍ର ତାଙ୍କର ନାହିଁ । ସେ ମନେ ମନେ ଭାବିଲେ ଯଦି ଯେକୌଣସି ପ୍ରକାରରେ ବ୍ରହ୍ମାସ୍ତ୍ର ତାଙ୍କ ନିକଟକୁ ଆସିଯିବ, ତେବେ ତାଙ୍କୁ ଜିତିଯିବା ଭଳି ବ୍ୟକ୍ତି ସଂସାରରେ କେହି ରହିବେ ନାହିଁ । ଆଚାର୍ଯ୍ୟ ଦ୍ରୋଣ ତାଙ୍କୁ ବ୍ରହ୍ମାସ୍ତ୍ର ଦେବେ କି ନାହିଁ ସେଥିରେ ତାଙ୍କର ସନ୍ଦେହ ଥିଲା । ସେ ଜାଣିଥିଲେ ଯେ ଆଚାର୍ଯ୍ୟ ଅର୍ଜ୍ଜୁନଙ୍କର ପକ୍ଷପାତୀ । ଅର୍ଜ୍ଜୁନଙ୍କୁ ବଳି ଅସ୍ତ୍ରବିଦ୍ୟାରେ କେହି ନିପୁଣ ହେଉ, ସେକଥା ଦ୍ରୋଣାଚାର୍ଯ୍ୟ ସହ୍ୟ କରି ପାରିବେ ନାହିଁ । ତଥାପି ସେ ମନ ମଧ୍ୟରେ ସ୍ଥିର କଲେ ଆଚାର୍ଯ୍ୟଙ୍କୁ ସେ ପ୍ରାର୍ଥନା କରି ବ୍ରହ୍ମାସ୍ତ୍ର ମାଗିବେ, ଦେଖିବେ ସେ କ'ଣ ଉତ୍ତର ଦେଉଛନ୍ତି । ସେ ଯଦି ନଦେଇ ମନା କରିଦେବେ, ତହିଁରେ କ୍ଷତି ବି ନାହିଁ । ଏପରି ଚିନ୍ତା କରି କର୍ଣ୍ଣ ଆଚାର୍ଯ୍ୟଙ୍କ ପାଖକୁ ଏକାନ୍ତରେ ଗଲେ । ଗୁରୁଙ୍କୁ ପ୍ରଣାମ କରି କହିଲେ, - ଭଗବନ୍ ! ମୁଁ ଗୋଟିଏ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା ଆପଣଙ୍କ ପାଖରେ ନିବେଦନ କରିବାକୁ ଚାହୁଁଛି । ଯଦି ଆପଣ ତାହା ସ୍ୱୀକାର କରନ୍ତି ତ.....

ସ୍ନେହର ସହିତ ଦ୍ରୋଣ କହିଲେ - କ'ଣ କହିବାକୁ ଚାହୁଁଛ, କଥା କ'ଣ ? ତୋର କୌଣସି କଥାକୁ ମୁଁ ଏତେ ସହଜରେ ଏଡ଼ାଇ ଦେଇପାରିବି ନାହିଁ । କହ । କର୍ଣ୍ଣ ଅତ୍ୟନ୍ତ ବିନୀତ ହୋଇ କହିଲେ- ଗୁରୁଦେବ, ଆପଣଙ୍କ ଦୃଷ୍ଟିରେ ସବୁଶିଷ୍ୟ ସମାନ । ଏକଥା ମଧ୍ୟ ସତ୍ୟ ଯେ ଯୋଗ୍ୟ ଶିଷ୍ୟ ବା ପୁତ୍ର ପ୍ରତି ଆଚାର୍ଯ୍ୟ ବା ପିତାଙ୍କର ଅଧିକ ଅନୁରାଗ ଥାଏ । ତଥାପି ଆଚାର୍ଯ୍ୟ ଓ ପିତାଙ୍କ ଦୃଷ୍ଟିରେ ସବୁ ଶିଷ୍ୟ ଓ ପୁତ୍ର ସମାନ । ପ୍ରାର୍ଥନା କଲେ ଗୁରୁଜନ ନିଜ ଆଶ୍ରିତର ମନୋବାଞ୍ଛା ପୂର୍ଣ୍ଣ କରିଥାଆନ୍ତି । ମୋର ଆନ୍ତରିକ ଇଚ୍ଛା ହେଉଛି ଆପଣ ମୋତେ ବ୍ରହ୍ମାସ୍ତ୍ରର ଉପଦେଶ ଦିଅନ୍ତୁ । ସେଥିପାଇଁ ଯେଉଁ ବ୍ରତ, ଅନୁଷ୍ଠାନ ବା ତପଶ୍ଚର୍ଯ୍ୟା ଆବଶ୍ୟକ, ଆପଣଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ ସେସବୁ କରିବାକୁ ପ୍ରସ୍ତୁତ । ମୁଁ ଆପଣଙ୍କର ସବୁ ପ୍ରକାର ଆଜ୍ଞା ପାଳନ କରିବି । ସେଥିରେ କୌଣସି ତ୍ରୁଟି ଆପଣ ଦେଖିବାକୁ ପାଇବେ ନାହିଁ ।

ଆଚାର୍ଯ୍ୟ ଦ୍ରୋଣ ଖୁବ୍ ଚତୁର ଥିଲେ । କର୍ଣ୍ଣ ଅର୍ଜ୍ଜୁନଙ୍କୁ ପ୍ରତିସ୍ପର୍ଦ୍ଧା କରୁଥିବା କଥା ତାଙ୍କୁ ବୁଝିବାକୁ ଡେରି ଲାଗିଲା ନାହିଁ । ଅର୍ଜ୍ଜୁନଙ୍କୁ ପରାସ୍ତ କରିବା ପାଇଁ କର୍ଣ୍ଣ ଷଡ଼ଯନ୍ତ୍ର କରିଥିବା କଥା ମଧ୍ୟ ଦ୍ରୋଣ ବୁଝିଗଲେ ।

କର୍ଣ୍ଣ ଥିଲେ ଜନ୍ମଜାତ ବୀର । ସଂସାରରେ ବର୍ତ୍ତମାନ କେହି ତାଙ୍କୁ ପରାସ୍ତ କରିବାକୁ ସମର୍ଥ ନୁହନ୍ତି । ବ୍ରହ୍ମାସ୍ତ୍ର ପାଇଗଲେ ସେ ତ୍ରିଲୋକ ବିଜୟୀ ହୋଇଯିବେ । ଏସବୁ ଚିନ୍ତାକରି ବାହାରକୁ ପ୍ରସନ୍ନତା ଦେଖାଇ ଆଚାର୍ଯ୍ୟ କହିଲେ - ତୁ ଯାହା କହୁଛୁ ତାହା ଠିକ୍ କଥା । ମୋ ଆଖିରେ ସବୁ ଶିଷ୍ୟ ସମାନ । ତୁ ଶୂରବୀର ହୋଇଥିବାରୁ ତୋ ପ୍ରତି ମୋର ମଧ ଅନୁରାଗ ରହିଛି । କିନ୍ତୁ ବ୍ରହ୍ମାସ୍ତ୍ରକୁ ସମସ୍ତେ ଧାରଣ କରିବାକୁ ଅସମର୍ଥ । ତାକୁ ଦୁର୍ଦ୍ଧର୍ଷ ତେଜ ବିଶିଷ୍ଟ ତପସ୍ୱୀ ବ୍ରାହ୍ମଣ ଧାରଣ କରିପାରେ ଏବଂ ପରମ ପରାକ୍ରମୀ କୁଳୀନ କ୍ଷତ୍ରିୟ ମଧ ଧାରଣ କରିପାରେ । ତେଣୁ ମୁଁ ତୋତେ କିପରି ସେ ବିଷୟରେ ଶିକ୍ଷା ଦେଇ ପାରିବି ? ଏ ଶିକ୍ଷା ପ୍ରଦାନରେ ଅସୁବିଧା ରହିଛି, ନଚେତ୍ ମୁଁ ତୋତେ ତାହା ପ୍ରଦାନ କରିଥାନ୍ତି ।

ଏହା ଶୁଣି କର୍ଣ୍ଣଙ୍କ ଚେହେରା ମଳିନ ପଡିଗଲା । ଚତୁର ଆଚାର୍ଯ୍ୟ ଏପରି ଭାବରେ ମର୍ମଭେଦୀ ପ୍ରହାର କଲେ ଯେ କର୍ଣ୍ଣ କୌଣସି ଉତ୍ତର ଦେଇ ପାରିଲେ ନାହିଁ । ମନେମନେ ଆତ୍ମଗ୍ଲାନିରେ ଜଳିବାକୁ ଲାଗିଲେ । ତାଙ୍କ ମୁଣ୍ଡ ତଳକୁ ହୋଇଗଲା । ସେ ଲଜ୍ଜିତ ହୋଇ ପଦେମାତ୍ର ଉତ୍ତର ନଦେଇ ଆଚାର୍ଯ୍ୟଙ୍କୁ ପ୍ରଣାମ କରି ସେଠାରୁ ବିଦାୟ ନେଲେ । ସେ ମର୍ମେ ମର୍ମେ ଅନୁଭବ କଲେ ଯେ ସଂସାରରେ ଗୁଣଗ୍ରାହୀ ଲୋକର ଅଭାବ ରହିଛି । ସମସ୍ତେ ସ୍ୱାର୍ଥପର, ପକ୍ଷପାତୀ ଏବଂ ଈର୍ଷାପରାୟଣ । ଆଚାର୍ଯ୍ୟଙ୍କ ଠାରୁ ନାସ୍ତିସୂଚକ ଉତ୍ତର ପାଇ କର୍ଣ୍ଣଙ୍କର ଅଭିଳାଷ ବରଂ ବଢ଼ିବାକୁ ଲାଗିଲା ।

ମଣିଷ ଯେତେବେଳେ ସବୁଠାରୁ ନିରାଶ ହୋଇପଡ଼େ, ତାକୁ ସବୁଦିଗ ଅନ୍ଧାର ଦେଖାଯାଏ । ସେତେବେଳେ ସେ ସତ୍ୟପଥରୁ ବିଚ୍ୟୁତ ହୋଇପଡ଼େ । ସେ ଭାବେ ଯଦି କିଛି ମାତ୍ର ଅନୁଚିତ କାର୍ଯ୍ୟକରି ମିଥ୍ୟା କହିବା ଦ୍ୱାରା କାର୍ଯ୍ୟ ହାସଲ କରାଯାଇ ପାରେ, ତେବେ ସେଥିରେ ଅବା କ୍ଷତି କ'ଣ ? ଲୋକ ସତ୍ୟରୁ ବିଚ୍ୟୁତ ହେବା ପରେ ବୁଝିପାରେ ନାହିଁ ଯେ ଅସତ୍ୟରୁ ଉପାର୍ଜିତ ବସ୍ତୁ କ୍ଷଣକ ପାଇଁ ମନକୁ ସୁଖକର ଜଣାଯାଏ ସିନା, ମାତ୍ର ପରିଣାମରେ ତାହା ବହୁତ ଦୁଃଖପ୍ରଦ ହୋଇଥାଏ । ସର୍ବଦା ଓ ସର୍ବଥା ସତ୍ୟର ହିଁ ଜୟ ହୋଇଥାଏ । କର୍ଣ୍ଣ ମଧ ଚିନ୍ତା କରିବାକୁ ଲାଗିଲେ - ବ୍ରହ୍ମାସ୍ତ୍ର ପ୍ରାପ୍ତିପଥରେ ମୋର ସୂତପୁତ୍ରତ୍ୱ ହେଉଛି କଣ୍ଟକ ସଦୃଶ । ଏହି କଥାକୁ ଗୋପନ ରଖି ମୁଁ କାହିଁକି ବ୍ରହ୍ମାସ୍ତ୍ର ଲାଭ ନକରିବି ? ଦ୍ରୋଣାଚାର୍ଯ୍ୟ ଶିକ୍ଷା ନଦେଲେ ନାହିଁ । ଦ୍ରୋଣାଚାର୍ଯ୍ୟଙ୍କୁ ଯିଏ ଉକ୍ତ ଶିକ୍ଷା ଦେଇଛନ୍ତି, ସେହି ଭଗବାନ୍ ପରଶୁରାମଙ୍କ ଠାରେ କାହିଁକି ଶରଣ ନନେବି ? ସେହି ମହାପରାକ୍ରମୀ ବ୍ରାହ୍ମଣଙ୍କୁ ନିଜ ସେବାରେ ସନ୍ତୁଷ୍ଟ କରାଇ ବ୍ରହ୍ମାସ୍ତ୍ର ଅବଶ୍ୟ ଲାଭ କରିବି । ଏପରି ଚିନ୍ତାକରି କାହାକୁ କିଛି ନକହି କର୍ଣ୍ଣ ମହେନ୍ଦ୍ର ପର୍ବତରେ ଅବସ୍ଥାନ କରୁଥିବା ପରଶୁରାମଙ୍କ ନିକଟରେ ପହଞ୍ଚିଲେ ! ପରଶୁରାମଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣାମ କରି ବିନୀତ ଭାବରେ କହିଲେ - ଭଗବନ୍, ମୁଁ ଭୃଗୁବଂଶୀ ବ୍ରାହ୍ମଣ । ଆପଣଙ୍କ ଚରଣରେ ଆଶ୍ରୟ ନେଇ ଆପଣଙ୍କ ପାଖରୁ ଅନ୍ୟାନ୍ୟ ଶସ୍ତ୍ର ତଥା ବ୍ରହ୍ମାସ୍ତ୍ର ଶିକ୍ଷା କରିବାକୁ ଇଚ୍ଛା କରୁଛି । ଯଦି ଆପଣଙ୍କର କୃପାହେବ ଏବଂ ମୋତେ ଯଦି ଆପଣ ଯୋଗ୍ୟ ବୋଲି ବିବେଚନା କରିବେ, ତେବେ ମୋତେ ଆପଣଙ୍କ ଚରଣରେ ଆଶ୍ରୟ ପ୍ରଦାନ କରନ୍ତୁ । କର୍ଣ୍ଣଙ୍କର ରୂପ, ତେଜ, ଶୀଳ. ସଦାଚାର ଏବଂ ନମ୍ରତା ପ୍ରଭୃତି ଗୁଣକୁ ଦେଖି

ଭଗବାନ ପରଶୁରାମ ଅତ୍ୟନ୍ତ ପ୍ରସନ୍ନ ହେଲେ । ତା'ପରେ ସେ ତାଙ୍କର ଗୋତ୍ର, ପ୍ରବର, ଶାଖା ଆଦି ପଚାରି ବୁଝି ସାରିବା ପରେ ନିଜ ପାଖରେ ରହିବା ପାଇଁ ତାଙ୍କୁ ଅନୁମତି ଦେଲେ ।

କର୍ଣ୍ଣ ବଡ଼ ସାବଧାନତାର ସହିତ ସେଠାରେ ରହି ପରଶୁରାମଙ୍କର ସେବା କରିବାରେ ଲାଗିଲେ । କୌଣସି କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି କଲେ ନାହିଁ । ଗୁରୁଙ୍କର ସବୁପ୍ରକାର ସେବାରେ ନିଜକୁ ଲଗାଇଲେ । କ୍ରମେ ଗୁରୁ ତାଙ୍କୁ ବ୍ରହ୍ମାସ୍ତ୍ରର ପ୍ରୟୋଗ, ସଂହାର, ଉପସଂହାର ଆଦି ସମସ୍ତବିଦ୍ୟା ପ୍ରଦାନକଲେ । ବ୍ରହ୍ମାସ୍ତ୍ର ଶିକ୍ଷା ଲାଭ କରି କର୍ଣ୍ଣ ପରମ ଆନନ୍ଦିତ ହେଲେ । ନିଜର ଅସ୍ତ୍ରବିଦ୍ୟାକୁ ଦୃଢ଼ତର କରି ସଂସାରରେ ଅଦ୍ୱିତୀୟ ବୀର ହେବା ପାଇଁ କର୍ଣ୍ଣ ଅନେକ କଠୋର ପରିଶ୍ରମ କରିବାରେ ଲାଗିଲେ । ସେ ଘୋର ଜଙ୍ଗଲ ମଧ୍ୟକୁ ଏକାକୀ ଯାଇ ନିରନ୍ତର ଅସ୍ତ୍ର ଚାଳନା ଅଭ୍ୟାସ କରିବାରେ ଲାଗିଲେ । ତାଙ୍କର ଏପରି ପରାକ୍ରମ ଦେଖି ପରଶୁରାମଙ୍କ ନିକଟକୁ ଆସୁଥିବା ଯକ୍ଷ, ରାକ୍ଷସ, ଗନ୍ଧର୍ବ, ଗୁହ୍ୟକ ଏବଂ ଦେବତାମାନେ ମଧ୍ୟ ବିସ୍ମିତ ହୋଇ ପଡ଼ିଲେ । ସେହି କାରଣରୁ ସେ ସବୁ ଦେବତା ଓ ଉପଦେବତାଙ୍କ ସହିତ କର୍ଣ୍ଣଙ୍କର ସଂପର୍କ ଘଟିଲା । କର୍ଣ୍ଣ ବିଦ୍ୟା ଲାଭ କରିବା ପାଇଁ ବହୁ କଠିନ ପରିଶ୍ରମ କଲେ ସିନା, କିନ୍ତୁ ଭାଗ୍ୟବିଧାତାକୁ କିଏ ଏଡ଼ାଇ ଦେଇପାରେ ? ପୁରୁଷାର୍ଥ ବଳରେ ଦୈବୀ ବିପତ୍ତିକୁ ଦୂର କରି ହୁଏ ନାହିଁ । ବିପତ୍ତିରୁ ହୁଏତ କିଛି ପରିମାଣରେ ନିସ୍ତାର ମିଳିପାରେ । ଆମେ କିଛି କରିବାକୁ ଚାହୁଁ, ମାତ୍ର ତାହା ଆଉ ଏକ ପ୍ରକାର ହୋଇଯାଏ । ଏହାକୁ ଭାଗ୍ୟଚକ୍ର କୁହାଯାଏ । ଭାଗ୍ୟଚକ୍ର ହେଉଛି ଗୋଟିଏ ଫାଶ ସ୍ୱରୂପ । ଏହା ସବୁବେଳେ ଆମକୁ ବାନ୍ଧି ବନ୍ଧନରେ ପକାଇ ଦିଏ ।

'ଗହନା କର୍ମଣୋ ଗତିଃ' । ଯାହା ମଣିଷ ସ୍ୱପ୍ନରେ ସୁଦ୍ଧା ଆଶା କରି ନ ଥାଏ, ଭାଗ୍ୟର ତାଡ଼ନାରୁ ତାହା ଅକସ୍ମାତ୍ ଘଟିଯାଏ । ଅନିଚ୍ଛା ସତ୍ତ୍ୱେ ଆମକୁ ଅନେକ ଦୁଃଖ ଭୋଗ କରିବାକୁ ପଡ଼ିଥାଏ । ତେଣୁ ତାକୁ ଭାଗ୍ୟ, ପ୍ରାରବ୍ଧ, ଦୈବ ବୋଲି କୁହାଯାଏ । ବଳିରାଜା, ରାଜା ହରିଶ୍ଚନ୍ଦ୍ର, ନୃପତିନୃଗ, ରାଜା ରାମ, ନଳରାଜା ଇତ୍ୟାଦିଙ୍କୁ ଭାଗ୍ୟଚକ୍ର ହେତୁ ବହୁ କଷଣ ଭୋଗିବାକୁ ପଡ଼ିଛି । କର୍ଣ୍ଣଙ୍କର ମଧ୍ୟ ସେହି ଦଶା ହେଲା ।

ଥରେ କର୍ଣ୍ଣ ଅସ୍ତ୍ର ଅଭ୍ୟାସ କରୁଥାଆନ୍ତି । ଅକସ୍ମାତ୍ ଜଣେ ଅଗ୍ନିହୋତ୍ରୀ ବ୍ରାହ୍ମଣଙ୍କର ଦୁଗ୍ଧବତୀ ଗାଈର ବାଛୁରୀ ଦେହରେ ତାଙ୍କ ଶର ବାଜିବାରୁ ବାଛୁରୀଟି ନିହତ ହେଲା । କର୍ଣ୍ଣ ଥିଲେ ବଡ଼ ଦୟାଳୁ । ସେ ଆବାଲ୍ୟ ଗୋବ୍ରାହ୍ମଣ ଭକ୍ତ ଥିଲେ । ଗୋବ୍ରାହ୍ମଣଙ୍କ ରକ୍ଷା ନିମିତ୍ତ ସେ ନିଜ ପ୍ରାଣକୁ ମଧ୍ୟ ବିସର୍ଜନ କରିବାକୁ ପ୍ରସ୍ତୁତ ଥିଲେ । ସେ କ'ଣ ଜାଣିଶୁଣି ବାଛୁରୀକୁ ବଧ କରିଥିଲେ ? ଦୈବଯୋଗକୁ ତାଙ୍କ ବାଣ ବାଛୁରୀକୁ ଆଘାତ କଲା ଓ ବାଛୁରୀଟି ମରିଗଲା । ତାହା ଜାଣି କର୍ଣ୍ଣ ବହୁତ ଅନୁତାପ କଲେ ଓ ଦୁଃଖରେ ମ୍ରିୟମାଣ ହୋଇଗଲେ । ଗାଈର ଅଧିକାରୀ ବ୍ରାହ୍ମଣ ଏ ଘଟଣା ଜାଣି ପ୍ରଚଣ୍ଡ କୁପିତ ହୋଇଗଲେ । ସେ କର୍ଣ୍ଣଙ୍କୁ ଅଭିଶାପ ଦେଇ କହିଲେ - ରେ ଦୁଷ୍ଟ, ଦୁରାଚାର ! ତୁ ବଡ଼ ଅନୁଚିତ କର୍ମ କଲୁ । ଏ ଅପରାଧର ଉଚିତ ଦଣ୍ଡ ହେଉଛି ତୋତେ ସେହିପରି ଅସହାୟ ଅବସ୍ଥାରେ ନିହତ କରିବା । କିନ୍ତୁ ମୁଁ ବ୍ରାହ୍ମଣ । ଧନୁଶର ଧାରଣ କରି ପାରିବି ନାହିଁ । କେବଳ ତୋତେ ଅଭିଶାପ ଦେଉଛି - ଯାହାକୁ ପରାସ୍ତ କରିବାକୁ ତୁ ଏତେ ପରିଶ୍ରମ

କରୁଛୁ ଓ ଆନନ୍ଦିତ ହେଉଛୁ, ସେହି ବ୍ୟକ୍ତି ତୋତେ ନିହତ କରିବ । ତୁ ଯେପରି ଅସାବଧାନତାର ସହିତ ମୋ ବାଛୁରୀକୁ ନିହତ କଲୁ, ସେହିପରି ଘୋର ଯୁଦ୍ଧ ସମୟରେ ତୋ ରଥଚକ୍ରକୁ ମେଦିନୀ ଗ୍ରାସ କରିଥିବା ଅବସ୍ଥାରେ ଏବଂ ତୋର ଅସାବଧାନତା ହେତୁ ତୋ ଶତ୍ରୁ ତୋତେ ନିହତ କରିବ । ତୁ ଗୋହତ୍ୟାକାରୀ, ଯଥାଶୀଘ୍ର ଏ ସ୍ଥାନ ଛାଡ଼ି ଚାଲିଯା ।

ବ୍ରାହ୍ମଣଙ୍କ ଅଭିଶାପ ଶୁଣି କର୍ଣ୍ଣ ବଡ଼ ନମ୍ରତାର ସହିତ ବହୁ ଅନୁନୟ କରି ତାଙ୍କୁ ପ୍ରସନ୍ନ କରାଇବାକୁ ଚାହିଁଲେ । ସେ ନିଜର ଅସାବଧାନତା କଥା ବୁଝାଇ କହିଲେ । ବାଛୁରୀ ବଦଳରେ ଅସଂଖ୍ୟ ଗାଈ ଦେବା କଥା ମଧ୍ୟ କହିଲେ । ଶେଷରେ ନିଜର ସମସ୍ତ ଧନ ଓ ଐଶ୍ୱର୍ଯ୍ୟକୁ ବ୍ରାହ୍ମଣଙ୍କ ଚରଣରେ ସମର୍ପଣ କରିଦେବା କଥା କହିଲେ । ମାତ୍ର ବ୍ରାହ୍ମଣ ପ୍ରସନ୍ନ ହେଲେ ନାହିଁ । ସେ ପ୍ରଚଣ୍ଡ କ୍ରୋଧର ସହିତ କହିଲେ - ତୁ ଆମରଣ ଏଠାରେ ଦୁଃଖଶୋକରେ ଗଡ଼ିଲେ କିମ୍ବା ନାକ ଘଷିଲେ ମଧ୍ୟ କିଛି ଲାଭ ହେବ ନାହିଁ । ମୁଁ ଯାହା କହିଲି ତାହା ଅନ୍ୟଥା ହେବ ନାହିଁ । ମୁଁ କୌତୁହଳରେ ମଧ୍ୟ କେବେ ମିଥ୍ୟା କହି ନାହିଁ । ମୋ ଅଭିଶାପ କଦାପି ଟଳିବ ନାହିଁ । ମୁଁ ମଧ୍ୟ ତାକୁ ଫେରାଇ ନେଇ ପାରିବି ନାହିଁ । ଚାହିଁଲେ ତୁ ଏଠାରେ ରହିପାରୁ ବା ଚାଲିଯାଇପାରୁ ।

ଉଦାସ ମନରେ କର୍ଣ୍ଣ ନିଜ ଆଶ୍ରମ ଅଭିମୁଖେ ଫେରିଆସିଲେ । ନିଜ କୃତକର୍ମ ପାଇଁ ବହୁତ ଅନୁତାପ କଲେ । ତାଙ୍କର ସ୍ମରଣ ହେଲା ଦୈବ ହେଉଛି ବଳବାନ୍ । ସେ ଚାହିଁ ନ ଥିଲେ ମଧ୍ୟ ବିପତ୍ତି ତାଙ୍କ ଉପରକୁ ଅକସ୍ମାତ୍ ମାଡ଼ିଆସିଲା । ତାଙ୍କୁ ବ୍ରହ୍ମ ଅଭିଶାପ ମିଳିଲା । ଶେଷରେ ପ୍ରଭୁଙ୍କର ଇଚ୍ଛାକୁ ହିଁ ସେ ମାନି ନେବାକୁ ବାଧ୍ୟ ହେଲେ ।

***ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!***

❋❋❋

**ରେ ପୂଣ୍ୟାତ୍ମା ! ଆମେ ତୁମ ଜୀବନର ସମସ୍ତ ଜଟିଳ ଗଣିତ (ମିଶାଣ, ଫେଡ଼ାଣ, ହରଣ ଓ ଗୁଣନ ଦ୍ୱାରା) କଷୁଅଛୁ । ତୁମର ଧର୍ମ, କର୍ମ, ସେବା ଓ ସମର୍ପଣ ଯେତେ ଟାଣ, ଆମେ ସେତେ ଶୀଘ୍ର ତୁମ ଭାବ ଦଉଡ଼ିରେ ବାନ୍ଧି ହୋଇଯାଉ ।**

**-ଶ୍ରୀଶ୍ରୀଗୁରୁସ୍ୱାମୀ**

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ
# ମୋହ

*ମୋହ ଏକ ମାନସିକ ବିକୃତି । ବିକୃତ ମାନସିକତାର ଦାସ ସାଜି ମଣିଷ ଏହି ବ୍ୟାଧିଗ୍ରସ୍ତ ହୁଏ । ଏହା ଏକ ଅସାଧ ବ୍ୟାଧି । ଏହା ମଣିଷକୁ ପ୍ରବୃତ୍ତି ମାର୍ଗରେ ତୀବ୍ର ବେଗରେ ଆଗେଇ ନିଏ । ହେଲେ ମୋହର ମଧୁରତା ଆସ୍ୱାଦନ କରୁ କରୁ ମଣିଷ ନରକପୁରରେ ପହଞ୍ଚି ଯାଏ । ତଥାପି ତା'ର ମୋହ ଭଗ୍ନ ହୁଏ ନାହିଁ । ଜାଗତିକ ଚାକଚକ୍ୟ ଓ ପ୍ରତିଷ୍ଠା ଭିତରେ ସେ ମଗ୍ନ ହୋଇ ରହିଯାଏ । ଛଳ କପଟକୁ ଅହଂକାରର କ୍ରୀତଦାସ ସାଜି ଆପଣେଇ ନିଏ । ତେଣୁ ଏଥର 'ଚରମ'ର ଅର୍ଘ୍ୟ-*

ମାୟାମୋହ ଲାଗେ ମଧୁର
ପ୍ରବୃତ୍ତି ପଥେ ଗଲେ
ନିବୃତ୍ତି ପଥଟି ଲାଗଇ
ତିକ୍ତ କଷାୟ ଭଲେ ।

ମୋହର ପ୍ରବୃତ୍ତି ଚଳାଏ
ପାପପଙ୍କେ ସହଳେ
ନିବୃତ୍ତି ଲଭିଲେ ଚନ୍ଦନ
ଚର୍ଚ୍ଚିତ ପଥେ ଚଳେ !

ମୋହ ତେଜି ତେଣୁ ସହଳ
ହୁଅ ନିର୍ମୋହ ଧନ !
ଗୁରୁ ପାଦପଦ୍ମେ ନିଶ୍ଚଳ
ରଖ ଆପଣା ମନ ॥

## ମୋହ ମାୟିକ ମାୟା

କାରଣ ସାତ୍ତ୍ୱିକ ମୋହ ଚିତ୍ରାଂଶ ଚରିତ୍ରର ପ୍ରଥମ କ୍ରମସୋପାନ ହେଉଛି, -''ମୋହ ମାୟିକ ମାୟା'' ଏହା ଜୀବ ଶରୀରରେ ନଅ ଗୋଟି ରୂପ ଧାରଣ କରି ୮୪ କୁଣ୍ଡଳରେ ପ୍ରତୀୟମାନ ହୋଇଥାଏ । ସେହି କ୍ରମସୋପାନକୁ ବିଶ୍ଲେଷଣ କରାଗଲେ, ସେଗୁଡ଼ିକ ଯଥାକ୍ରମେ-ସୁଦିକ୍ଷା, ବିଶ୍ୱାରୀ, ରତହ, ସୃଷ୍ଟି, କୌଶୀ, ପରାକ୍ଷଃ, ଗୁଜ୍ଜର, ମାୟିକ ଶୁଣ ଓ ବନ୍ଧନ ପରିବାର (ନର,ନାରୀ) ଭାବରେ ଅଦୃଶ୍ୟମାନ ସ୍ୱୟଂ କ୍ରିୟା ରଚନା କରିଚାଲନ୍ତି । ଯାହାର ପ୍ରଭାବ ଜୀବର ଅନୁଭବରେ ଆସେ । କିନ୍ତୁ, ମୋହଗ୍ରସ୍ତ ଜୀବ ତାହା ପରିପ୍ରକାଶ ନ କରି ସ୍ୱ-ସ୍ୱ କାର୍ଯ୍ୟ କରିଚାଲେ ।

ଏହା ଆତ୍ମା ପରିଚୟ, ନକ୍ଷତ୍ର ଅନୁଯାୟୀ ଆତ୍ମାର ଚଳନ, ପ୍ରାଣର ସ୍ପନ୍ଦନ, କୋଷପିଣ୍ଡ ପ୍ରତି ମୋହ ବନ୍ଧନ ଦ୍ୱାରା ମାୟା ଜଗତକୁ ମୋହ ପ୍ରେରଣ କରିଥାଏ । ସତସୁଦିକ୍ଷା କର୍ମର ବିଚାର କରି ବୈଷ୍ଣବ ମାୟା ଦ୍ୱାରା କର୍ମର ଭୋଗ ସ୍ୱତ୍ର ମାଧ୍ୟମରେ ବିମ୍ବାରୀ-ଶ୍ରବଣ-ଶବ୍ଦ ଗ୍ରହଣ କରିବା-ମତ ପରିବର୍ତ୍ତନ ଓ ପିଣ୍ଡ ପରିବର୍ତ୍ତନ କରାଇଥାଏ । ଫଳ ସ୍ୱରୂପ ମସ୍ତକ-ବିମ୍ବକ-ଚିତ୍ତ, ଚୈତନ୍ୟ ଓ ଚୈତନ୍ୟର ଚଳନ କ୍ରିୟା ଉଦ୍‌ଭବ କରାଇଥାଏ ।

କାରଣ ସାତ୍ତ୍ୱିକ ମୋହରେ 'ମ' ର କାରଣସ୍ଥିତି ଓ ଜ୍ୟୋତିର ମାୟିକ ଛବି ଅଙ୍କନ କରିଥାଏ । ପ୍ରଥମ ଅଂଶର ଏହି ଚିତ୍ର-ମାତ୍ରିକ କର୍ମ, ଶୃତିକ କର୍ମ, ଭୃତ୍ୟକ କର୍ମ ଓ ନୈରୀ କୋଷ କର୍ମ ସର୍ଜ୍ଜନା କରେ । ଏହା ଦ୍ୱାରା ସନ୍ଧିଜ କ୍ରିୟାର ଗତି+ରୀତି ଅନୁଯାୟୀ ପ୍ରଥମ ଐସ୍ତିକ ସନ୍ଧିକର୍ମ ସୂକ୍ଷ୍ମର କ୍ରିୟା ପିଣ୍ଡ ସହିତ ଯୋଗ ହୋଇଥାଏ ।

ଜୀବର ଶରୀର ଦେହାନ୍ତ ସମୟରେ, ପିଣ୍ଡ ପଡ଼ିରହେ । ଏହି ସମୟରେ ପିଣ୍ଡରୁ ସୂକ୍ଷ୍ମ ଆବେକ୍ଷିକ ଗତି ଉଦ୍ଭବ ହୁଏ, ଯାହାକି ମାଟିଘଟ ମାଟିରେ ଲୀନ ହୁଏ । ପୁନର୍ବାର ଏହା ମାୟିକ ମାୟା ସନ୍ଧି ସୃଷ୍ଟି କରେ । ଏହାକୁ 'ବିଦ୍ୟୁତ ସୁରକ୍ଷା ସନ୍ଧି' କହନ୍ତି । ଏହି ସନ୍ଧି ତ୍ରୟ ମୋହକୁ ବନ୍ଧନ ଯୋଗରେ ରକ୍ଷଣାବେକ୍ଷଣ କରେ । କାରଣ ସତ୍ତା ସନ୍ଧି ଯୋଗ ପ୍ରଣାଳୀ, ସୂକ୍ଷ୍ମ, ସ୍ଥୂଳ ଗମନ କ୍ରିୟା ମାଧ୍ୟମରେ ଅନ୍ୟ ଏକ ଜୀବ ଶରୀରରେ ପ୍ରବେଶ କରି ଅନୁଭୂତି କର୍ମରେ ଚେତା, ଚୈତନ୍ୟ ଜାଗ୍ରତ କରାଇଥାଏ । ଚେତା, ଚୈତନ୍ୟରେ ଯୁକ୍ତ ହୁଏ, ମହାଶୂନ୍ୟତତ୍ତ୍ୱ ।

# ମହାଶୂନ୍ୟ ତତ୍ତ୍ୱ





ଏହି ତତ୍ତ୍ୱ ସଂଖ୍ୟାଗୁଡ଼ିକ ଯଥାକ୍ରମେ ହେଉଛି- ୧-ସ୍ୱତ୍ରକ ବନ୍ଧନ, ୨-ମୟକାକ୍ଷ ବନ୍ଧନ, ୩-ଗୈରୀକ ବନ୍ଧନ, ୪-ନିମୃଜଃ ବନ୍ଧନ । ଏଗୁଡ଼ିକ ଇଚ୍ଛାମତେ ଆଦି, ଅନାଦି ସୃଷ୍ଟି କରି ଜୀବ ଶରୀରରେ ବନ୍ଧନ, ମୋହ ଓ କାରଣ ଜାଗ୍ରତ କରାଇଥାଆନ୍ତି ।

ଏଥିରୁ ଜନ୍ମ ଲାଭ କରେ-'କର୍ମୀକ ସ୍ୱତ୍ରାଦି ମୋହ' । ଉକ୍ତ ମୋହ, କ୍ରିୟା ପରିବର୍ତ୍ତନ କରି ଜୀବର ଭାବରେ ବନ୍ଧନ ଉଦ୍ଭବ କରାଇଥାଆନ୍ତି । ତତ୍ ସହିତ ଦ୍ୱୟ ଶକ୍ତି ଓ ଇନ୍ଦ୍ରକା ବନ୍ଧନ ରୂପେ ମହାଶୂନ୍ୟରେ ବିଚରଣ କରନ୍ତି ।

ବିଚରଣ କରୁଥିବା ଅବସ୍ଥାରେ ଜୀବ ଶରୀରରେ ହରିଦ୍ରାବର୍ଣ୍ଣ ଓ ବିଦୁର ଭାବ ସୃଷ୍ଟି ହୋଇଥାଏ । ଏହି ବିଦୁର ଭାବ ସାତ ପ୍ରକାରର, ଯଥା- ୧-କାମ୍ଭକରୁ ଭାବ, ୨-ଗୌରୀକକ୍ଷଭାବ, ୩-ଶ୍ରୁତିତ୍ରା ଭାବ, ୪-ମକ୍ରୌରୀ ଭାବ, ୫-ଶ୍ରୁରୋଧ୍ୱପ୍ତା ଭାବ, ୬- ଈଶ୍ୱର୍ଣ୍ଣା ଭାବ ଓ ୭-ମଦ୍ରୋରୀ ଭାବ । ଏ ସମସ୍ତ ଭାବ ଦ୍ୱାରା ଆଦି, ଅନାଦି ବାନ୍ଧି ହୋଇଥାଆନ୍ତି । ଏହି ବନ୍ଧନକୁ ସୁଗ୍ରୀସାର୍ଗଖ ଭାବ ଓ ମୋହ କୁହାଯାଏ । ଏହି ମୋହ ଆପେଆପେ ବାନ୍ଧି ହୋଇ ଭିନ୍ନଭିନ୍ନ ରୂପ ନେଇଥାଏ । ସେଗୁଡ଼ିକ ନଅ ପ୍ରକାରର ଯଥା: ୧-ଗଗୌରୀକା ମୋହ, ୨-ଭ୍ରକ୍ଷୁରୀ ମୋହ, ୩-ତହୁରୀକା ମୋହ, ୪-ଗର୍ବଜ ମୋହ, ୫-ମଣ୍ଡୁତ୍ରୀ ମୋହ, ୬-ଘନଘର୍ଘରୀ ମୋହ, ୭-ଅନନ୍ତବ୍ରାହ୍ମକ ମୋହ, ୮-ଗମ୍ଭୁରୀକ୍ଷ ମୋହ (ସାରୁ ପତ୍ରରେ ଜଳ) ଓ ୯-ନିର୍ମଳ ଶ୍ରତୋ ମୋହ ।

ଏହି ମହାଶୂନ୍ୟ ତତ୍ତ୍ୱରେ ଯୁକ୍ତ ହୁଏ ଅବ୍ୟକ୍ତ ବ୍ରହ୍ମ ତତ୍ତ୍ୱ-ଏହି ତତ୍ତ୍ୱରେ ଉଦ୍ଭବ ହୁଏ-ଔରୋଧିତଃ କର୍ମ । ଏହି କର୍ମ ଆଦି, ଅନାଦିଙ୍କ ଇଚ୍ଛା ମତେ ହୋଇଥାଏ ।



ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଶୁକ୍ଳାମ୍ଭଃ କର୍ମ ଦ୍ୱାରା ଶବ୍ଦ ଓ ନାଦ ସୃଷ୍ଟି ହୋଇଥାଏ । ଊରୋଧ୍ୱତଃ କର୍ମରେ କୃତିଆଦି ବସ୍ତୁମକ ବା ବୈଷ୍ଣବମାୟା ଥାଏ । ଏହି ମାୟା ସୃଚ୍ଛକ ବନ୍ଧନ ମୋହ ଦ୍ୱାରା ଜଡ଼ିତ ହୋଇ କୌଶ୍ୱଃମ୍ଭାକ କର୍ମ ଆକଳନ କରାଇଥାଏ । ବିଷ୍ଣୁ ମାୟାର ଜୋଜକ ଏହି ମଣ୍ଡଳକୁ ବାହାରି ଚାରିଆଡ଼େ ବ୍ୟାପି ଥାଏ । ଜୋଜକ ମୋହ ଶବ୍ଦ, ନାଦ ସହିତ ମିଶି ଯେ ଯାହାର କର୍ମ ଯେତେବେଳେ ଆବଶ୍ୟକ ପଡ଼େ ସେତେବେଳେ ସଂପାଦନ କରି ଥାଆନ୍ତି । ଏହି କର୍ମ ସମୟରେ ବାଙ୍କାର ମୋହ ସୃଷ୍ଟି ହୋଇଥାଏ । ବିଷ୍ଣୁ, ବାଙ୍କାର ମୋହ ସୃଷ୍ଟି କରି ଛପି ଯାଆନ୍ତି । ଛପିବା ସମୟରେ ଯେଉଁ ମୋହ ଉଦ୍ଭବ ହୁଏ, ତାହାକୁ 'ବାଙ୍କାରିକା ଜୋଜକ ମୋହ' କୁହାଯାଏ । ଏହା କୋଟି ବ୍ରହ୍ମାଣ୍ଡର ଆକଳନ ସହିତ ମିଶି ସାତଗୋଟି ହଳଦୀ ରଙ୍ଗ ସୃଷ୍ଟି କରିଥାଆନ୍ତି । ଏହି ରଙ୍ଗ ସୃଷ୍ଟି ହୋଇ ବ୍ରହ୍ମାଙ୍କ ''ଉଡ଼ଙ୍କଶ୍ୱ'' ଗୃହକୁ ଭେଦ କରି ଗୋଟିଏ ସରଳରେଖା ସୃଜାତ୍ରିକଃ ମୋହକୁ ବାନ୍ଧି ରଖିଥାଏ । ଏହି ବନ୍ଧନ ସୂତ୍ରୀ ଦ୍ୱାରା ସୃଷ୍ଟିର ଯେତେ ଅକ୍ଷର କ୍ଷରିତ ହୋଇଥାଆନ୍ତି । ଏହା ରେଖାଙ୍କିତ ବର୍ଣ୍ଣଦ୍ୱାରା ଗୁପ୍ତରେ ଆଦିଙ୍କ ସହିତ ଲୀଳା ରଚନା କରନ୍ତି । ଏହି ଲୀଳା ଚନ୍ଦ୍ରିକ ବନ୍ଧନ ମୋହ ବୋଲାଇ ଥାଏ । ଆଦିଙ୍କର ମୋହ ବନ୍ଦ୍ରିକ ବନ୍ଧନ ଦ୍ୱାରା ସମୟାନୁଗତିପାତ ହୋଇଥାଏ । ଏହି ମୋହରୁ କିଛି ଅଂଶ ଅଣ ସ୍ୱତ୍ୱାରୀ ନେଇ ପ୍ରକୃତି ଶୁଦୋକ୍ଷୀ ମୋହ ଗଠିତ । ଏହି ଶକ୍ତି ପ୍ରକୃତିର କାରଣକୁ ବୁଝାଏ । କାରଣ ଶକ୍ତିରେ ଦେବୀ ଗୌରକ୍ଷି କ୍ରିୟା ଭାଗ ଭାଗ ହୋଇ ଗୁଣ, ଶକ୍ତି ବିକିରଣ କରି ତ୍ରିଶକ୍ତିରେ ପରିଣତ ହୋଇଥାଆନ୍ତି । ଏଥିରୁ ସାତଗୋଟି ଯଥା ୧-ଦ୍ରକ୍ଷହ୍ରାସିନୀ ମୋହ, ୨-ଉଙ୍କ ବଙ୍କନ୍ନ ମୋହ (ଅଭିଶାପ), ୩-ନିର୍ବାକରୀ ମୋହ (ଜୀବଦାନ), ୪-ତରଣଦ୍ରୋହୀ ମୋହ (ଆସୁରୀକ ଭାବକୁ ଗ୍ରାସ କରେ), ୫-ଦୃଶ୍ୟ ପରକ୍ଷ ମୋହ (ଆକଳନ ଅଗଣିତ ଶକ୍ତି), ୬- ଧୃତକ୍ଷ ମୋହ ଓ ୭-ଲୁଟପଟନ୍ନ ମୋହ ଜନ୍ମ ଲଭି ଥାଆନ୍ତି । ଏହାଦ୍ୱାରା ଦିବ୍ୟଶକ୍ତି ଅସ୍ତ୍ରଶସ୍ତ୍ରର ନାମକରଣ କରିବା ପାଇଁ ଏହି ଠାରୁ ଆଦେଶ ପ୍ରାପ୍ତ ହୋଇଥାଆନ୍ତି, ଯାହାକି ମୋହ ଶକ୍ତିରେ ବଶୀଭୂତା ହୋଇ ଅଲୌକିକତା ପ୍ରଦର୍ଶନ କରାଇଥାଆନ୍ତି ।

ଏହା ଫଳରେ ଦ୍ୱାଦଶ ମଣ୍ଡଳ ସହ ଦ୍ୱାଦଶ କୁଣ୍ଡଳ ଭେଦ କରି ଯୋଗୀର ହୃଦୟ, ପ୍ରାଣ, ତଥା ଲଲାଟଚକ୍ର ଭେଦ କରି ଯେଉଁ ଭଙ୍ଗୀରେ ଯୋଗୀ, ମୁନୀ ଋଷି, ମହାପୁରୁଷମାନେ ଆର୍ବିଭାବ ହୋଇଥାଆନ୍ତି, ସେହି ଭଙ୍ଗୀରେ ଜଗତଜନଙ୍କ ପାଇଁ ଅକ୍ଷର ଆଦର୍ଶ ଉପାଦେୟ ସୃଷ୍ଟିକରି ଜୀବ ପିଣ୍ଡରେ ଶବ୍ଦପୁଞ୍ଜର ସନ୍ଧି ଉପୁଭି କରାଇବାକୁ ହିଁ ''ମୋହ ମାୟିକ ମାୟା'' କ୍ରିୟା ରଚିତ, ସଂଗଠିତ ।

....କ୍ରମଶଃ

ମାଟିରେ ମିଶିବ ମାଟି ମଣିଷ ।
ନିଜକୁ କହୁଛୁ ଜ୍ଞାନ ଗଣେଶ ।।
ଚନ୍ଦନ, ତିଳକ ମଥାରେ ଦେଇ ।
ଦେହ ସଜାଉଛୁ ବସ୍ତ୍ର ରଙ୍ଗେଇ ।।
ଆୟୁଷ ଥିବ....
ଅଧା ବୟସରୁ ଜନ୍ତା ପଡ଼ିବ ।

-ଶ୍ରୀଶ୍ରୀଗୁରୁସ୍ୱାମୀ

# ଗରୁଡ଼ସ୍ତମ୍ଭ

## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ମାୟା ନାମ ତାର ବ୍ରହ୍ମଙ୍କ ଆଜ୍ଞାରେ ତୋ ପାଇଁ ମାଆ ଅଟଇ ।
ଅତି ଯତନରେ ମମତା ଦୋଳିରେ ଝୁଲାଉଅଛି ସେ ରହି ॥
ମାତୃତ୍ୱ ପାଶୋରି ରହସ୍ୟ ବିସ୍ମରି ସମ୍ଭୋଗରେ ମାତିଗଲୁ ।
ମାୟାର ଅଗ୍ନିରେ ଝାସଦେଇ ଶେଷେ ଅକାଳରେ ଜଳିଗଲୁ ॥
ଶ୍ରୀଶ୍ରୀଶ୍ରୀ ଠାକୁର

*ବ୍ରହ୍ମଙ୍କ ଲୀଳା ସଂରଚନର ନାୟିକା ଭାବରେ ପ୍ରକୃତିରାଣୀ ନିଜର ମାୟା ବିସ୍ତାର କରିଛି । ନିଜମାୟାରେ ନିଜେ ବନ୍ଦିନୀ ହୋଇ ଜନନୀ, ଭଗିନୀ, ଜାୟା ରୂପରେ ଅବତୀର୍ଣ୍ଣା ହୋଇଛି । କିନ୍ତୁ ମୋହ ଗ୍ରସ୍ତ ଜୀବ ତାକୁ କେବଳ ଏକ ଭୋଗ୍ୟ ବା ସମ୍ଭୋଗର ମାଧମ ଭାବରେ ସୀମିତ ରଖିଛି । ଫଳରେ ନିଜର ଅଜ୍ଞାତରେ ସେ ପ୍ରତ୍ୟେକ ମୁହୂର୍ତ୍ତରେ ମାତୃ ଅଭିଶାପରେ ଛନ୍ଦି ହୋଇଯାଉଅଛି, ଏକଥା ବୁଝିବାପାଇଁ ତାକୁ ସୁଯୋଗ, ସମୟ ନାହିଁ । ସେହି ଅଭାବନୀୟ ପରିସ୍ଥିତିରୁ ଅଜ୍ଞାନ ଜୀବକୁ ଜ୍ଞାନାଲୋକରେ ବୁଦ୍ଧିମନ୍ତକରି ମାତୃପୂଜନ ଅବସ୍ଥାକୁ ନେଇ ଆଶୀର୍ବାଦପ୍ରାପ୍ତ କରାଇବା ଉଦ୍ଦେଶ୍ୟରେ ଜନ୍ମନେଇଛି ପରମପିତାଙ୍କର ଏହି ଦୁର୍ଲ୍ଲଭ ସ୍ତମ୍ଭ ''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ''*

'ଚରମ' ନବମ ପୁଷ୍ପ - ତୃତୀୟ ପାଖୁଡ଼ା- ୪୬ (ଷଟ୍ ଚତ୍ୱାରିଂଶ)ତମ ସଂଖ୍ୟାରୁ......

### ବୈଷ୍ଣବୀ ମାୟା

### ମୁଁ ଭୂମାଯୋଗୀ ମାୟା କହୁଛି

(ପୂର୍ବରୁ ମୋର ସୃଷ୍ଟି ଓ ନାମକରଣର ରହସ୍ୟ କହିଛି । ଏଥରକ ମୋର କ୍ରିୟା, କର୍ମ ଏବଂ ଶକ୍ତି ସଂପର୍କରେ ସୂଚନା ଦେଉଛି ।)

### ଦେବଲୋକ ତପଲୋକ ଆଦି ସପ୍ତଲୋକରେ ମୋର ପ୍ରଭାବ :

'ବ୍ରହ୍ମଭୌମୀ ଭୂମା'ଙ୍କ ସୂକ୍ଷ୍ମ ଇଙ୍ଗିତ ଓ ସ୍ରଷ୍ଟାଙ୍କ ଇଚ୍ଛାରେ ମୋର ମାୟାରଜ୍ଜୁ ଦ୍ୱାରା କୋଟି କୋଟି ବ୍ରହ୍ମାଣ୍ଡ ଗୈରୀକ ବର୍ଣ୍ଣ ଧାରଣ କରି ମହାଶୂନ୍ୟରେ ଘୂର୍ଣ୍ଣନ କରୁଛନ୍ତି । ଯୋଗସୂତ୍ରକାରିଣୀ ରୂପେ ମୁଁ ଦେବଲୋକକୁ ଏହି ବ୍ରହ୍ମାଣ୍ଡ ସହିତ ମିଳନ କରାଇଥାଏ । ଏହି ସମୟରେ ମୁଁ ବ୍ରହ୍ମଙ୍କ ଇଚ୍ଛା ଅନୁଯାୟୀ ବାରମ୍ବାର କକ୍ଷ ପରିବର୍ତ୍ତନ କରିବା ସଂଗେ ସଂଗେ ବର୍ଣ୍ଣ ମଧ୍ୟ ପରିବର୍ତ୍ତନ କରିଥାଏ। କେତେବେଳେ ଧବଳ କେତେବେଳେ ନୀଳ, ପୁଣି ଆବଶ୍ୟକ

ସମୟରେ ହରିଦ୍ରାବର୍ଣ୍ଣର ଜ୍ୟୋତି ଧାରଣ କରେ । କଳ୍ପସୂତ୍ରରେ ଯେତେ ବିଜ୍ଞାନ ତତ୍ତ୍ୱ ଗଚ୍ଛିତ ହୋଇରହିଛି, ସେ ସମସ୍ତ ତତ୍ତ୍ୱ ଭୂମାଙ୍କ ନିର୍ଦ୍ଦେଶରେ ମୁଁ ହିଁ ବିକଶିତ କରାଇଥାଏ । ଦେବତାମାନଙ୍କର କ୍ରୋଧ, କ୍ଷୁଧା, ତୃଷା, ନିଦ୍ରା, ଶାନ୍ତି, କ୍ଷାନ୍ତି, ତନ୍ଦ୍ରା, ଦୟା, କ୍ଷମା, ଛାୟା, ଚେତନା, ତୁଷ୍ଟି, ପୁଷ୍ଟି, ଲକ୍ଷ୍ମୀ ବୃତ୍ତି ଇତ୍ୟାଦି ମୋ ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଥାଏ । ଯେତେବେଳେ ଦେବଲୋକରେ ବିପତ୍ତି ଆସେ, ସେତେବେଳେ ବ୍ରହ୍ମଙ୍କ ଆଦେଶରେ ମୁଁ ସୂକ୍ଷ୍ମଅବସ୍ଥା ପରିହାର କରି ସ୍ଥୂଳ ରୂପରେ ଆବିର୍ଭୂତା ହୁଏ ଏବଂ ସେମାନଙ୍କର ସମସ୍ତ ଦୁର୍ଗତି ନାଶ କରି ସେମାନଙ୍କୁ ରକ୍ଷାକରେ । ଦେବତାମାନଙ୍କ ନିକଟରେ ନିଜେ ଶକ୍ତି ସ୍ୱରୂପା ହୋଇ ଅବସ୍ଥାନ କରୁଥାଏ । ସତ୍ତ୍ୱଗୁଣରହିତ ହୋଇ ଦେବତାମାନେ ପଥଭ୍ରଷ୍ଟ ହେଲେ ପିତାଙ୍କ ଆଜ୍ଞାରେ ମୁଁ ସେମାନଙ୍କୁ ମାୟାରେ ବନ୍ଧନ କରି ଦଣ୍ଡ ପର୍ଯ୍ୟନ୍ତ ଗତିକରାଇଦିଏ ।

''ଅମନିତି ଭୂମା''ଙ୍କ ସହ ସଂଯୁକ୍ତ ହୋଇ ଦେବତାମାନଙ୍କର ସତ୍, ନିଷ୍ଠା, ଦୃଢ଼ତା, ଅଖଣ୍ଡବାକ୍ୟ, ଅଭିଶାପ, ଜିଦ୍, ଅଟଳପ୍ରତିଜ୍ଞା, ସତ୍‌ର ଅହଂତତ୍ତ୍ୱଜ୍ଞାନ, ବିଜ୍ଞାନ ଆଦି ସମସ୍ତ କ୍ରିୟା ସୂକ୍ଷ୍ମ ବ୍ରହ୍ମାଣ୍ଡ ତତ୍ତ୍ୱରେ ପରିଚାଳନା କରେ । ଏହି ସତ୍‌କ୍ରିୟା ସଂପାଦନ କରାଇବା ସମୟରେ ମୁଁ ଧବଳବର୍ଣ୍ଣର ଜ୍ୟୋତିଦ୍ୱାରା ଉଦ୍‌ଭାସିତ ହେଉଥାଏ । ମୋର ଏହି ଜ୍ୟୋତିଦର୍ଶନ କରିବାମାତ୍ରେ ଦେବତାମାନେ ସେହି ସେହି ଶକ୍ତିର ଅଧିକାରୀ ହୋଇଯାଆନ୍ତି ।

'ବିମନତି ଭୂମା'ଙ୍କୁ ମହାଶୂନ୍ୟ ସୂତ୍ରରେ କାରଣଜଗତରେ ଲାଲବର୍ଣ୍ଣ ଜ୍ୟୋତିରେ ମୁଁ ଝୁଲାଉଥାଏ । ଜରାୟୁ ଦ୍ୱାରା ପିଣ୍ଡ ମଧ୍ୟକୁ ଆସି ସୂକ୍ଷ୍ମକ୍ରିୟା ଚଳନ ପବନ ସୂତ୍ରରେ ପ୍ରବେଶ କରାଏ । ''କମଧ୍ୱଜ ଭୂମା''ଙ୍କ ଧବଳବର୍ଣ୍ଣ ଓ ଲାଲବର୍ଣ୍ଣ ଅଂଶୁର ପ୍ରତ୍ୟେକଗୁଣକୁ କାରଣ ଜଗତରୁ ସ୍ଥୂଳସତ୍ତା ପର୍ଯ୍ୟନ୍ତ ମୁଁ ହିଁ ପ୍ରବାହିତ କରାଇଦିଏ । ଗୋପନରେ ବାୟୁଚଳନ ଗତିବେଗ ବୃଦ୍ଧି କରାଇ ସୁଷୁମ୍ନା ନାଡ଼ିରେ ମୂଳପିଣ୍ଡ ରୂପେ ସିଦ୍ଧ କରାଇ ଦେଉଥାଏ ।

''ଉର୍ମ୍ମାଶୂରୀ ଭୂମା''ଙ୍କ ସହ ଏକତ୍ର ହୋଇ ଦେବତାମାନଙ୍କୁ ଅଷ୍ଟସିଦ୍ଧି, ନବନିଧିର ଶକ୍ତି ପ୍ରଦାନ କରାଇଥାଏ । ଏହି ସମୟରେ ଉର୍ମ୍ମାଶୂରୀ ଭୂମାଙ୍କ ସହ ଧବଳବର୍ଣ୍ଣର ଜ୍ୟୋତିରେ ଶଗଡ଼ ଚକର ଆକୃତି ନେଇ ମୁଁ ମହାଶୂନ୍ୟରେ ଥାଏ । ନବନିଧିର ସୂକ୍ଷ୍ମ ଆଶିଷ ଦ୍ୱାରା ଦେବତାମାନେ ସୌରଶକ୍ତି ଆଧାରିତ ଔଷଧୀୟ ଗୁଣଶକ୍ତି ପ୍ରାପ୍ତ ହୋଇଥାନ୍ତି ଏବଂ ଆବଶ୍ୟକ ସମୟରେ ବରଦାନ ମାଧ୍ୟମରେ ମର୍ତ୍ତ୍ୟଭୂମିସ୍ଥ ଜୀବଜଗତଙ୍କର କଲ୍ୟାଣ ସାଧନ କରନ୍ତି ।

ଦେବଲୋକଠାରୁ ମର୍ତ୍ତ୍ୟଲୋକ ପର୍ଯ୍ୟନ୍ତ ମୁଁ ହିଁ କ୍ଷୁଧା ରୂପରେ ରହିଥାଏ । ମୋର ଏହି କ୍ଷୁଧାରୂପ ବ୍ରହ୍ମାଣ୍ଡରେ ଧୂସର ବର୍ଣ୍ଣ ହୋଇ ବୁଲୁଥାଏ । କଳ୍ପରୁ ଯେତେବେଳେ ଏହି ଧୂସରବର୍ଣ୍ଣରୂପୀ କ୍ଷୁଧା ସତ୍ୟଲୋକକୁ ପ୍ରବେଶ କରେ, ସେତେବେଳେ ଏହାର ବର୍ଣ୍ଣ ପରିବର୍ତ୍ତନ ହୋଇ ଗୈରୀକ ହୋଇଯାଏ । ପୁନଶ୍ଚ ସତ୍ୟଲୋକରୁ ତପଲୋକକୁ ପ୍ରବେଶ କରିବା ସମୟରେ ନୀଳବର୍ଣ୍ଣ ଧାରଣ କରେ । ସୂକ୍ଷ୍ମରେ ପିଣ୍ଡ ମଧ୍ୟରେ ପ୍ରବେଶ କରିଗଲେ ଆପେ ଆପେ କ୍ଷୁଧା ହୁଏ ଏବଂ ପିଣ୍ଡ ଆହାର ଭକ୍ଷଣ କରେ ।

ମୁଁ ହିଁ 'ତୃଷ୍ଣା' ଅଟେ । ସତ୍ୟଲୋକରେ ମଜ୍ଜାରେ ଓ ତପଲୋକରେ ଅସ୍ଥିର ମଜ୍ଜା ମଧ୍ୟରେ ଲାଲବର୍ଣ୍ଣର ଜ୍ୟୋତିନେଇ ରହିଥାଏ । ଯମଲୋକରେ କ୍ରୋଧର ଅଗ୍ନିରେ ରହିଥାଏ । ତୃଷା ମେଣ୍ଟିଲେ କ୍ରୋଧ ମେଣ୍ଟିଯାଏ । ଏହି କ୍ରୋଧ ସଦ୍‌ଭାବରେ ପୂର୍ଣ୍ଣ ହୋଇଥାଏ । ଏଥିରେ ଆବିଳତା ଆଦୌ ନଥାଏ । ଦେବତାମାନଙ୍କର ବୁଦ୍ଧି ମୁଁ ହିଁ

ଅଟେ । ଶୂନ୍ୟରେ ଧବଳବର୍ଣ୍ଣ ଧାରଣକରି ଘୂର୍ଣ୍ଣନ ଅବସ୍ଥାରେ ଗତି କରୁଥାଏ । ପ୍ରତି ୭°/, ଘଣ୍ଟାରେ ବର୍ଣ୍ଣ ପରିବର୍ତ୍ତନ କରି 'ଧବଳ'ରୁ ଗୈରୀକ ବର୍ଣ୍ଣକୁ ଗତିକରେ । ସପ୍ତଲୋକରେ ମୋର ବର୍ଣ୍ଣ ବାଇଗଣି ବର୍ଣ୍ଣର ଜ୍ୟୋତି ବିକିରଣ କରି ପୁଣି ବ୍ରହ୍ମଙ୍କ ନିକଟକୁ ଗତିକରେ । ଦେବଲୋକରେ ଏହି ପରିବର୍ତ୍ତିତ ଜ୍ୟୋତି ବର୍ଣ୍ଣ ଅନୁସାରେ ଦେବତାମାନଙ୍କର ବୃଦ୍ଧି ନିୟନ୍ତ୍ରଣ ହୁଏ । ମୋର ମାୟା ପ୍ରଭାବରେ ପ୍ରଭାବିତ ହୋଇ ଦେବତାମାନେ ସତ୍ତ୍ୱଗୁଣୀ ହୋଇ ବୁଦ୍ଧିମାନ ଓ ବିବେକୀ ହୋଇଥାଆନ୍ତି ।

## ମର୍ତ୍ତ୍ୟଲୋକରେ ମୋର ଭୂମିକା :-

୧. ଜୀବର ମାତୃଗର୍ଭରେ ପ୍ରଥମ ମାସଠାରୁ ଦଶମାସ ପର୍ଯ୍ୟନ୍ତ ବ୍ରହ୍ମଛନ୍ଦକୁ ରକ୍ଷି 'ଭଧୃତି ଭୂମା'ଙ୍କ ଇଚ୍ଛାରେ ଭ୍ରୁଣକୁ ପରିଚାଳନା କରେ । କାରଣଜଗତରେ ଏହିକାର୍ଯ୍ୟ ପାଇଁ ଭୂଧୃତି ଭୂମାଙ୍କ ସହ Z (ଜେଡ୍) ଆକୃତିନେଇ ଘନନୀଳ ବର୍ଣ୍ଣରେ ରହିଥାଏ । ଜରାୟୁକୁ ଆସିଗଲେ ବର୍ଣ୍ଣ ପରିବର୍ତ୍ତନ ହୋଇ ଧବଳ ହୋଇଯାଏ । ଗର୍ଭରେ ପିଣ୍ଡର ପର୍ଯ୍ୟାୟକ୍ରମିକ ବୃଦ୍ଧି, ଗତିଶୀଳତା, ବ୍ରହ୍ମରେଣୁ ସଂଯୋଗୀକରଣ, କର୍ମଫଳ ଜନିତ କୋଷ ନିର୍ମାଣ ଆଦି କର୍ମ ସମାପ୍ତ କରି ଦେହଟିକୁ ପୂର୍ଣ୍ଣାଙ୍ଗ କରି ସାରିବାପରେ ବ୍ରହ୍ମ ଗୁପ୍ତରେ ଶିଶୁର ଦୁକୁଦୁକିରେ ଅବସ୍ଥାନ କରନ୍ତି ।

୨. 'ଅବଧୃତି' ଭୂମାଙ୍କ ସହ ଏକତ୍ର ହୋଇ ଷଡ଼ଚକ୍ର ଛୟାଳିଶ ପଟଳ ଶ୍ରୁତିରେ ରହିଥାଏ । ମହାଶୂନ୍ୟରେ ବାଇଗଣି ରଙ୍ଗନେଇ ଗତି କରୁଥିବା ବେଳେ ପିଣ୍ଡରେ ସୂକ୍ଷ୍ମ ଅବସ୍ଥାରେ ଲୁଚି ରହିବା ବେଳେ ଧବଳବର୍ଣ୍ଣ ଧାରଣ କରେ । ଏହି ଅବସ୍ଥାନେଇ ଜୀବର ଷଡ଼ଚକ୍ରକୁ ମାୟାବନ୍ଧନରେ ବନ୍ଧନ କରିଦିଏ । ତେଣୁ ଜୀବ ଅଚେତନ ହୋଇଯାଏ ।

୩. ମୁଁ ହିରଣ୍ୟଗର୍ଭର 'ଧୃତି କମଣ୍ଡଳୁ'ରେ 'ଅକ୍ରିୟାଇ ଭୂମା'ଙ୍କ ସହ ଧୂସରବର୍ଣ୍ଣ ଧାରଣକରି ଗୁଡ଼େଇ ହୋଇ ଗୁପ୍ତରେ ରହିଥାଏ । କ୍ରମଶଃ ଜଳୀୟ ଅଂଶ ହୋଇ ବିସ୍ତାରିତ ହୁଏ । ଜୀବର ପିଣ୍ଡକୁ ଗୋପନରେ ଲକ୍ଷ୍ୟ କରିଥାଏ । ଆଜ୍ଞା ମିଳିବାମତ୍ରେ ସୁଷୁମ୍ନାନାଡ଼ି ଦେଇ ଏହି ଜଳକଣା ଧୂମ୍ର ବର୍ଣ୍ଣ ଧାରଣ କରି ପିଣ୍ଡରେ ଥିବା ସ୍ନାୟୁକୋଷରେ ବାୟୁସହ ଚଳଣି କ୍ରିୟା ସଂଗଠିତ କରିଥାଏ । ଫଳରେ ଖାଦ୍ୟ ହଜମ, ଦୂଷିତବାୟୁ ନିଷ୍କାସନ, ମଳତ୍ୟାଗ ଆଦି କାର୍ଯ୍ୟ କରିବାକୁ ଜୀବ ସକ୍ଷମ ହୁଏ । ସାଧକର ସାଧନକର୍ମର ପ୍ରାଣାୟାମ ସୂତ୍ର ଯଥା : ପୂରକ, କୁମ୍ଭକ ଓ ରେଚକ ଆଦି କ୍ରିୟାରେ ଅଂଶ ଗ୍ରହଣ କରି ନାଡ଼ି ସଂସ୍କାରିତ କର୍ମ ପ୍ରାଣବାୟୁ ନାମ ସୂତ୍ର ଚାଳନାଦି କ୍ରିୟା ସମ୍ଭବ କରାଇଥାଏ ।

୪. 'ଶର୍ବରୀ' ଭୂମାଙ୍କ ନିର୍ଦ୍ଦେଶରେ ହିରଣ୍ୟମଣ୍ଡଳରେ ସୋରିଷକଣା ପରି ଧବଳବର୍ଣ୍ଣ ନେଇ ରହିଥାଏ । ଆଦେଶକ୍ରମେ ଜନନୀ, ଜଠରର ଆତ୍ମା ନିରୂପଣ କରାଇ ଜୀବକୁ ୮୪ ଲକ୍ଷ ଯୋନି ଭ୍ରମଣ କରାଏ ।

କ୍ରମଶଃ...

# ବାଲ୍ୟକାଳୁ ଧର୍ମଧନ ସଞ୍ଚିବି

ହେ ମନମୋହନ ! ଭକ୍ତ ଗଣ୍ଠିଧନ !
ତେଜି ଅନନ୍ତଶୟନ ।।
ମୁକ୍ତିବୀଜଚୁଣି, ଶ୍ରୀଅଧର ବାଣୀ,
ଗୁପ୍ତେ କରୁଛ ବଣ୍ଟନ ।।

ପାଶେଥାଇ କେହି ନପାରନ୍ତି କହି,
ମନକଥା ମନେ ମରେ ।
ହେ କରୁଣାସିନ୍ଧୁ ! ହୃଦାକାଶ ବିନ୍ଦୁ,
କୃପାନେତ୍ରେ ଚାହଁ ଥରେ ।।

ଜଗତପତି ପୂର୍ଣ୍ଣବ୍ରହ୍ମଙ୍କୁ ଉପଲବ୍ଧ କରି ତାଙ୍କ ସାନିଧ ଲାଭ କରିବା ପାଇଁ ଅନେକ ମତ, ଅନେକପଥ ଧରାପୃଷ୍ଠରେ ପ୍ରତିଷ୍ଠିତ ହୋଇଅଛି । ସେମାନଙ୍କ ମଧ୍ୟରେ ବହୁଳଭାବରେ ଗୋଟିଏ ମତ ପ୍ରସାରିତ ହୋଇଛି ଯେ, ବ୍ରହ୍ମପ୍ରାପ୍ତି ପାଇଁ ପୂର୍ଣ୍ଣ ବୈରାଗ୍ୟ ଓ ବ୍ରହ୍ମଚର୍ଯ୍ୟ ଏକାନ୍ତ ପ୍ରୟୋଜନ ଅଟେ । ମାତ୍ର ଗୃହୀ ହୋଇ ଗୃହସ୍ଥଧର୍ମ ପାଳନକରି ବ୍ରହ୍ମାନୁରାଗୀ ହେଲେ, ଜଣେ ବ୍ୟକ୍ତି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ । ସେଥିପାଇଁ ଗୃହ ତଥା ସାଂସାରିକ କର୍ମକୌଶଳରେ ଅଭ୍ୟସ୍ତ ହେବାକୁ ହେବ । ଏହି କୌଶଳଧାରା ଯଦି ବାଲ୍ୟକାଳରୁ ଅଭ୍ୟାସ କରାନଯାଏ ଏବଂ ସଂସାର ଜ୍ଞାନପ୍ରାପ୍ତ ନହୋଇ ବ୍ୟକ୍ତି ସଂସାରରେ ପ୍ରବେଶ କରିଯାଏ, ତେବେ ସମସ୍ତ ଚେଷ୍ଟା ପଣ୍ଡହୋଇଯାଏ । ସେହି ଉଦ୍ଦେଶ୍ୟ ସଫଳ କରାଇବାପାଇଁ ପିଲାଦିନରୁ ସଂଯମ, ଚରିତ୍ରଗଠନର ସରଳସୂତ୍ର ଧାରାବାହିକ ଭାବରେ ଏହି ସ୍ତମ୍ଭ ପ୍ରକାଶ କରିଆସୁଛି ।।

'ଚରମ' : ନବମପୁଷ୍ପ : ତୃତୀୟ ପାଖୁଡ଼ା : ୪୬ (ଷଟ୍‌ଚତ୍ୱାରିଂଶତମ) ସଂଖ୍ୟାରୁ :

## ବିସ୍ମୟ ଶ୍ରଦ୍ଧାନନ୍ଦ

ଗୁରୁଦେବଙ୍କ ଠାରୁ ଉପଦେଶ ଗ୍ରହଣକରି ଗୃହସ୍ଥାଶ୍ରମରେ ରହିବାପାଇଁ 'ଶର' ସମ୍ମତି ପ୍ରକାଶକଲା । କିନ୍ତୁ ଗୃହସ୍ଥାଶ୍ରମ କିପରି ପ୍ରତିଷ୍ଠିତ ହେବ ଓ ତହିଁରେ ରହି କେଉଁ ସୂତ୍ରଦ୍ୱାରା ପରମାର୍ଥପଥର ଗତି ବାଧାପ୍ରାପ୍ତ ହେବନାହିଁ, ସେ ସଂପର୍କରେ ଜାଣିବାପାଇଁ 'ଶର' ଗୁରୁଦେବଙ୍କୁ ନିବେଦନକଲା । ଅତି ସନ୍ତୁଷ୍ଟ ହୋଇ ଗୁରୁଦେବ କହିଲେ :

୧. ସକଳ ବ୍ରହ୍ମାଣ୍ଡ ଓ ତଦନ୍ତର୍ଗତ ଜୀବସମୁଦାୟ ସେହି ପରମେଶ୍ୱର, ପରମାତ୍ମା ହିଁ ଅଟନ୍ତି । ତାଙ୍କର ଅଂଶିତ ସତ୍ତା ବିଚ୍ଛୁରିତ ହୋଇ ପ୍ରତ୍ୟେକ ଜୀବମଧ୍ୟରେ ସୂକ୍ଷ୍ମଅବସ୍ଥା ନେଇ ପ୍ରତିଷ୍ଠିତ ହୋଇଛି । ସେହି ଅଂଶକୁ ଆତ୍ମା କହନ୍ତି । ସେ ଅର୍ଥାତ୍ ଆତ୍ମା ପିଣ୍ଡରେ ଥିବା ପର୍ଯ୍ୟନ୍ତ ପିଣ୍ଡ ଜାଗ୍ରତହୋଇ ବଞ୍ଚିରହିଛି । ସେ ଯେଉଁ କ୍ଷଣରେ ପିଣ୍ଡ ବା ଶରୀର ତ୍ୟାଗ କରିବେ, ସେହି କ୍ଷଣରେ ଜୀବକୁ ମୃତ ବୋଲି ଘୋଷଣା କରାଯିବ ଏବଂ ନିଶ୍ଚଳ ଶରୀରକୁ 'ଶବ' ନାମରେ ନାମିତ କରି ତାହାକୁ ଧ୍ୱଂସ କରିଦିଆଯିବ । ତେଣୁ ଏ ଶରୀରକୁ ଅନିତ୍ୟ ଓ ଶରୀରସ୍ଥ ଆତ୍ମାକୁ ନିତ୍ୟ କୁହାଯାଏ । ଏହି ଆତ୍ମାର କେବେ ମଧ୍ୟ ମୃତ୍ୟୁ ହୁଏ ନାହିଁ । ସେଥିପାଇଁ ଆତ୍ମାକୁ ଅମର, ଅବିନାଶୀ ଭାବରେ ଗ୍ରହଣ କରନ୍ତି ।

୨. ସୃଷ୍ଟିନିର୍ମାଣ ପାଇଁ ପରମାତ୍ମା ନିଜ ଇଚ୍ଛାରେ ନିଜକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ଗୋଟିଏ ଭାଗକୁ ପ୍ରକୃତି ବା ଆଦି, ଅନ୍ୟ ଭାଗକୁ ପୁରୁଷ ବା ଅନାଦି ନାମରେ ନାମିତ କରାଯାଉଅଛି । ବାହ୍ୟଶରୀର ବା

ପିଣ୍ଡର ଆକୃତି ଏବଂ ଭାବ ପୃଥକ ଜଣାପଡୁଥିଲେ ମଧ୍ୟ ସେ ଦୁହେଁ ଏକ, ଅଭିନ୍ନ ଅଟନ୍ତି । ପୁରୁଷ ବୋଲି ଯାହାଙ୍କୁ ବିବେଚନା କରାଯାଇଅଛି, ସେ କର୍ତ୍ତା, କାରଣ ଅଟନ୍ତି । କେବଳ ସାକ୍ଷୀସ୍ୱରୂପ ଅବସ୍ଥାନ କରୁଛନ୍ତି ଏବଂ ସୃଷ୍ଟିଉତ୍ପତ୍ତି, ପାଳନ, ସଂହାରାଦି କ୍ରିୟା ସଂଗଠିତ ହେବାପାଇଁ କର୍ମସୂତ୍ର ନିର୍ଦ୍ଧାରଣ କରିଛନ୍ତି । ସେହି କର୍ମ ବା କର୍ମସୂତ୍ରର ସଂଚାଳକ ପ୍ରକୃତି ନାମରେ ପରିଚୟ ବହନ କରନ୍ତି । ପୁରୁଷଙ୍କ (ବ୍ରହ୍ମ) ଇଚ୍ଛା, ଆଜ୍ଞା ଓ ଆଦେଶକୁ ଆଦିମାତା ବା ପ୍ରକୃତିଦେବୀ କାର୍ଯ୍ୟକାରୀ କରନ୍ତି । ତେଣୁ ପ୍ରକୃତିଙ୍କୁ ଛାଡି ପୁରୁଷଙ୍କୁ କଳ୍ପନା କରାଯାଇପାରିବ ନାହିଁ । ଅନେକଙ୍କ ମତରେ ପ୍ରକୃତି ଶବ୍ଦ କହିଲେ କେବଳ ନାରୀକୁ ବୁଝାଏ । ମାତ୍ର ବାସ୍ତବତା ସଂପୂର୍ଣ୍ଣ ଭିନ୍ନ ଅଟେ । ପୁରଷ ଯେପରି ଅରୂପ, ଅଚିନ୍ତ୍ୟ, ଅବ୍ୟକ୍ତ, ମୂଳପ୍ରକୃତିମଧ୍ୟ ସେହିପରି ରୂପହୀନ, କଳ୍ପନାତୀତ ଅଟନ୍ତି ।

୩. ପ୍ରକୃତି ଓ ପୁରୁଷ ମିଳିତ ନହେଲେ କୌଣସି ଜୀବ ବା ସୃଷ୍ଟି ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ । ମହାଶୂନ୍ୟରେ ଏକବ୍ରହ୍ମ ଯେପରି ବିଭାଜିତ ହୋଇ ମଧ୍ୟ ଏକତ୍ୱ ଭାବରେ ବିରାଜିତ ହୋଇଛନ୍ତି, ସୃଷ୍ଟି, ବ୍ରହ୍ମାଣ୍ଡ ଓ ପିଣ୍ଡରେ ମଧ୍ୟ ଠିକ୍ ସେହିପରି ସେ ଉଭୟଭାବରେ ବିକଶିତ ହୋଇଛନ୍ତି । ସକଳବ୍ରହ୍ମାଣ୍ଡର ସୂକ୍ଷ୍ମ ସୃଷ୍ଟିବୀଜ ଯେଉଁଠାରେ ସେ ଅଚିନ୍ତ୍ୟ ସଚ୍ଚିଦାନନ୍ଦ ଠୁଳକରି ରଖିଛନ୍ତି ତାହାକୁ ହିରଣ୍ୟଗର୍ଭ କହନ୍ତି । ଠିକ୍ ସେହି କ୍ରମସୂତ୍ରରେ ମର୍ତ୍ତ୍ୟଭୂମି ହେଉ ବା ଅନ୍ୟ ଯେକୌଣସି ବ୍ରହ୍ମାଣ୍ଡ ହେଉ ପୁରୁଷଙ୍କ ସ୍ଥୂଳ ବ୍ରହ୍ମବୀଜକୁ ଠୁଳକରି ପିଣ୍ଡଟିଏ ଗଠନ କରିବାପାଇଁ ଗୋଟିଏ ଗର୍ଭର ଆବଶ୍ୟକତା ଅନୁଭବ କରି ପରମେଶ୍ୱର ପ୍ରକୃତିଙ୍କ ଅଂଶରେ ନାରୀ ଶରୀର ସର୍ଜ୍ଜନା କରି ସେହି ଶରୀର ମଧ୍ୟରେ ଗର୍ଭ ବା ଜରାୟୁ ସୃଷ୍ଟି କରିଛନ୍ତି । ତେଣୁ ସୃଷ୍ଟିରେ ନାରୀ ଉତ୍ପତ୍ତିର ଅନେକ କାରଣମଧ୍ୟରୁ ବ୍ରହ୍ମବଂଶବିସ୍ତାର ବା ସୃଷ୍ଟି ଉତ୍ପତ୍ତି ଏକ ମୁଖ୍ୟ କାରଣ ଅଟେ । ଅନାଦି ବା ପୁରୁଷଙ୍କ ଅନନ୍ୟରୂପ ହୋଇଥିବାରୁ ନାରୀ ତ୍ରିଗୁଣମୟୀ (ସତ୍ତ୍ୱ, ରଜ, ତମ) ହୋଇ ସୃଷ୍ଟି ନିର୍ମାଣ, ପାଳନ ଓ ସଂହାର କ୍ରିୟାରେ ପ୍ରଧାନ ଅଂଶ ଗ୍ରହଣ କରେ । ସ୍ନେହ, ମମତା, ଦୟା, ଶାନ୍ତି, କ୍ଷମା ଆଦି ସମସ୍ତ କୋମଳ ବ୍ରହ୍ମାଂଶରେ ନାରୀର ତନୁମନ ପୂର୍ଣ୍ଣ ହୋଇ ରହିଥାଏ । ଏହି ସୂତ୍ରକୁ ମନ ମଧ୍ୟରେ ଚିନ୍ତାକରି ଉପଲବ୍ଧି କର, ତୋର ଗର୍ଭଧାରିଣୀ ମାଆ ଜଣେ ନାରୀ । ତୋ ପାଇଁ ସେ କେତେ ସ୍ନେହମୟୀ, କରୁଣାମୟୀ । ତୋର ମନରେ ସାମାନ୍ୟ ଦୁଃଖହେଲେ ସେ କେତେ ଅଧୀରା ହୋଇଯାଏ, ବିଚଳିତ ହୋଇ ତୋ ଦୁଃଖ ଲାଘବ ପାଇଁ ବିବ୍ରତ ହୋଇଯାଏ । ମୂଳପ୍ରକୃତିଙ୍କର ମମତାଅଂଶରୁ ଏହି ଭାବ ଉଦ୍ରେକ ହୁଏ ।

୪. ଅନେକ ଚିନ୍ତାକରନ୍ତି ଯେ, ପ୍ରକୃତି ବା ଆଦିଙ୍କ ଅଂଶ କେବଳ ନାରୀ ଅଂଗରେ ବିକଶିତ ହୁଏ । କିନ୍ତୁ ବାସ୍ତବତା ତାହାନୁହେଁ । ଅନାଦି (ପୁରୁଷ) ଯେପରି ନାରୀ ଓ ପୁରୁଷ ଉଭୟ ଅଂଗରେ ଆତ୍ମା ରୂପରେ ଅବସ୍ଥାନ କରିଛନ୍ତି, ଆଦି (ପ୍ରକୃତି) ମଧ୍ୟ ଠିକ୍ ସେହିପରି ନାରୀ ଓ ପୁରୁଷ ଉଭୟ ପିଣ୍ଡରେ ବିରାଜିତ ହୋଇଛନ୍ତି । ପୁରୁଷ ଆତ୍ମାର ସ୍ୱରୂପ ନେଇ ସାକ୍ଷୀ ହୋଇ ରହିଛନ୍ତି । ପ୍ରକୃତି ଶକ୍ତି ସ୍ୱରୂପା ହୋଇ ପିଣ୍ଡର ସମସ୍ତ କ୍ରିୟା ସଂପାଦନ କରାଉଅଛନ୍ତି । ଯଥା : ଆଖିର ଶକ୍ତିଥିବାରୁ ତୁମେ ଦେଖିପାରୁଛ । କାନର ଶକ୍ତିଥିବାରୁ ତୁମେ ଶୁଣିପାରୁଛ । ସେହିପରି ସମସ୍ତ ଅଂଗଅବୟବ ଶକ୍ତିଯୁକ୍ତ ହୋଇଥିବାରୁ ପରିଚାଳିତ

ହେଉଛନ୍ତି । ଏହିକ୍ରିୟା ପ୍ରକୃତିଙ୍କ ଦ୍ୱାରା ହିଁ ସଂଗଠିତ ହେଉଛି । ଭଲଭାବେ ଚିନ୍ତାକରି ଦେଖ, ଉକ୍ତ ଶକ୍ତି କ'ଣ କେବଳ ନାରୀ ଅଂଗରେ ଅଛି ? ତୋର ମାଧବଙ୍କୁ ପାଇବାପାଇଁ ମନରେ ବ୍ୟାକୁଳତା ପ୍ରକାଶପାଇଛି ତାହା ସେହି ପ୍ରକୃତିଙ୍କ ଦ୍ୱାରା ହିଁ ସମ୍ଭବ ହୋଇଛି । ପୁରୁଷ ପିଣ୍ଡରେ ଯଦି ପ୍ରକୃତିଙ୍କ ଉପସ୍ଥିତି ନଥାନ୍ତା, ତେବେ ସେ କେବଳ ଯେ ନିଷ୍କ୍ରିୟ ହୋଇଯାଆନ୍ତା ତାହାନୁହେଁ, ତତ୍ ସଂଗେ ସଂଗେ ତା ଭିତରେ ସ୍ନେହ, ମମତା, କ୍ଷମା, ଶାନ୍ତି, ସହନଶୀଳତା ଆଦି ଗୁଣ ରହିନଥାନ୍ତା । ତେଣୁ ପ୍ରକୃତିଙ୍କୁ ଛାଡ଼ି ପୁରୁଷଙ୍କର ସ୍ଥିତିନାହିଁ କିମ୍ୱା ପୁରୁଷଙ୍କ ବିନା ପ୍ରକୃତିଙ୍କୁ ଚିନ୍ତା କରାଯାଇପାରେ ନାହିଁ । ପୁରୁଷ ଅଂଗରେ ପ୍ରକୃତିଙ୍କ ସତ୍ତା ଏବଂ ନାରୀ ଅଂଗରେ ପୁରୁଷଙ୍କ ସତ୍ତା ଥିବାରୁ ଉଭୟ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି । ସେହି ଆକର୍ଷଣର ପରିଣାମରେ ଉଭୟ ଏକତ୍ର ହୋଇ ସଂସାର କରନ୍ତି । ବିବାହରୂପକ ପବିତ୍ର ବନ୍ଧନରେ ଆବଦ୍ଧହୋଇ ଗୃହୀ ହୁଅନ୍ତି ଏବଂ ଗୃହସ୍ଥାଶ୍ରମ ପ୍ରତିଷ୍ଠା କରନ୍ତି । ପୁରୁଷର ବ୍ରହ୍ମବୀର୍ଯ୍ୟର ଜୀବନ୍ତ ଶୁକ୍ରକୀଟକୁ ସ୍ତ୍ରୀ ତା'ର ପବିତ୍ର ଜରାୟୁରେ ସ୍ଥାନଦେଇ ନୂତନ ସୃଷ୍ଟିଟିଏ ନିର୍ମାଣ କରେ । ମାତ୍ର ମୋହଗ୍ରସ୍ତ ଜୀବ ଏହି ପୁଣ୍ୟ ବ୍ୟବସ୍ଥାକୁ ବିକୃତ କରି ସ୍ତ୍ରୀକୁ କେବଳ ଏକ ସମ୍ଭୋଗର ବସ୍ତୁ ଭାବରେ ଗ୍ରହଣ କରୁଥିବାରୁ ଗୃହସ୍ଥାଶ୍ରମର ପବିତ୍ରତା ନଷ୍ଟ ହୋଇ ଅଘଟଣ ଘଟିଥାଏ ।

୫. ସୃଷ୍ଟିର ବିକାଶ ପ୍ରକ୍ରିୟା ତ ଶୁଣିଲ । ଏବେ ଜଣେ ଗୃହସ୍ଥର କର୍ମ ଓ କର୍ତ୍ତବ୍ୟ ସଂପର୍କରେ ବୁଝାଇଦେଉଛି । ଗୃହ ବା ସଂସାରରେ ରହି ମଧ୍ୟ ନ ଥିବାର ଭାବ ଦୃଢ଼ କରିବାର ଅଭ୍ୟାସ କରିବାକୁ ହେବ । ପଦ୍ମ ପାଣି ବିନା ବଞ୍ଚିପାରିବ ନାହିଁ । କିନ୍ତୁ କହିଲ, ପଦ୍ମପତ୍ର ଉପରେ ପାଣି ଲାଗେ ? ସାରୁପତ୍ରରେ ଯେତେ ପାଣି ଢାଳିଲେ ବି ସେଥିରେ ପାଣି ଲାଗେ ? ସେହିପରି ପାଣିରୂପକ ସଂସାର ବା ଗୃହରେ ପଦ୍ମ ବା ସାରୁପତ୍ର ପରି ରହିବା ଉଚିତ । ଅର୍ଥାତ୍ 'ମୁଁ' ଓ 'ମୋର' ଏହି ଦୁଇଟି ପ୍ରମାଦପୂର୍ଣ୍ଣ ଶବ୍ଦର ପ୍ରକୃତ ଅର୍ଥ ସ୍ପଷ୍ଟ ଭାବରେ ବୁଝି ଆସକ୍ତିବିହୀନ ବା ଅନାସକ୍ତ ହୋଇ ରହିବ । ତୋର ଶରୀରର ପାଦାଙ୍ଗୁଳିଠାରୁ ମସ୍ତକ ଅଗ୍ରଭାଗ ପର୍ଯ୍ୟନ୍ତ ଭଲକରି ଖୋଜି କହିଲ, ମୁହଁରେ ଉଚ୍ଚାରଣ କରୁଥିବା ଶବ୍ଦ 'ମୁଁ' ଓ 'ମୋର' କେଉଁଠି ଅଛି ? ଯେଉଁଦିନ ତୋ ଶରୀରରୂପକ ମନ୍ଦିରରେ ସେହି 'ମୁଁ'କୁ ଦର୍ଶନକରିବୁ, ଅନୁଭବ କରିବୁ ସେହିଦିନ ହିଁ ତୋର ଜନ୍ମମୃତ୍ୟୁଚକ୍ରଗତିର ସମାପ୍ତି ଘଟିବ । କାରଣ ପିଣ୍ଡମନ୍ଦିରରେ ସେହି ଅଚିନ୍ତ୍ୟପୁରୁଷ ପରମାତ୍ମା 'ମୁଁ' ଓ କଲ୍ୟାଣମୟୀ ଆଦ୍ୟାଶକ୍ତି ପ୍ରକୃତି 'ମୋର' ଅଟନ୍ତି ।

କ୍ରମଶଃ...

***

**ପତ୍ରରେ ଦେଇଛି ଫଳରେ ଦେଉଛି**
**''ଚରମେ'' ଦେଉଛି ଦାନ**
**ପୂର୍ଣ୍ଣିମା, ସଂକ୍ରାନ୍ତି, ଅମା, ମାସାନ୍ତରେ**
**କରୁନାହୁଁ ଅର୍ଘ୍ୟ ପାନ**
**ଅବୁଝା ତୁ ହୋଇ ମନ ବିସ୍ମରେଇ**
**କରୁନାହିଁ ଅଭିମାନ ।**

**-ଶ୍ରୀଶ୍ରୀଗୁରୁସ୍ୱାମୀ**

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ଭାର୍ଗବୀ ବିଦ୍ୟା

ବେଦ ପରେ ବେଦାନ୍ତ ବା ଉପନିଷଦ ବ୍ରହ୍ମବିଦ୍ୟା ପର୍ଯ୍ୟାୟଭୁକ୍ତ । ଆଜି ବ୍ରହ୍ମବିଦ୍ୟା ଭାରତୀୟ ଗୁରୁକୁଳମାନଙ୍କର ବିଲୟ ସହିତ ଏ ଦେବଭୂମିରୁ ଦୂରେଇ ଗଲାଣି । ଅତୀତରେ ବ୍ରହ୍ମବିଦ୍ୟା ଜିଜ୍ଞାସୁମାନଙ୍କୁ ସିଦ୍ଧିପ୍ରାପ୍ତି ପାଇଁ ପ୍ରଥମେ କାୟାଶୁଦ୍ଧି, ଦ୍ୱିତୀୟରେ ପ୍ରାଣଶୁଦ୍ଧି, ତୃତୀୟରେ ଚିତ୍ତ(ମନ) ଶୁଦ୍ଧି କରି ତତ୍ପରେ କଠିନ ତପଶ୍ଚର୍ଯ୍ୟା କରିବାକୁ ପଡୁଥିଲା । ଶ୍ରୀଗୁରୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଷ୍ୟମାନେ ଗୁରୁଙ୍କ ନିର୍ଦ୍ଦେଶକୁ ଗଭୀର ମନଯୋଗ ସହକାରେ ନିଷ୍ଠାର ସହିତ ପାଳନ କରି ସିଦ୍ଧିଲାଭ କରୁଥିଲେ । ଗୁରୁ ଥିଲେ ଶକ୍ତି, ପ୍ରେରଣା ଓ ବିଦ୍ୟାର ଉତ୍ସ । ଏହି ପାରମ୍ପରିକ ଉତ୍ସର ପାଦତଳେ ଶିଷ୍ୟମାନେ ନିଜକୁ ନିଜକୁ ସମର୍ପଣ କରି ବିଦ୍ୟା ଅର୍ଜ୍ଜନରେ ବ୍ରତୀ ହେବା ପାଇଁ ଶପଥ ନେଇ ଦୀକ୍ଷା ଗ୍ରହଣ କରୁଥିଲେ ଓ ଦୀକ୍ଷା ପରେ ଶିକ୍ଷା ଆରମ୍ଭ ହେଉଥିଲା ।

ଆଜି ଏଠାରେ ତୈତ୍ତିରୀୟ ଉପନିଷଦ୍‌ର ଭୃଗୁବଲ୍ଲୀରେ ବର୍ଣ୍ଣନା କରାଯାଇଥିବା ଭାର୍ଗବୀ ବାରୁଣୀ ବିଦ୍ୟା ଉପାଖ୍ୟାନଟିକୁ ଅନୁଧ୍ୟାନ କରିବା ପାଇଁ ଯୁବ ସମାଜ ହାତରେ ଟେକିଦିଆଯାଉଛି । ଆଜିର ସାମାଜିକ ପୃଷ୍ଠଭୂମିରେ ଏହାର ଅନୁଧ୍ୟାନର ତାତ୍ପର୍ଯ୍ୟ ଅବଶ୍ୟ ରହିଛି । ଏହି ଉପାଖ୍ୟାନରେ ଅନନ୍ତ ଓ ଶାଶ୍ୱତ ଆନନ୍ଦର ଏକ ମଞ୍ଜୁଳ ବ୍ୟାଖ୍ୟା ରହିଛି ।

ବରୁଣଙ୍କର ପୁତ୍ର ଭୃଗୁ । ଥରେ ଭୃଗୁ ପିତାଙ୍କ ପାଖକୁ ଯାଇ ତାଙ୍କୁ ବିନୟରେ ବ୍ରହ୍ମ ଉପଲବ୍ଧିର ଉପାୟ କ'ଣ ବୋଲି ଜାଣିବାକୁ ଚାହିଁଲେ । ପିତା ପୁତ୍ର ମନରେ ବଳିଷ୍ଠ ଇଚ୍ଛାଟିଏ ଜାଗ୍ରତ ହୋଇଛି ଦେଖି ବରୁଣ କହିଲେ - ପୁତ୍ର ! ଅନ୍ନ, ପ୍ରାଣ, ନେତ୍ର, ଗୋତ୍ର, ମନ ଏବଂ ବାକ୍ - ଏହି ଛଅଗୋଟି ହେଉଛି ବ୍ରହ୍ମ ଉପଲବ୍ଧିର ଛଅଟି ମୁଖ୍ୟ ଦ୍ୱାର । ବ୍ରହ୍ମରୁ ହିଁ ସକଳ ଜୀବଙ୍କର ସୃଷ୍ଟି । ଜୀବ ଉତ୍ପନ୍ନ ହେବାପରେ ଏହି ବ୍ରହ୍ମଙ୍କୁ ହିଁ ଆଶ୍ରୟ କରି ତିଷ୍ଠି ରହନ୍ତି । ପୁଣି ଅନ୍ତିମରେ ସେହି ବ୍ରହ୍ମରେ ହିଁ ଲୀନ ହୋଇ ଯାଆନ୍ତି ।

ଭୃଗୁ ଏହାପରେ ନିଜର ଦୀର୍ଘ ପଞ୍ଚକୋଷୀ ସାଧନା ଆରମ୍ଭ କରିଦେଲେ । ପ୍ରତ୍ୟେକଙ୍କର ସ୍ଥୁଳ, ସୂକ୍ଷ୍ମ ଓ କାରଣ ନାମରେ ତିନିଗୋଟି ଶରୀର ଅଛି । ଏହି ତିନିଗୋଟି ଶରୀରକୁ ପାଞ୍ଚଟି ମୁଖ୍ୟ ସ୍ତର ବା କୋଷରେ ଚିହ୍ନାଇ ଦିଆଯାଇଅଛି । ପାଞ୍ଚଟି କୋଷ ହେଉଛି - (୧) ଅନ୍ନମୟ କୋଷ (୨) ପ୍ରାଣମୟ କୋଷ (୩) ମନମୟ କୋଷ (୪) ବିଜ୍ଞାନମୟ କୋଷ ଓ (୫) ଆନନ୍ଦମୟ କୋଷ । ଭୃଗୁ କଠିନ ତପଶ୍ଚର୍ଯ୍ୟା, ଆହାର ବିହାର ନିଦ୍ରାଦିରେ କଠୋର ସଂଯମ ରକ୍ଷା କରି ଗୋଟିଏ ପରେ ଗୋଟିଏ କୋଷର ସାଧନ କରି ସିଦ୍ଧିରେ ନିହିତ ବିଭୂତିକୁ ଭଲଭାବରେ ଉପଲବ୍ଧ କଲେ । ଅନ୍ନମୟ କୋଷର ସାଧନ ଦ୍ୱାରା ସେ ହୃଦୟଙ୍ଗମ କଲେ ଯେ, ଅନ୍ନ ହିଁ ବ୍ରହ୍ମ ଅଟେ । ଅନ୍ନ ହିଁ

ଆତ୍ମା ଅଟେ । ତେଣୁ ଶରୀରର ରସମୟ ଅଟେ । ଅନ୍ନରୁ ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ବୀର୍ଯ୍ୟର ସୃଷ୍ଟି । ବୀର୍ଯ୍ୟରୁ ପ୍ରାଣୀର ସୃଷ୍ଟି । ତେଣୁ ବାସ୍ତବରେ ଅନ୍ନରୁ ହିଁ ସବୁ ପ୍ରାଣୀଙ୍କର ସୃଷ୍ଟି ହୋଇଅଛି । ପୁଣି ଶେଷରେ ସେହି ଅନ୍ନହିଁ ପ୍ରାଣୀକୁ ଭକ୍ଷଣ କରେ । ତେଣୁ ନିଜେ ଅନ୍ନ ହିଁ ଭୋଜ୍ୟ, ପୁଣି ସେହି ଅନ୍ନ ହିଁ ଭୋକ୍ତା । ତେଣୁ ଭୃଗୁ ଏଥିରୁ ଏହି ମହତ୍‌ଶିକ୍ଷା ଲାଭ କଲେ ଯେ, ଅନ୍ନକୁ ବ୍ରହ୍ମ ମନେକରି ଏହାକୁ ବିଶୁଦ୍ଧ ଓ ସତ୍ତ୍ୱଗୁଣ ସମ୍ପନ୍ନ କରିବା ପ୍ରୟୋଜନ । ଶୁଦ୍ଧ, ସାତ୍ତ୍ୱିକ ଏବଂ ନିଜର ନ୍ୟାୟୋଚିତ କର୍ମଦ୍ୱାରା ଉପାର୍ଜିତ ଅନ୍ନକୁ ଧୀର, ଶାନ୍ତ ଓ ସନ୍ତୁଷ୍ଟ ମନରେ ଭୋଜନ କରୁଥିବା ବ୍ୟକ୍ତି ସର୍ବଦା ଅନ୍ନବାନ୍, କୀର୍ତ୍ତିବାନ୍, ତେଜସ୍ୱୀ ତଥା ସନ୍ତାନସନ୍ତତି ଯୁକ୍ତ ହୁଅନ୍ତି । ଅନ୍ୟ ପକ୍ଷରେ ଦୂଷିତ ଓ କଳୁଷିତ ଅନ୍ନ ପ୍ରାଣୀର ବିନାଶ ସାଧନ କରେ ।

ବରୁଣଙ୍କ ଆଦେଶ ଅନୁଯାୟୀ ଏହାପରେ ଭୃଗୁ ପ୍ରାଣମୟ କୋଷର ସାଧନାରେ ନିଜକୁ ଗଭୀର ନିଷ୍ଠାର ସହିତ ନିୟୋଜିତ କଲେ । ପ୍ରାଣମୟକୋଷ ସାଧନ ଦ୍ୱାରା ଭୃଗୁଙ୍କର ପ୍ରତ୍ୟକ୍ଷ ଉପଲବ୍ଧ ହେଲା ଯେ, ପ୍ରାଣ ହିଁ ବ୍ରହ୍ମ ଅଟେ । ପ୍ରାଣର ଅର୍ଥ ପ୍ରାଣଶକ୍ତି । ଏହାକୁ ଜୀବର ଆୟୁଷ ବୋଲି ମଧ୍ୟ କୁହାଯାଇଥାଏ । ଆହାରରୁ ପ୍ରାଣଶକ୍ତି ସୃଷ୍ଟି ହୁଏ । ଏହି ସୃଷ୍ଟ ପ୍ରାଣ ଶକ୍ତିକୁ ଶ୍ରମ, ବ୍ୟାୟାମ ଓ ପ୍ରାଣାୟାମ ଇତ୍ୟାଦି ଦ୍ୱାରା ଜାଗ୍ରତ ଏବଂ ପ୍ରଖର କରିବାକୁ ହୋଇଥାଏ । ଆଳସ୍ୟପରାୟଣ, କାମ କରିବାକୁ ଅନିଚ୍ଛୁକ, ଚଳଚଞ୍ଚଳ ନହୋଇ ମାନ୍ଦା ମଠୁଆ ଲୋକେ ପ୍ରକୃତରେ ପ୍ରାଣଶକ୍ତି ହରାଇ ବସି ନିଷ୍ପ୍ରାଣ ଓ ମୃତବ୍ୟକ୍ତିପରି ବୃଥା ଜୀବନ ଦୁଃଖକଷ୍ଟରେ ଯାପନ କରନ୍ତି । ପ୍ରାଣମୟ କୋଷ ସାଧନାରେ ସିଦ୍ଧି ଲାଭ କରି ସାଧନ ବିଭୂତି ଲାଭ କରିବା ପରେ ଭୃଗୁ ପୁନର୍ବାର ପିତାଙ୍କ ନିର୍ଦ୍ଦେଶରେ ତୃତୀୟ ସ୍ତରରେ ମନମୟ କୋଷ ସାଧନାରେ ବ୍ୟସ୍ତ ରହିଲେ । ମନମୟ କୋଷ ସାଧନା ସାଧନ କରି ସେ ତୃତୀୟତଃ ଉପଲବ୍ଧି କଲେଯେ, ମନ ହିଁ ବ୍ରହ୍ମ ଅଟେ । ମନ ହିଁ ଚେତନାଶକ୍ତି । ଏହା ସୃଷ୍ଟି କରିବା ପାଇଁ ସମର୍ଥ ଅଟେ । ସୃଷ୍ଟି ପରେ ପ୍ରାଣୀ ମନ ଉପରେ ନିର୍ଭର କରି ବଞ୍ଚି ରହିଥାଏ । ଶେଷରେ ସେହି ମନରେ ହିଁ ତା'ର ବିଲୟ ଘଟେ । ତେଣୁ ଏହି ମନରୂପକ ବ୍ରହ୍ମକୁ ସର୍ବଦା ନିର୍ମଳ, ବିଶୁଦ୍ଧ, ପବିତ୍ର, ନିଷ୍କାମ ଓ ସକଳପ୍ରକାର ଦୋଷ ରହିତ ରଖିବା ଏକାନ୍ତ ବାଞ୍ଛନୀୟ ।

ପଞ୍ଚକୋଶୀ ସାଧନାର ଚତୁର୍ଥ ସ୍ତର ହେଉଛି ବିଜ୍ଞାନମୟ କୋଷ ସାଧନା । ଏହି ବିଜ୍ଞାନମୟ କୋଷ ସାଧନାର ସିଦ୍ଧିରେ ଉପନୀତ ହେବା ପରେ ଭୃଗୁଙ୍କର ପ୍ରତ୍ୟକ୍ଷରେ ଉପଲବ୍ଧି ହେଲା ଯେ, ବିଜ୍ଞାନମୟ କୋଷ ହିଁ ବିଶୁଦ୍ଧ ଜ୍ଞାନର ଭଣ୍ଡାର ଅଟେ । ସକଳ ପ୍ରକାର ଯଜ୍ଞାଦିର ହେତୁ ହେଉଛି ବିଜ୍ଞାନ । ସୃଷ୍ଟି ହିଁ ଯଜ୍ଞର ବିସ୍ତାର ଅଟେ । ଏହି ଯଜ୍ଞ ହିଁ ସ୍ଥିତିର ମୂଳ ଆଧାର । ବାସ୍ତବ ଓ ପ୍ରକୃତ ବିଜ୍ଞାନୀ ପୁରୁଷର ଦେହଭାବ କିମ୍ବା ଦେହାଭିମାନ ନଥାଏ । ଅବଶେଷରେ ଭୃଗୁ ବରୁଣଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସର୍ବଶେଷ କିନ୍ତୁ ସର୍ବଶ୍ରେଷ୍ଠ କୋଷ-ଆନନ୍ଦମୟ କୋଷର ସାଧନାରେ ବ୍ରତୀ ହୋଇ ସାଧନରେ ସିଦ୍ଧି ଲାଭ ପରେ ଅପରୋକ୍ଷ ଉପଲବ୍ଧି କଲେ ଯେ, ଆନନ୍ଦ ହିଁ ବ୍ରହ୍ମ ଅଟେ । ସବୁ ପ୍ରାଣୀ ମୂଳତତ୍ତ୍ୱ ଅନୁସାରେ ଆନନ୍ଦରୁ ହିଁ ଜାତ ହୋଇଥାଆନ୍ତି । ପୁଣି ପ୍ରାଣୀକୁଳ ଆନନ୍ଦରେ ହିଁ ଜୀବନଧାରଣ କରି ଜୀବିତ ରହନ୍ତି । ଅନ୍ତକାଳରେ ଆନନ୍ଦରେ ହିଁ ପ୍ରାଣୀମାନେ ସମାହିତ ହୁଅନ୍ତି । ଏହି ପରମବ୍ରହ୍ମ

ସଦୃଶ ପରମ ଆନନ୍ଦକୁ ଉପଲବ୍ଧି କରିବାର ପରମଜ୍ଞାନ ଆନନ୍ଦମୟ କୋଷରେ ହିଁ ବିଦ୍ୟମାନ । ପିତା ବରୁଣଙ୍କର ଉପଦେଶ ଓ ଭୃଗୁଙ୍କର କଠୋର ତପଶ୍ଚର୍ଯ୍ୟା ଓ ପ୍ରଚଣ୍ଡ ନିଷ୍ଠାପର ସାଧନା ବଳରୁ ଏହାହିଁ ତାଙ୍କର ଆତ୍ମୋପଲବ୍ଧି ହୋଇଥିଲା । ତେଣୁ ଭୃଗୁଙ୍କ ନାମାନୁସାରେ ଏହି ସାଧନ ପ୍ରକ୍ରିୟାର ନାମ କରଣ 'ଭାର୍ଗବୀ ବିଦ୍ୟା' ହୋଇଅଛି ।

ପ୍ରାଚୀନ ଭାରତ ବିପୁଳ ବିଦ୍ୟାର ଭଣ୍ଡାର ଥିଲା । 'ସା ବିଦ୍ୟା ଯା ବିମୁକ୍ତୟେ'ହିଁ ସେତେବେଳେ ବିଦ୍ୟାର ପ୍ରକୃତ ଅର୍ଥ ବୋଲି ମନେ କରାଯାଉଥିଲା । ବିଦ୍ୟା ସେ କାଳରେ ଉଭୟ ଭକ୍ତି ଓ ମୁକ୍ତିର ଉପାୟ ବୋଲି ପରିଗଣିତ ହୋଇ ପାରିଥିଲା । ଆହାର, ବିହାର, ନିଦ୍ରା ଇତ୍ୟାଦିର କଠୋର ସଂଯମ ଦ୍ୱାରା ଶରୀର, ମନ, ପ୍ରାଣ, ଅନ୍ତଃକରଣକୁ ଶୁଦ୍ଧ, ନିର୍ମଳ ଓ ପବିତ୍ର ରଖି ଗୃହପରିବାର ତ୍ୟାଗୀ ବ୍ରହ୍ମଚାରୀ ବାଳକମାନେ ଦୀକ୍ଷାନ୍ତରେ ଗୁରୁକୁଳ ଆଶ୍ରମର ଅନ୍ତେବାସୀ ହୋଇ ଗୁରୁଙ୍କଠାରୁ ବିଦ୍ୟା ଅର୍ଜନ କରୁଥିଲେ । ଗୁରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉଭୟ ଭାବରେ ପ୍ରତ୍ୟେକ ଶିଷ୍ୟକୁ ଭଲଭାବରେ ପରୀକ୍ଷା ନିରୀକ୍ଷା କରିବା ପରେ ସନ୍ତୁଷ୍ଟ ହେଲେ ବିଦ୍ୟାଦାନ କରୁଥିଲେ । ଏହାହିଁ ସଂକ୍ଷେପରେ ସେ ସମୟର ଗୁରୁ ପରମ୍ପରାର ମୂଳ ଆଧାର ପ୍ରାଣବିନ୍ଦୁ ଥିଲା ।

ସଚ୍ଚିଦାନନ୍ଦ ବିଗ୍ରହ ହିଁ ପରଂବ୍ରହ୍ମ ଚରମ ପୁରୁଷ । ସେ ହିଁ ଠାକୁରେ । ସେ ହିଁ ପରମ ପ୍ରେମମୟ । ସେ ପ୍ରତ୍ୟେକଙ୍କର ପରମ ପ୍ରେମାସ୍ପଦ । ତାଙ୍କର ନାମ ତେଣୁ ସତ୍ୟ, ଜ୍ଞାନ ଏବଂ ଆନନ୍ଦ । ଏହି ତିନି ନାମର ମଧୁର ସମ୍ମିଶ୍ରଣରେ ତେଣୁ ତାଙ୍କର ନାମ ସଚ୍ଚିଦାନନ୍ଦ । ଏହା ବ୍ୟତୀତ ତାଙ୍କର ଅନ୍ୟ ସମସ୍ତ ନାମ କେବଳ ଅବତାର ନାମ ଓ ଲୀଳା ନାମ ଅଟେ । ଠାକୁରେ ଆନନ୍ଦମୟ । ତାଙ୍କୁ ପ୍ରତ୍ୟକ୍ଷରେ ଦର୍ଶନ ଓ ଉପଲବ୍ଧି ନିମନ୍ତେ ପଞ୍ଚକୋଷୀ ସାଧନାର ଅପରିହାର୍ଯ୍ୟତାକୁ ଅସ୍ୱୀକାର କରାଯାଇ ନପାରେ । ପଞ୍ଚକୋଷ ମଧ୍ୟରୁ ଅନ୍ନମୟ କୋଷ ଓ ପ୍ରାଣମୟ କୋଷ ସ୍ଥୁଳ ଶରୀର ସହିତ ସଂପୃକ୍ତ । ସ୍ଥୁଳ ଶରୀର ବାସ୍ତବ ଅଟେ । ଯାହା ବାସ୍ତବ ତାହା ସତ୍ୟ । ତେଣୁ ଠାକୁରଙ୍କର ନାମ ସତ୍ୟ । ମନମୟ କୋଷ ଓ ବିଜ୍ଞାନମୟ କୋଷ ସୂକ୍ଷ୍ମ ଶରୀର ସହିତ ସଂପୃକ୍ତ । ସୂକ୍ଷ୍ମ ଶରୀର ଚୈତନ୍ୟ ଅଟେ । ତେଣୁ ଠାକୁରଙ୍କର ନାମ ଚିତ୍ ବା ଜ୍ଞାନ । ଅବଶେଷରେ କାରଣ ଶରୀର ସହିତ ଆନନ୍ଦମୟ କୋଷ ସଂପୃକ୍ତ । କାରଣ ଶରୀର ହିଁ ଜ୍ୟୋତିଃ ସ୍ୱରୂପ ଆନନ୍ଦ । ତେଣୁ ଠାକୁରଙ୍କର ନାମ ଆନନ୍ଦ । ଏହି ତିନି ନାମରେ ହିଁ ସେ ସଚ୍ଚିଦାନନ୍ଦ । ଏହି ଏକ ନାମରୁ ହିଁ ତିନିନାମ (ସତ୍ୟ, ଜ୍ଞାନ ଓ ଆନନ୍ଦ) ଉଦ୍ଭବ ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

***

# ଜିଜ୍ଞାସା : ଜିଜ୍ଞାସୁ

ଧାରା ଓ ଧରା-ଜରା ଏବଂ ଜାରା । କ'ଣ ବା ଜଣା ଅଛି ଆମମାନଙ୍କୁ ? ତଥାପି ଆମେ ପ୍ରତ୍ୟେକେ ଆପଣା ଆପଣେ ପଣ୍ଡିତମନ୍ୟ । କିଛିଏ ଜାଣିଛୁ କି ନାହିଁ, କିଛିଏ ବଖାଣି ଯାଉଛୁ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ । ନିଜକୁ ନିଜେ ଦେଖେଇ ହୋଇ ଆପଣା ପ୍ରତିଷ୍ଠା ପାଇଁ ଆମେ ପାଗଳ । କିନ୍ତୁ 'ଚରମ'ର ଉଚ୍ଚାରଣ-

ଜାଣି ନାହିଁ ଯାହା ଶ୍ରଦ୍ଧାରେ ଭାବରେ
ପଚାର ସୁଯୋଗ ଖୋଜି,
ବେଳ ଗଡ଼ାଇଲେ କାଳ ଗଡ଼ିଯିବ
ଆଉ ନ ପାରିବ ହେଜି ।
କଣା ମାଠିଆରୁ ବୁନ୍ଦାବୁନ୍ଦା ଜଳ
ନିଗିଡ଼ି ଯାଏତ ସରି
ଆୟୁଷରୁ ପରା ରେଣୁରେଣୁ ଆୟୁ
କାଳ ନେଉଅଛି ହରି ।
କାଳକ ସରିବ ମାଣକ ପୂରିବ
ପୁତା ବାହୁଡ଼ିବ ନାହିଁ
ବୃଥା ଅଭିମାନ ବୃଥା ଅହଂକାର
ଧରି ରହିଛ କିପାଇଁ ??

ଜିଜ୍ଞାସା : ଜିଜ୍ଞାସୁ ସ୍ତମ୍ଭରେ ଠାକୁରଙ୍କ ସହିତ ନାନା ଆଧ୍ୟାତ୍ମିକ ପ୍ରସଙ୍ଗରେ ପ୍ରଶ୍ନୋତ୍ତରର ସହଜ, ସରଳ, ସୁନ୍ଦର ଧାରାବିବରଣୀ ନିବେଦିତ ହୋଇ ଆସୁଛି ନିୟମିତ ଭାବରେ 'ଚରମ' ପୃଷ୍ଠାରେ -

ଜିଜ୍ଞାସୁ : ପ୍ରଭୁ ! ଏହି ତଥ୍ୟରୁ ଯାହା ଜଣାପଡୁଛି, ଜୀବ କ୍ରିୟାଶୀଳ ହୋଇ ଗୁଣଯୁକ୍ତ ଉପାୟରେ ସଗୁଣ ହୋଇ ପୁଣି ନିର୍ଗୁଣ ଉପାୟରେ ନିର୍ଗୁଣ ଅବସ୍ଥାକୁ ପ୍ରାପ୍ତ ହେଉଅଛି । ପୁଣି ଏହି କ୍ରିୟା ସୃଷ୍ଟି ଚକ୍ରରେ ସ୍ୱୟଂସିଦ୍ଧ ଭାବରେ ପ୍ରମାଣିତ ହୋଇଅଛି । ତେବେ ଜୀବ ସ୍ୱୟଂସିଦ୍ଧ ତତ୍ତ୍ୱକୁ ନିଜର କ୍ରିୟା ବୋଲି ବିବେଚନା କରି ନିଜକୁ ଦାୟୀ କରୁଛି କାହିଁକି ?

ଠାକୁର : ଜୀବର ଭ୍ରମାତ୍ମକ ଜଡ଼ତାରୁ ସେ ନିଜକୁ ଦାୟୀ କରୁଅଛି ।

ଜିଜ୍ଞାସୁ : ଜୀବ ସଗୁଣ ଅବସ୍ଥାରେ ଯେତେବେଳେ କ୍ରିୟାଶୀଳ ହୋଇ କର୍ମମାନ କରୁଅଛି, ତହିଁରୁ ହର୍ଷ ଓ ବିଷାଦ ସୃଷ୍ଟି ହୋଇ ଜୀବକୁ 'ଭୋଗ'ର ଉଭୟ ତତ୍ତ୍ୱକୁ ଭୋଗ କରିବା ସଙ୍ଗେ ସଙ୍ଗେ ଅନୁଭବ ମଧ୍ୟ କରିବାକୁ ପଡୁଅଛି । ଏଣୁ ନିଜକୁ ଦାୟୀ କରିବା କ'ଣ ଜୀବର ସ୍ୱାଭାବିକତା ନୁହେଁ କି ? ଏହା କ'ଣ ଭ୍ରମାତ୍ମକ ବୋଧ ?

ଠାକୁର : ହଁ ।

ଜିଜ୍ଞାସୁ : କିପରି ?

ଠାକୁର : ସୃଷ୍ଟି ତତ୍ତ୍ୱର ରହସ୍ୟ ନ ଜାଣିଲେ ତୁମେ ତୁମ ପ୍ରଶ୍ନର ସମାଧାନ ପାଇ ପାରିବ ନାହିଁ ।

ଜିଜ୍ଞାସୁ : ଧର୍ମତତ୍ତ୍ୱର ଜ୍ଞାନପୋଦେଶକୁ ଉପଲବ୍ଧ କରିଥିବା ଦ୍ରଷ୍ଟା ପୁରୁଷମାନେ ଧର୍ମଶାସ୍ତ୍ରମାନଙ୍କର କର୍ମକୁ ମୁଖ୍ୟ କରି କର୍ମଜନିତ ଦୋଷାଦୋଷର ବର୍ଣ୍ଣନାପୂର୍ବକ କର୍ମ କରୁଥିବା ଜୀବରୂପୀ ମନୁଷ୍ୟମାନଙ୍କୁ ଦାୟୀ କରିଛନ୍ତି । କିନ୍ତୁ ଆପଣ ସ୍ୱୟଂସିଦ୍ଧ ତତ୍ତ୍ୱ ସ୍ରଷ୍ଟାଙ୍କୁ ଦାୟୀ କରି ଜୀବକୁ ମୁକ୍ତବୋଲି ପ୍ରମାଣ କରୁଛନ୍ତି । ଏହା କିପରି ସମ୍ଭବ ?

ଠାକୁର : ପୂର୍ବରୁ ଏପରି ପ୍ରମାଣ ଅଛି ବୋଲି ପ୍ରମାଣିତ ହୋଇ ସାରିଛି । ଆମେ ଖାଲି ତୁମକୁ ଚେତାଉଛୁ ମାତ୍ର ।

ଜିଜ୍ଞାସୁ : ତାହା ହେଲେ ଶାସ୍ତ୍ରରେ କର୍ମ ଜନିତ ଦୋଷାଦୋଷର ବିଚାର ତତ୍ତ୍ୱଦର୍ଶୀମାନେ ଉପଦେଶ ମାର୍ଗରେ ଦର୍ଶାଇବାର ଆବଶ୍ୟକତା କ'ଣ ଥିଲା ?

ଠାକୁର : ତତ୍ତ୍ୱଦର୍ଶୀମାନେ ଦୁଷ୍କୃତି ସୁକୃତିର ବିଚାର ଦେଇଛନ୍ତି ମାତ୍ର । କିନ୍ତୁ, ଅନେକ ସ୍ଥଳରେ ବ୍ୟକ୍ତି ତତ୍ତ୍ୱଦର୍ଶୀମାନଙ୍କର ବିଚାରଧାରାକୁ ନେଇ ବ୍ୟକ୍ତିର କର୍ମ ଉପରେ ମାନବୀୟ ବିଚାର ପ୍ରୟୋଗ କରି କେତେବେଳେ ନିଜକୁ ଦୋଷୀ ତ କେତେବେଳେ ଅନ୍ୟକୁ ଦୋଷୀ ବୋଲି କହି ବିଚାରରେ ବିଭ୍ରାଟ ସୃଷ୍ଟି କରାଉଛନ୍ତି ।

ଜିଜ୍ଞାସୁ : ଦୁଷ୍କୃତି ଓ ସୁକୃତିର ବିଚାରଧାରା ସ୍ରଷ୍ଟାଙ୍କର କିପରି ?

ଠାକୁର : ଦୁଷ୍କୃତି ମହିମାର ବା ସୁକୃତିର ପ୍ରକାଶକ । ସୁକୃତି ବା ମହିମା ଦୁଷ୍କୃତିର ବିନାଶକ ।

ଜିଜ୍ଞାସୁ : ପ୍ରଭୁ ! ଠିକ୍ ଭାବରେ ବୁଝି ହେଲା ନାହିଁ ?

ଠାକୁର : ପ୍ରତ୍ୟେକ ସୃଷ୍ଟିର ମୂଳରେ ଦୁଷ୍କୃତିକୁ ରଖାଯାଇ 'ସୃଷ୍ଟି'କୁ ସଂରଚନା କରାଯାଇଅଛି । ଯାହାକୁ ତୁମେ ଦୁଷ୍କୃତି ବା ଦୁଷ୍କୃତି ଜନିତ ଦୁଃଖ ବୋଲି କହୁଛ, ସେହି ଦୁଷ୍କୃତି ଜନିତ ଦୁଃଖରୁ ମହିମାରୂପକ ସୁକୃତି ଜନ୍ମ ନେଇଥାଏ ।

ଜିଜ୍ଞାସୁ : କିପରି ?

ଠାକୁର : 'ଦୁଷ୍କୃତି' କହିଲେ ତୁମେ କିପରି ବୁଝୁଛ ?

ଜିଜ୍ଞାସୁ : ଦୁଷ୍କୃତି କହିଲେ - ପୁରାଣ ଶାସ୍ତ୍ରରୁ ଯାହା ଶୁଣିଛୁ, ଯେପରି ରାବଣ, କଂସ, ମହିଷାସୁର, ହିରଣ୍ୟକଶିପୁ ଏମାନେ ଅନ୍ୟକୁ ବିପର୍ଯ୍ୟସ୍ତ କରି ନିଜକୁ ପ୍ରତିଷ୍ଠା କରିବାର ପ୍ରୟାସରୁ ଯେଉଁ 'କୁ'-କର୍ମମାନ କରିଛନ୍ତି, ତାହାକୁ ଆମେ ଦୁଷ୍କୃତି ବୋଲି କହୁଛୁ । ପୁରାଣ ଶାସ୍ତ୍ରରେ ଦୁଷ୍କୃତି ଜନିତ ଯେଉଁ ଦୋଷାଦୋଷର ବିଚାର କରାଯାଇଅଛି, ମନୁଷ୍ୟ ଦେହଧାରୀ ବ୍ୟକ୍ତି ବିଶେଷମାନେ ମଧ ସେହିପରି କର୍ମମାନ କରି ଦୁଃଖ କଷ୍ଟ ଭୋଗ କରିବାର ଆମେମାନେ ଦେଖୁଛୁ । ଯଦି ସଂସାରରେ କେହି ଦୁଃଖ କଷ୍ଟ ପାଇଲେ, ତାହାକୁ ଆମେ ଦୁଷ୍କୃତିର ଫଳ ବୋଲି କହି ଦୋଷଦର୍ଶୀ ବିଚାରରେ ଘୃଣା କରିଥାଉ । ଆମେ ସଂକ୍ଷେପରେ ଏହିପରି ବୁଝିଥାଉ ।

ଠାକୁର : ଅନ୍ୟକୁ ବିପର୍ଯ୍ୟସ୍ତ କରି ନିଜକୁ ପ୍ରତିଷ୍ଠା କରିବାକୁ ତୁମେ ଦୁଷ୍କୃତି ବୋଲି କହୁଛ ନା ?

ଜିଜ୍ଞାସୁ : ଆଜ୍ଞା ହଁ ।

ଠାକୁର : ଅନ୍ୟକୁ ବିପର୍ଯ୍ୟସ୍ତ ନକଲେ ବା ବଧ ନ କଲେ ତମେ ବଞ୍ଚି ପାରିବ କି ? ଯେପରି, ତୁମେ ନିଜକୁ ନିଜେ ବିଚାର କର । ତୁମକୁ ବଞ୍ଚି ରହିବାକୁ ହେଲେ ତୁମର ଖାଦ୍ୟର ଆବଶ୍ୟକତା ଜରୁରୀ ଅଟେ । କାରଣ, କ୍ଷୁଧା ତୁମ ଜଠରରେ ଅଛି । ଖାଦ୍ୟ ଗ୍ରହଣ କରିବାକୁ ହେଲେ ତୁମର ଯେଉଁ ବିଷୟ ଭକ୍ଷ ଅଟେ, ତାହାକୁ ତୁମେ ବଧ କରିବ ନିଶ୍ଚୟ । ବିଷୟ ତୁମର ଆହାର ହୋଇଥିବାରୁ ଏବଂ ବିଷୟ ଭିତରେ ଜୀବ ତଥା ଜୀବନ ଥିବାରୁ ତୁମେ ତାହାକୁ ବଧ କରି ଭକ୍ଷଣରେ କ୍ଷୁଧା ନିର୍ବାପିତ କରୁଅଛ । ଜୀବ ବଧ କ'ଣ ଦୁଷ୍କୃତିର କ୍ରିୟା ନୁହେଁ କି ?

ଜିଜ୍ଞାସୁ : ଆଜ୍ଞା ହଁ ।

ଠାକୁର : ଜୀବ ବଧ ନକଲେ କେହି ବଞ୍ଚିପାରିବ କି ?

ଜିଜ୍ଞାସୁ : ନାଁ, ପ୍ରଭୁ ।

ଠାକୁର : ଜୀବନରୂପୀ ଅମୃତତ୍ତ୍ୱକୁ ପାଇବାକୁ ହେଲେ ଦୁଷ୍କୃତିର ଆଶ୍ରୟ ନେବାକୁ ପଡ଼ିଥାଏ । କାରଣ, ଦୁଷ୍କୃତି ଭିତରେ ହିଁ ଅମୃତତ୍ତ୍ୱର ରସ ରଖି ସ୍ରଷ୍ଟା ସୃଷ୍ଟିକୁ ନିର୍ମାଣ କରିଅଛନ୍ତି ।

ଜିଜ୍ଞାସୁ : ଦୁଷ୍କୃତି ବିନା ସୁକୃତି ଲାଭ କରିବା ଅସମ୍ଭବ । ଏହା ଯଦି ସୃଷ୍ଟି ଚକ୍ର ନିୟମର ସ୍ୱୟଂସିଦ୍ଧ ତତ୍ତ୍ୱ ଅଟେ, ତାହା ହେଲେ ଦୁଷ୍କୃତିକୁ ବିନାଶ କରିବା ବା ତ୍ୟାଗ କରିବାକୁ ଉପଦେଶ ମାର୍ଗରେ କୁହାଯାଇଛି କାହିଁକି ?

ଠାକୁର : ଆମ ମତରେ ଦୁଷ୍କୃତି ସର୍ବଦା ବିନାଶଶୀଳ । ଯେ ବିନାଶଶୀଳ, ତାହା ନିଶ୍ଚିତ ଅର୍ଥରେ ବିନାଶ ହେବ । ଦୁଷ୍କୃତି ସର୍ବଦା ଉତ୍ପତ୍ତି ହୋଇ ବିନାଶ ହେଉଅଛି ଏବଂ ତହିଁରୁ ଅମୃତତ୍ତ୍ୱର ରସ ଉତ୍ପତ୍ତି ହୋଇ ଜୀବଜଗତକୁ ପାଳନ, ପୋଷଣ ଓ ଧାରଣ ପୂର୍ବକ ନୂତନତ୍ତ୍ୱର ତଥ୍ୟ ଯୋଗାଇବାରେ ସୃଷ୍ଟି ଆଗକୁ ଆଗକୁ ଯାଇ ଐଶ୍ୱରୀୟ ଲୀଳାକୁ ଉପଭୋଗ କରାଉଅଛି ।

ଜିଜ୍ଞାସୁ : ଦୁଷ୍କୃତିର ଦୋଷଦର୍ଶୀ ବିଚାରରେ ବ୍ୟକ୍ତିକୁ ଦୋଷୀ କରିବାରେ ଯେଉଁ ନିଷ୍ପତ୍ତିଗୁଡ଼ିକ ରହିଅଛି, ଏହି ନିଷ୍ପତ୍ତିର ଅର୍ଥବାଦ କିପରି ?

ଠାକୁର : ଗୋଟିଏ କଥାର ପ୍ରବାଦ ଅଛି - ପାପୀକୁ ଘୃଣା କର ନାହିଁ । ମାତ୍ର ପାପକୁ ଘୃଣା କର । ପାପୀ କହିଲେ ବ୍ୟକ୍ତିକୁ ବୁଝାଏ । ଆଉ ପାପ କହିଲେ ଘୃଣାକୁ ବୁଝାଏ । ଯେପରି ମଇଳାକୁ ଦେଖିଲେ ଘୃଣା ଲାଗେ, ମଇଳା ଯା ଭିତରୁ ବାହାରେ ତାକୁ କେହି ଘୃଣା କରନ୍ତି କି ? ପ୍ରତ୍ୟେକ ବ୍ୟକ୍ତି ଭିତରୁ ମଇଳା ନିର୍ଗତ ହୁଏ, ପୁଣି ସୋପାନ କ୍ରମେ ଜୀବର ମଇଳାକୁ ଜୀବ ଖାଇ ଜୀବନ ଧାରଣ କରେ । ସୃଷ୍ଟି ଚକ୍ରର ନିୟମରେ ଜୀବତତ୍ତ୍ୱର ବିଭିନ୍ନତାରେ ମଳକୁ ଯଦି ବିଚାର କରାଯାଏ, ତହିଁରୁ ଦ୍ୱିବିଧ ବିଚାରର ସନ୍ଧାନ ପାଇ ପାରିବ । ମଳ ଏକ ବିଚାରରେ ଦୁର୍ଗନ୍ଧ ହେବା ପରିପ୍ରେକ୍ଷୀରେ, ଅନ୍ୟ ଏକ ବିଚାରରେ ମଳ ଅମୃତର ଆହାର ବୋଲି ପ୍ରମାଣ ମିଳିଥାଏ । ଯେପରି ମଣିଷର ବିଷ୍ଠା କୁକୁର ପାଇଁ ଅମୃତ ଆହାର, ସେହିପରି କୁକୁରର ମଳ ମାଟିତଳେ ଥିବା କୀଟମାନଙ୍କ ଆହାର ଅଟେ । ଏଣୁ

ମଳର ସଂଜ୍ଞା ନିରୂପଣ କରିବା ଅନିର୍ବଚନୀୟ ତତ୍ତ୍ୱ ଅଟେ । ଏହି ତଥ୍ୟ ସୃଷ୍ଟିରେ ସ୍ରଷ୍ଟାଙ୍କ ଲୀଳା ବୋଲି ବୁଝିବାକୁ ପଡିବ ।

ଜିଜ୍ଞାସୁ : ଦୁଷ୍କୃତିର ସଂଜ୍ଞା ଯଦି ଏପରି, ତେବେ ଜୀବ ଯଦି ଦୋଷୀ ନୁହେଁ, ତାହା ହେଲେ ସାଧନାର ଆବଶ୍ୟକତା କ'ଣ ଅଛି ?

ଠାକୁର : ସାଧନା କହିଲେ ତୁମେ କ'ଣ ବୁଝୁଛ ?

ଜିଜ୍ଞାସୁ : ଗୁରୁଜ୍ଞାନର ସାଧନ । ଯେଉଁ ଗୁରୁଜ୍ଞାନର ସାଧନାରେ ଦୁଷ୍କୃତି ବା ବିପଦ ରୂପୀ ଦୁଃଖ, କଷ୍ଟ, ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଓ ଭଗବଦ୍ ପ୍ରାପ୍ତି ପାଇଁ ଗୁରୁପ୍ରଦତ୍ତ ମାର୍ଗର ଅବଲମ୍ବନରେ ନିଜକୁ ଚଳାଇବାର ଯେଉଁ ଚେଷ୍ଟା କରାଯାଏ, ତାହାକୁ ଆମେ ସାଧନ ବୋଲି ବୁଝୁଛୁ ।

ଠାକୁର : ଠିକ୍ ସେଇଆ ଯେ, କିନ୍ତୁ ମଣିଷ ତା'ର ସ୍ୱରୂପ ଜାଣିବାକୁ ଓ ଚେଷ୍ଟା କରିବାର ଉଦ୍ୟମକୁ ଆମେ ସାଧନା ବୋଲି କହୁଛୁ ।

ଜିଜ୍ଞାସୁ : ସ୍ୱରୂପ ଜାଣିବାକୁ ଚେଷ୍ଟା କରିବାର ଅର୍ଥ କ'ଣ ? ପ୍ରଭୁ ସରଳ କରି କୁହନ୍ତୁ -


ଠାକୁର : ବ୍ୟକ୍ତିର ବ୍ୟକ୍ତିତ୍ୱ, ବ୍ୟକ୍ତିର ସ୍ୱରୂପ ପ୍ରତ୍ୟେକ ବ୍ୟକ୍ତି ଭିତରେ ଈଶ୍ୱର ତାଙ୍କର ଐଶ୍ୱରୀୟ ଲୀଳା ଭିନ୍ନଭିନ୍ନ ଭାବରେ ରଖି ସୃଷ୍ଟିର ଲୀଳା ରଚନା କରିଅଛନ୍ତି । ପ୍ରତ୍ୟେକଙ୍କ ବିଭିନ୍ନତା ହେତୁ ପ୍ରତ୍ୟେକ ଭିନ୍ନଭିନ୍ନ ଲୀଳାର ଅଧିକାରୀ ହୋଇଥାଆନ୍ତି ଏବଂ ପ୍ରତ୍ୟେକ ଲୀଳାର କେନ୍ଦ୍ରବିନ୍ଦୁ ହେଉଛନ୍ତି ଲୀଳାପୁରୁଷ । ଏଣୁ ଜଣେ ବ୍ୟକ୍ତି ଏକକ ବଳୟଯୁକ୍ତ ଲୀଳା ଭିତରେ ରହି କ୍ରିୟା କରୁଅଛନ୍ତି । ନିଜସ୍ୱ ଲୀଳା ଭିତରେ ନିଜସ୍ୱର କାରଣକୁ ଖୋଜି ପାଇବାର ଚେଷ୍ଟା ଗୃହୀତ ହେଉଅଛି । ଏଣୁ ଜୀବ ଗୃହୀତ ଭାବର ଗ୍ରହୀତା ହୋଇ ଭାବରେ ବୁଡିରହି ଯେଉଁ କ୍ରିୟାମାନ କରୁଅଛି, ତାହାର ଯତ୍ନ କରୁଅଛି ଓ ତାହାକୁ ସିଦ୍ଧ ସାଧନାରେ ମଧ୍ୟ ଉପଭୋଗ କରୁଅଛି । ତାହାକୁ ଆମେ ସାଧନା ବୋଲି ବୁଝୁଛୁ । ବିଷୟ ଭୋଗକୁ ସିଦ୍ଧ କରି ତାହାକୁ ନାସ୍ତିତତ୍ତ୍ୱରେ ତ୍ୟାଗ କରିବାର ପ୍ରଣାଳୀ ବା କୌଶଳ ଜାଣିବାର ପ୍ରଚେଷ୍ଟାକୁ ''ସାଧନା'' ବୋଲି ବୁଝିବାକୁ ପଡିବ । ବିନା ସାଧନାରେ ଐଶ୍ୱରୀୟ ଲୀଳା ସମ୍ପାଦିତ ହୋଇପାରେ ନାହିଁ କି ବିନା ଶିକ୍ଷାରେ କେହି ସାଧନା ମଧ୍ୟ କରିପାରେ ନାହିଁ ।

କ୍ରମଶଃ...

ସକାଳର ହଁ, ସଞ୍ଜକୁ ନାହିଁ ।
ବ୍ରାହ୍ମ ମୁହୂର୍ତ୍ତରେ ପଡୁଛୁ ଶୋଇ ॥
ଗୁରୁ ବାକ୍ୟ କରୁ ଖପରା କାଟି ।
ସଂସାର ବାକ୍ୟରେ କରୁ ପୀରତି ॥
ପାହିବ ରାତି....
ଜୀବନ ସାଜିବ ଚକଟା ମାଟି ।

-ଶ୍ରୀଶ୍ରୀଗୁରୁସ୍ୱାମୀ

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

ଜନନୀ ଜଠର ଜରାୟୁରେ ରହି
ଅନୁଭୂତି ତତ୍ତ୍ୱ ପାରେ ଯେହୁ କହି
ସେହି ଆଜି ଆମ ଗହଣେ ବିରାଜି
ନୀରବ ଭାଷାରେ ଆପଣାକୁ ସାଜି
ହାତଧରି ପଥ କଢ଼ାଇ ନିଅନ୍ତି
ଚରମ ପ୍ରାପତି ଯାଚି ଦେଉଛନ୍ତି ।
ସେହି ପଦ୍ମପାଦେ ସ୍ଥିର ଗୁହ ଧନ !
କର ନିରିମଳ ଆପଣାର ମନ ॥

ପ୍ରାସଙ୍ଗିକ ଭାବରେ ସ୍ମରଣରେ ଜାଗ୍ରତ ହୁଏ ଅମୂଲ୍ୟ ବାଣୀଟିଏ । ଯେଉଁ ବାଣୀର ବାହାରିଆ ଅର୍ଥ ଯେପରି ଆକର୍ଷଣୀୟ, ଭିତିରିଆ ଅର୍ଥ ସେହିପରି ଶିକ୍ଷଣୀୟ ଏବଂ ନିତ୍ୟ ଆଚରଣୀୟ । ବାଣୀଟି ହେଉଛି -

'ମନ ନିରିମଳ ହୃଦ ପବିତ୍ର
ହେଲେ ତୁମ ସହ ହେବୁଁ ଏକତ୍ର ॥'

ଆହା ! କେତେ ମଧୁର, ମନୋଜ୍ଞ, ମନୋରମ ସତେ ! ହେଲେ ଆଜିର ମଣିଷ ଟାଣୁଆ ଅହଂକାର ଏବଂ ଅହଂଜ୍ଞାନର ଖୋଳପାରେ ଆଜି ବନ୍ଦୀ । ଏହି ବନ୍ଧନରୁ ଖସିବା ପାଇଁ ତିଳେ ହେଲେ ପ୍ରୟାସ ତ ନାହିଁ, ବରଂ ଅଧିକରୁ ଅଧିକ ଅଜ୍ଞାନର ଘନ ଅନ୍ଧକାରରେ ରହି ତା'ର ଆନନ୍ଦ କହିଲେ ନସରେ । ଆଜି ମହାପ୍ରଭୁ ନୀରବ ଭାଷାରେ ଯେଉଁ ଅପୂର୍ବ, ଅମୂଲ୍ୟ ଅବ୍ୟକ୍ତ ଅନୁଭୂତି ତତ୍ତ୍ୱ ଆମମାନଙ୍କୁ ଅପାର କୃପା କରୁଣା ପରବଶ ହୋଇ ଦେଇଚାଲିଛନ୍ତି, ତାହା କ'ଣ ସାର୍ଥକ ହେବନାହିଁ ? ଆମେମାନେ କ'ଣ ତାଙ୍କର ଏତେ ଅଯୋଗ୍ୟ ସନ୍ତାନ ? କ'ଣ ନେଇ ଆମେ ଆଜି ସମାଜ ମଇଦାନରେ କି ଖେଳ ଖେଳି ଚାଲିଛୁଁ ? ବହୁ ଗହନ ଅବ୍ୟକ୍ତ ତତ୍ତ୍ୱର ପରିବେଷଣ କରେ ଯଥାରୀତି 'ଚରମ'ର ଏହି ଉପହାର -

ମାୟାର କୁଣ୍ଡଳ ଚିତ୍ତ ଚୈତନ୍ୟରେ ସୂକ୍ଷ୍ମ ସ୍ମରେ ତ୍ରିକୁଟ ।

ସିଦ୍ଧ ସ୍ୱରେ 'ବୃଧୀୟା'' ଗଣେିକୁ ତ୍ରିବେଣୀ କରେ ଆକଟ ॥

ତ୍ରିବେଣୀ ଆକଟ ଛଳରେ ଷଟ୍ ପ୍ରକଟକ୍ରିୟା ଚକ୍ର ଭେଦ କରିଥାଏ । ଏହାର ପ୍ରତ୍ୟେକ ପ୍ରକଟ ରନ୍ଧ୍ରରେ ବ୍ରହ୍ମରନ୍ଧ୍ର ଖେଳି ବୁଲିଥା'ନ୍ତି । ଏହା ମଧ୍ୟରୁ ବ୍ରହ୍ମାନନ୍ଦର ସୃଜନ ଘଟିଥାଏ । ଏଥିରୁ ମାତୃଗର୍ଭରେ 'ସୃକ୍ଷେଃ' ସୃଷ୍ଟି ହୋଇଥାଏ ।

**ବ୍ରହ୍ମ, ବ୍ରହ୍ମାଣ୍ଡ ବୈବର୍ତ୍ତରେ ପ୍ରକୃତିର ଲୀଳା ଜଠରରେ ।**

**ଜଠର ରନ୍ଧ୍ରରେ ବୈବର୍ତ୍ତ ଲୀଳାଙ୍ଗ, ଲୟାଙ୍ଗ ଜରାୟୁରେ ॥**

ସୌଧେୟା ବ୍ରତ କର୍ମମାନ ଲଲାଟେ ରନ୍ଧ୍ର ଦ୍ୱାଦଶରେ ।

ଦ୍ୱାଦଶ ବର୍ଣ୍ଣମାନ ହେଜି ଧ୍ୱନି ରନ୍ଧ୍ରରେ ସହସ୍ରରେ ॥

ସହସ୍ର ଅଂଶୁମାନ ତୋଳି, ବୋଳି ହୁଅନ୍ତି ଭକ୍ତସ୍ତ୍ୟରେ ।

ସେ ସହସ୍ର ଅଂଶୁ ପିଣ୍ଡ ମଧ୍ୟେ ତୃତୀକ୍ଷ୍ଣ ଧ୍ୱନି, ଅକ୍ଷର କ୍ଷରେ ॥

ନାଭିରନ୍ଧ୍ରର ମୃଶ୍ୟସ୍ତରେ - କୃଶୌତ୍ରି ଅଙ୍ଗୁଷ୍ଠିକ ସୁଖେ ।

ମଦ, ହସ୍ତ ଯେ ଚଳୁଥାନ୍ତି, ବର୍ଣ୍ଣମ୍ୟ ଗମ୍ୟ ଅଗମ୍ୟରେ ॥

ସନ୍ତୃକ, କକ୍ଷଃ, କୁଟୀ, ଅକ୍ଷେ, ଭ୍ରୂଲତା, ଭୁବଃ ହୃଦ ଚକ୍ରେ,

ଚକ୍ର, ବକ୍ର ଯେ ଅଙ୍ଗ ରଟେ । ଚକ୍ଷୁ ଭ୍ରୂଲତା ବଷୀ ଲୁଟେ ॥

ପ୍ରକୃତି ମାୟାରେ ଖେଳଇ । ଚିତ୍ତ ଚୈତନ୍ୟ ହଜି ଯାଇ ॥

ଜନନୀ ଚକ୍ଷୁ ଅଙ୍ଗରାଶି । ଶିରା ପ୍ରଶିରା ଭାବେ ବସି ॥

ହରୁ ହରାଇ ହିମାଞ୍ଚିରେ । ଯନ୍ତ୍ର ଯନ୍ତ୍ରାଦି କ୍ଷରେ କ୍ଷରେ ॥

ମନ୍ତ୍ର ପୁଟରେ ଅଙ୍କ ଥାଏ । ଭୂମିଷ୍ଠ ପୃଷ୍ଠରେ ବିଙ୍କ ହୁଏ ॥

ସ୍ୱର ସ୍ୱରୀତା ଚେତନାରେ । ସ୍ୱଧାୟୀ ମାୟା ଶବ୍ଦ ଭରେ ॥

ନାଦ ଶବ୍ଦରୁ ଉଦ୍ଧୋ ଭରେ । କର୍ଣ୍ଣଗୋଚରେ ଭ୍ରାନ୍ତିଦୂରେ ॥

ମର୍ଧୀକା କୁଭ୍ରଭା ଭ୍ରମିଶୃମେ । ବୃକ୍ଷୋ କଦରେ ଶ୍ରାବଃ ଭୂରେ ॥

ମାୟା କଣ୍ଟକ ମୋହ ସ୍ମରେ । ପିଣ୍ଡ ବର୍ହିତ ମନସ୍ତରେ ॥

ମୋହ କୁଣ୍ଡଳ ମେରୁ ଥରେ । ପିଣ୍ଡ ପ୍ରସାରୀ ମେରୁକ୍ଷରେ ॥

ଚୈତନ୍ୟ ପିଣ୍ଡେ ଚେତନାରେ । ଭବ ଭୂମିକା ସ୍ୱରେ ॥

ଜନନୀ ଜଠରେ ପିଣ୍ଡେକ୍ଷରେ । ସୃଚିନା 'ଇ' ସୂତ୍ର ଧାରେ ॥

ଜଠରେ ଜ୍ୱାଳା ମୂର୍ଥିସ୍ୱରେ । ଅପୃଷ୍ଟ ବ୍ରହ୍ମ ତ୍ରିବେଣୀରେ ॥

ଇଅଁଳା, ପିଅଁଳା ସୁଷୁମ୍ନା । ମେରୁ ମୁଷଣ ଓଁ କାରଣା ।।
ଅଙ୍ଗସ୍ୱଃ, ସଙ୍ଗ ସଙ୍ଗତରେ । ଇଡିକାଃ ବିଥିକା ବ୍ରସ୍ୱୟରେ ।।
ଚଇତନରେ ଅଭୌଧିଣ । ଅଭ୍ୱିଧା 'ଠ' କାର ଉଶ୍ୱଃ ।।
ଆତ୍ୟେୟଃ ତ୍ରେୟ ବ୍ରହ୍ମ ସ୍ୱ, ସ୍ୱ । ସୃକୌଶୀୟା ଶ୍ୱଃ ଅରେନ୍ତ ।।
ଚଇତନକୁ ଧାରଣରେ । ଅହ୍ମ ଭୁଚ୍ଛେଦ୍ୟ ଚରଣରେ ।।
କସ୍ତେୟ ଦଣ୍ଡେ ଅପ୍ରୀତରେ । ଦଣ୍ଡେ କଞ୍ଜନା ପିଣ୍ଡ ଧରେ ।
ଗମୋ ଶୈସାହ ନମୋସ୍ୱରେ । ପୁଣ୍ୟ ଫଣିରେ ବ୍ରହ୍ମକ୍ଷରେ ।।
ବ୍ରହ୍ମ କ୍ଷରକୁ କ୍ଷର ସ୍ୱର । ଅକ୍ଷର ବସାଣି ଭୂତ ଶ୍ୱରେ ।।
ଚେତନର ସ୍ୱରେ ବ୍ରହ୍ମ, ନାସାରନ୍ଧ୍ର ହୋଇ । ସ୍ରତ୍ରଧଃ ବ୍ରହ୍ମରେ ଥାଇ ଗଣ୍ଡେ ଦେଖୁଥାଇ ।।
ବ୍ରହ୍ମ ରନ୍ଧ୍ରରେ ନିତ୍ୟ ଜନନୀ ଜଠର ହାଇ । ମାଆ ଲୋ ସ୍ୱାମ୍ଭୁ ସୃରୈଜ ରୋଗ ଆଣିଥାଇ ।।
କର୍ମର ଫଳ ଭ୍ରମରେ ତ୍ରିସନ୍ଧିର ଲୀଳା । ପବନ ସୂତରେ କୁଞ୍ଜ ସୂତ୍ରଧର ଭେଳା ।।
ହୃଦୟ ହୃଦ କନ୍ଦରେ କୈସ୍ୟ ରେକଃ କର୍ମ । ମନ ଶୌରେସ୍ୟ ନିତ୍ୟ ଭ୍ରୁଣ ଲୀଳା ଧର୍ମ ।।
ଅନ୍ତର ଅନ୍ତଃ ଶୋଧେନ ବୈରାଗ୍ୟର ବେଶେ । ବୈରାଗ୍ୟ ବେଶ ଧାରଣ ମାତୃ ଦଣ୍ଡେ ଦେଶେ ।।
ନିତୟେଃ କୁଣ୍ଡଳ ଦେଶେ କମ୍ଭୁ ଶକ୍ରତ୍ରାଟ । ସ୍ୱାୟୁ ଜିହ୍ୱାଗ୍ରେ ଭ୍ରମଣ ଅନିତ୍ୟର ବେଶ ।।

ଗୁରୁ ରୂପ ଦେଖି କରୁଛୁ ଚାହିଁ
ଗୁରୁଙ୍କ ବଚନେ ମାରୁଛୁ ହାଇ ।
ଯାଗ, ଯଜ୍ଞ କଲେ ସତୁରୀ ବର୍ଷ
ନ ଦେଖିବୁ ଧନ ''ଚରମ'' ପଥ ।।

-ଶ୍ରୀଶ୍ରୀଗୁରୁସ୍ୱାମୀ



# କଲ୍ୟାଣ ଦେଇ ଚାଲେ

ଆମେ ଯାହା ଚାହୁଁଛେ, ମାଗୁଛେ, ତାହା କ'ଣ ବାସ୍ତବରେ ଆମପାଇଁ ଏକାନ୍ତ ପ୍ରୟୋଜନ ? ଆମେ ଯେତେବେଳେ ଜନନୀ ଜରାୟୁରେ ଥିଲେ, ସେତେବେଳେ କ'ଣ ଏହି ବିଷୟା କାମନା ଆମ ଭିତରେ ଥିଲା ? ତେବେ ଭୂମିଷ୍ଠ ହେବାପରେ ଏତେ ମାତ୍ରାରେ ବିଚଳିତ ହୋଇଗଲେ କାହିଁକି ? ତା'ର ଏକମାତ୍ର କାରଣ ହେଉଛି ଯେ, ଆମେ କିଏ, କେଉଁଠୁ, କାହିଁକି ଆସିଛେ, କେବେ ଯିବା, କିପରି ଯିବା, କେଉଁଠାକୁ ଯିବା, ଯିବା ସମୟରେ ଆମ ସଂଗରେ ସାଥୀରେ କିଏ ବା କେଉଁ ବସ୍ତୁ ଯିବ ତାହା ଜାଣିବାର ସୁଯୋଗ ମିଳିଲା ନାହିଁ । ଯୁଗ ତଥା କାଳର ପ୍ରଭାବରେ ଜ୍ଞାନଶକ୍ତି ବିସ୍ମୃତ ହୋଇଗଲା । ତେଣୁ ଅନିତ୍ୟକୁ ନିତ୍ୟ, ଅସତ୍ୟକୁ ସତ୍ୟ, ବାସ୍ତବକୁ ଅବାସ୍ତବ ମନେକରି ସେହି ଅନିତ୍ୟ, ଅସତ୍ୟ, ଅବାସ୍ତବ ବସ୍ତୁ ପାଇବା ପାଇଁ ପାଗଳ ହୋଇଗଲେ । ସେଇଥିପାଇଁ ଏଠାକୁ ଆସିବା ପୂର୍ବରୁ ଯିଏ ଆମ ସହିତ ଥିଲେ, ଯିବାବେଳେ ଏକା ସେହି ସାଥି ହେବେ । ସେହି କଲ୍ୟାଣମୟ ଆତ୍ମା ଧିଶ୍ୱର ଆଜି ଶ୍ରୀକରପଲ୍ଲବରେ ଜ୍ଞାନାମୃତ ବଣ୍ଟନ କରି କଲ୍ୟାଣ ଦେଇ ଚାଲିଛନ୍ତି, ତାଙ୍କରି ବାହୁଛାୟା ତଳେ ଆଶ୍ରୟ ଦେବା ପାଇଁ ।

ଯେତେଦିନ ନାଥ ତୁମ ପାଶେ ରହେ
ବିଷୟା ନପଶେ ପିଣ୍ଡେ ।
ତୁମ ଠାରୁ ଥରେ ଅନ୍ତର ହୋଇଲେ
ବିଷ ଚରିଯାଏ ଭାଣ୍ଡେ ॥

ତୁମକୁ ଧରିଛି ମନେ ମନେ ଭାବେ
ହାତ ମୋ ଖସି ଯାଉଛି,
ତୁମେ ପ୍ରଭୁ ନିଜେ ଧରି ନିଅ ମୋତେ
କାନ ଆକର୍ଷି ନେଉଛି ॥

ତ୍ୟାଗ ମଧ୍ୟେ ତ୍ୟାଗ କରିବାକୁ ଯୋଗ
ମନ ଆଉ ବଳୁନାହିଁ ।
ଭୋଗ, ତ୍ୟାଗ ସୂତ୍ର ଶିଖାଇ ଦିଅହେ
ଦୀନବନ୍ଧୁ ଭାବଗ୍ରାହୀ ॥

# କଲ୍ୟାଣ ଦେଲି ତୋତେ

'ଚରମ' ରେ ଧନ ମୋର ଅମୃତ ସନ୍ତାନ ।
ସକଳ ଶୁଭ ମନାସି ଦେଉଛି କଲ୍ୟାଣ ॥୧॥
ପଞ୍ଚଭୂତ ତତ୍ତ୍ୱ ମଧ୍ୟୁ ଜଳ ଓ ପବନ ।
ବୁଝାଇ କହିଛି ତୋତେ କରି ସମାଧାନ ॥୨॥
ମନ ସ୍ଥିରକରି ଏବେ ଅଗ୍ନି ତତ୍ତ୍ୱ ଶୁଣ ।
କିପରି ସେଥିରେ ହୁଏ ସୃଷ୍ଟିର କଲ୍ୟାଣ ॥୩॥
ଆଦ୍ୟେ ଅଗ୍ନି ଜନ୍ମ, ନାମକରଣ ରହସ୍ୟ ।
କଳ୍ପର ବ୍ରହ୍ମାଣ୍ଡ ସୂତ୍ରେ ସେ ଜ୍ୟୋତି ପ୍ରକାଶ ॥୪॥
କହୁଅଛି ସଂକ୍ଷେପରେ ଧରମ ନନ୍ଦନ ।
ଶ୍ରଦ୍ଧା, ଭକ୍ତି, ବିଶ୍ୱାସରେ କର ତୁ ଶ୍ରବଣ ॥୫॥
ପଦ୍ମକଳ୍ପ, ବ୍ରହ୍ମକଳ୍ପ ହୋଇଗଲା ଶେଷ ।
ବରାହ କଳ୍ପର ଲୀଳା କରିଲା ପ୍ରବେଶ ॥୬॥
ହିରଣାକ୍ଷ ନାମେ ଦୈତ୍ୟ ମହା ବଳିୟାର ।
ବ୍ରହ୍ମ ତମଗୁଣ ତେଜେ ପ୍ରଚଣ୍ଡ ଶରୀର ॥୭॥
ତା'ର ଅତ୍ୟାଚାର କେହି ନ ପାରିଲେ ସହି ।
ମହାବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ ମହୀ ॥୮॥
ଲୀଳାମୟ ନିଜ ଅଂଗ ରୂପାନ୍ତର କଲେ ।
ବରାହ ରୂପରେ ସେହି ଆବିର୍ଭାବ ହେଲେ ॥୯॥
ହିରଣାକ୍ଷ ବଧ ପାଇଁ ଅତି କ୍ରୋଧ କଲେ ।
ତାଙ୍କରି ମୁଖରୁ ମହାଅଗ୍ନି ପ୍ରକାଶିଲେ ॥୧୦॥
'ବୈଷ୍ଣବାଗ୍ନି' ନାମେ ସେହି ପ୍ରଳୟ ଅନଳ ।
ହିରଣାକ୍ଷ ଭସ୍ମକରି ରହିଲେ ଭୂତଳ ॥୧୧॥
ଏହିଠାରୁ ଅଗ୍ନିଙ୍କର ପ୍ରଥମ ପ୍ରକାଶ ।
ହୋଇଲା ସୃଷ୍ଟିରେ ଶୁଣ ମୋର ପ୍ରିୟ ଶିଷ୍ୟ ॥୧୨॥
ପ୍ରତିକଳ୍ପ ଶେଷେ ସୃଷ୍ଟି ପ୍ରଳୟ ଯେ ହୁଏ ।
ପ୍ରଳୟରେ ବ୍ରହ୍ମଲୋକ ଆଦି ଲୀନ ଯାଏ ॥୧୩॥
ପ୍ରଳୟ ପୂର୍ବରୁ ମହାବିଷ୍ଣୁଙ୍କ ମୁଖରୁ ।
ମହାଅଗ୍ନି ସୃଷ୍ଟି ହୋଇ ତାଙ୍କର ଇଚ୍ଛାରୁ ॥୧୪॥
ଦହନ କରଇ ସର୍ବଲୋକ ସର୍ବସ୍ଥିତି ।
ତଦନ୍ତେ ପ୍ରଳୟ ଜଳ ବୃଷ୍ଟି ବରଷନ୍ତି ॥୧୫॥
ଜଳମୟ ହୋଇଯାଏ ସକଳ ଭୁବନ ।
କେବଳ ରହନ୍ତି ସେହି ଶ୍ୟାମ ନବଘନ ॥୧୬॥
ମହାଶୂନ୍ୟେ ପ୍ରଳୟର ଭୋଗ ଶେଷ ହେଲେ ।
ନୂଆସୃଷ୍ଟି ରଚିବାକୁ ସ୍ରଷ୍ଟା ଇଚ୍ଛାକଲେ ॥୧୭॥
ତାଙ୍କ ନାଭିକମଳରୁ ବ୍ରହ୍ମାରୂପ ଜନ୍ମି ।
କରନ୍ତି ସମସ୍ତ ସୃଷ୍ଟି ରଜଗୁଣ ନାମୀ ॥୧୮॥
ବିଷ୍ଣୁ ରୂପରେ ପାଳନ୍ତି ସ୍ଥାବର ଜଙ୍ଗମ ।
ଶିବରୂପେ ସଂହାରନ୍ତି ପୁରୁଷ ଉତ୍ତମ ॥୧୯॥
ତାଙ୍କ ମାୟାବଳେ ପଞ୍ଚଭୂତ ଜାତ ହୋଇଯାନ୍ତି ।
ସେହି ପଞ୍ଚଭୂତ ମଧ୍ୟେ ଅଗ୍ନି ମହାଶକ୍ତି ॥୨୦॥
ଜାତ ହୋଇ ପ୍ରସରନ୍ତି ସକଳ ଭୁବନେ ।
ବ୍ରହ୍ମତେଜ, ବ୍ରହ୍ମଆଜ୍ଞା କାରଣ ପାଳନେ ॥୨୧॥
କେଉଁଠାରେ କେଉଁନାମେ ଅଗ୍ନିଛନ୍ତି ରହି ।
ଆଗାମୀ ସଂଖ୍ୟାରେ ତାହା ଦେବି ତୋତେ କହି ॥୨୨॥

ତୋର ମଙ୍ଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

**ଠାକୁରଙ୍କ ଶ୍ରୀମୁଖ ନିଃସୃତ ବାଣୀ -**

୧. କେବଳ ଦୁଃଖ ମନୁଷ୍ୟକୁ ଉନ୍ନତ କରେ ନାହିଁ । ଦୁଃଖ ସହିତ ବୈରାଗ୍ୟର ମିଳନ ହେବା ଆବଶ୍ୟକ । ଭଗବତ୍ ଅନ୍ୱେଷୁ ବୈରାଗ୍ୟଦୀପ୍ତ ପବିତ୍ର ଅନ୍ତରରେ ଦୁଃଖର ତାପ ମନୁଷ୍ୟକୁ ଅନ୍ତର୍ମୁଖୀ କରେ । ଏହା ତା'କୁ ବୃହତ୍ତର ଜୀବନ ପାଇଁ ଆକୁତି ଦିଏ ଏବଂ ମାୟାବନ୍ଧନରୁ ମୁକ୍ତିର ଆକାଂକ୍ଷା ଦିଏ । ସେତେବେଳେ ପୁରୁଷାର୍ଥର ସୂକ୍ଷ୍ମସୂତ୍ରୀୟ ଚରମ ସୋପାନରେ ଯୋଗୀ ଉପନୀତ ହୋଇ ଦୁଃଖର ଦୀକ୍ଷାରେ ଦୀକ୍ଷିତ ହୋଇଯାଏ ।

୨. ଜୈବିକ ଦୁଃଖ ଓ ମାନସିକ ଯନ୍ତ୍ରଣା ସୁପ୍ରତିଷ୍ଠିତ ଆଧାତ୍ମିକ ଜୀବନକୁ ବ୍ୟାହତ କରିବାକୁ ସମର୍ଥ ହୁଏ ନାହିଁ ।

୩. 'ଇୟଂ ତପସ୍ୱିନୀ ସତ୍ୟା ଧାରୟିଷ୍ୟତି ମେଦିନୀ' - ଏହି ସ୍ନେହମୟୀ ତପସ୍ୱିନୀ ଭାରତ ଚିରଦିନ ଭାରତକୁ ବଞ୍ଚାଇ ରଖିଛି । ପର୍ବତ କୁନ୍ତଳା ଭାରତବର୍ଷ ସାକ୍ଷାତ୍ ସର୍ବଶସ୍ୟ ପ୍ରଦାୟିନୀ ମଙ୍ଗଳମୟ ଦେବୀ ।

୪. ଭାରତ ହିଁ ପୁଣ୍ୟଭୂମି । ଧର୍ମ ଯୁଗେ ଯୁଗେ ଏହି ଭୂମିରେ ଜନ୍ମଲାଭ କରନ୍ତି । ତେଣୁ ଏ ଦେଶର ପ୍ରତିଟି ଧୂଳିକଣା ପବିତ୍ର ଏବଂ ତୀର୍ଥସ୍ଥାନ ଅଟେ ।

୫. ଦେବତାମାନେ ଏକସ୍ଥାନରୁ ଅନ୍ୟ ଏକ ସ୍ଥାନକୁ, ଏହିପରି ବହୁସ୍ଥାନକୁ କେବଳ ଗମନ କରନ୍ତି । ଅସୁରମାନେ ସ୍ଥାଣୁ । ତେଣୁ ଗୋଟିଏ ସ୍ଥାନରେ ହିଁ ପଡ଼ିରହିବାକୁ ସେମାନେ ପସନ୍ଦ କରନ୍ତି ।

୬. ଈର୍ଷାରୂପୀ ମହାବୃକ୍ଷରେ ପରିଣତ ହୁଅନାହିଁ । ଈର୍ଷା ଅନଳରେ ନିଜେ ପୋଡ଼ି ଛାରଖାର ହୋଇଯାଅନାହିଁ । ଅନ୍ୟର ସୁଖଶ୍ରୀ ଦେଖି ଯିଏ ସହ୍ୟ କରିପାରେ ନାହିଁ, ସେ ମହାପାପୀ । ସେ ନାନାଦି ପାପକାର୍ଯ୍ୟରେ ଅବଶ୍ୟ ଲିପ୍ତ ହୁଏ ହିଁ ହୁଏ । ନିଦାରୁଣ ସନ୍ତାପ ବହନ କରି ନିଜ ଜୀବନକୁ ଦୁଃସହ ଭାରାକ୍ରାନ୍ତ କରିଦିଏ ।

୭. କର୍ମଫଳ ଅବ୍ୟର୍ଥ । ସଦାଚାର ଦ୍ୱାରା ଅଭିଶପ୍ତ ମଧ୍ୟ ମୁକ୍ତି ପାଇପାରେ । କାରଣ ଶାନ୍ତ, ସତ୍ ଓ ଆଚାର ପଥରେ ଚଳି ନୂତନ ସଂସ୍କାର ବଳରେ ଅଭିଶାପ ମଧ୍ୟ ଫଳେ ନାହିଁ । ଅହଂକାରୀ ଓ କପଟୀ ହେଲେ ଅଭିଶାପ ଭୟଙ୍କର ରୂପ ଧାରଣ କରି ଅଧଃପତନ ହିଁ ଆଣଥାଏ, ଆଉସେହି ଅଧଃପତନର ରୂପ ମଧ୍ୟ ଅତ୍ୟନ୍ତ ଭୟଙ୍କର ।

୮. ରାମାୟଣ, ମହାଭାରତ ଓ ପୁରାଣଗୁଡ଼ିକର ଉପାଖ୍ୟାନଗୁଡ଼ିକରେ ଶାଶ୍ୱତଭାରତର ଯୁଗଯୁଗ ସଞ୍ଚିତ ମହାନତା, ତ୍ୟାଗ, ତପସ୍ୟା ଓ ସିଦ୍ଧିର ଇତିହାସ ଲିପିବଦ୍ଧ ହୋଇ ରହିଛି ।

୯. ଅସାଧାରଣ ମହିମାନ୍ୱିତ, ଗୌରବାନ୍ୱିତ, ଦୀପ୍ତିବନ୍ତ ତପଃପୂତ ଜୀବନର ଧ୍ୟାନ ଓ ସିଦ୍ଧି ମଧ୍ୟରେ ଉତ୍ଥାନ, ଏପରିକି ପତନ ମଧ୍ୟ ଆଧାତ୍ମିକ ଜୀବନର ପୂର୍ଣ୍ଣବିକାଶ ପାଇଁ ସହାୟକ ହୁଏ । ଏହା ଶୁଭଫଳ ମଧ୍ୟ ଆଣିଦିଏ ଏବଂ ତଦ୍ୱାରା ଜଗତର କଲ୍ୟାଣ ସାଧିତ ହୁଏ ।

୧୦. ଯେଉଁଠି ତପସ୍ୟା ଓ ସିଦ୍ଧି ରହିଛି, ସେଠାରେ ହୃଦୟବୃତ୍ତି ଓ ଭାବବୃତ୍ତିରୁ ଜନ୍ମହୋଇ ପ୍ରେମ, ପ୍ରୀତି, ସ୍ନେହ, ଅନୁରାଗ, ଦୟା ଓ କ୍ଷମା ଆଦି ରହି ଚରିତ୍ରର ବଳିଷ୍ଠତା ଓ ସୁଷମାକୁ ଦିବ୍ୟକରି ତୋଳିଛି । ଏହା ବ୍ୟକ୍ତିତ୍ୱର ତେଜ, ପ୍ରତିଭା ଓ ସାମର୍ଥ୍ୟ । କିନ୍ତୁ ସେଠାରେ ନଶ୍ୱର ପାର୍ଥିବ ଓ ଭୌତିକ ପ୍ରାପ୍ତି ରହିପାରେ ନାହିଁ ।

୧୧. ଦୁଃଖର ଅନଳରେ ଯାହାର ଦେହ, ମନ, ପ୍ରାଣ ପୋଡ଼ି ସିଦ୍ଧ ହୋଇଯାଇଛି, ସେ ବିଶେଷ ଭାବରେ ଶୁଦ୍ଧ

ହୋଇଯାଇଛି । ତା'ର ଧନ, ସମ୍ମାନ, ପ୍ରତିପତ୍ତି, ଅହଂକାର, ଆତ୍ମସ୍ୱାର୍ଥ ସମୂଳେ ଧ୍ୱଂସ ହୋଇଯାଇଛି । ମାତ୍ର ତଦ୍ୱାରା ସେ ଜ୍ଞାନ, ତପସ୍ୟା, ଓଜସ୍ୱିତା ଓ ପ୍ରେମଭକ୍ତିରେ ସିଦ୍ଧିଲାଭ କରିଛି ।

୧୨. ଯୋଗୀ ତପସ୍ୱୀର ଯୋଗତପସ୍ୟାର ପ୍ରଭାବ ସହିତ ଈଶ୍ୱରଙ୍କର ପ୍ରସାଦ (କରୁଣା ଓ କଲ୍ୟାଣ) ଯୁକ୍ତ ହୋଇ 'ଧର୍ମର ଜୟ' ପ୍ରତିଷ୍ଠିତ ହୁଏ ।

୧୩. ମନରେ କ୍ଷୁର ପରି ତୀକ୍ଷ୍ଣଧାରଯୁକ୍ତ ଅଥଚ ବଚନରେ ଅମୃତତୁଲ୍ୟ ହୋଇ ଛଳକପଟର ଆଶ୍ରୟ ନେଇ ପାପୀ ସାଜିଥିବା ଲୋକ ଠାରୁ ସବୁବେଳେ ସବୁସ୍ଥାନରେ ଦୂରେଇ ରହିବା କର୍ତ୍ତବ୍ୟ ଅଟେ ।

୧୪. ନିଜର ଆଧ୍ୟାତ୍ମିକ, ଯୌଗିକ, ତାପସୀ ଶକ୍ତି କୌଣସିଦିନ କୌଣସିସ୍ଥାନରେ କୌଣସି ସମୟରେ କଦାପି ଅସତ୍‌କାର୍ଯ୍ୟରେ ବ୍ୟବହାର କରିବ ନାହିଁ । ଏହି ସୁଶକ୍ତିକୁ ସର୍ବଦା ଜଗତକଲ୍ୟାଣ ନିମନ୍ତେ ବିନିଯୋଗ କରିବା ଉଚିତ ।

୧୫. ଯୋଗୀର ଅତ୍ୟଧିକ ଆଧ୍ୟାତ୍ମିକ ଶକ୍ତି ସହିତ ସ୍ୱଭାବ ଓ ସ୍ୱଧର୍ମଗୁଣରୁ ଥିବା କ୍ରୋଧ, ଅଧୈର୍ଯ୍ୟ ଓ ତତ୍‌କ୍ଷଣିକତା ପାଇଁ ତ୍ରିଭୁବନରେ ସମସ୍ତେ ହିଁ ତାଙ୍କୁ ଭୟ କରନ୍ତି । ତେଣୁ ଆମେ ଚାହୁଁ-ସେମାନେ ତାଙ୍କର ଅଲୌକିକ ଶକ୍ତିକୁ ସାଧାରଣ କାର୍ଯ୍ୟରେ ବ୍ୟବହାର ନକରି କେବଳ ଜଗତକଲ୍ୟାଣ ପାଇଁ ସଦା ବିନିଯୋଗ କରନ୍ତୁ ।

୧୬. ଜଣେ ଜଣେ କ୍ରୋଧୀ, ଅଧୈର୍ଯ୍ୟ, ଅସହିଷ୍ଣୁ ଓ ତତକ୍ଷଣିକ ହେଲେ ମଧ୍ୟ ତାଙ୍କର ବିବେକ ବିଚାରଶୀଳତା, ସୌହାର୍ଦ୍ଦ୍ୟ ଓ ଅପ୍ରତିଶୋଧୀ ମନୋବୃତ୍ତି ତାଙ୍କୁ ଧର୍ମଜ୍ଞାନ, ଆଧ୍ୟାତ୍ମଜ୍ଞାନ, ଆଧ୍ୟାତ୍ମିକ ଶକ୍ତି ଓ ବିଭୁକୃପା ଲାଭ କରିବାରେ ସହଯୋଗ କରେ । ତାଙ୍କର ଅକପଟ ଭ୍ରାତୃତ୍ୱ ପ୍ରେମ ପାଇଁ ଆମେ ତାଙ୍କୁ ପ୍ରାଣଦେଇ ଭଲପାଉଁ । ତାଙ୍କର ତ୍ୟାଗ ଓ ସରଳତା ପାଇଁ ସେ ଅନେକଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି ।

୧୭. କ୍ଲୀବ ପରି ଦୁର୍ବଳମନା ହୋଇ କେବଳ ଅରଣ୍ୟରେ ବାସ କଲେ କେହି ସ୍ୱର୍ଗଲାଭ କରିପାରେ ନାହିଁ । କେବଳ କର୍ମତ୍ୟାଗ କରି ସାଧନ ନକରି କେହି ସିଦ୍ଧିଲାଭ କରିପାରେ ନାହିଁ ।

୧୮. ଅମିତ ଆଧ୍ୟାତ୍ମିକ ଶକ୍ତି ଓ ବୀର୍ଯ୍ୟ ମଧ୍ୟରେ ଶିଶୁସୁଲଭ ସରଳତା ଓ ସ୍ପଷ୍ଟବାଦିତା ଚରିତ୍ର ଓ ବ୍ୟକ୍ତିତ୍ୱକୁ ଉଜ୍ଜ୍ୱଳ କରି ତୋଳେ । ଯେଉଁ ଲୋକ କାମ, ଲୋଭ, ଗର୍ବ ଅହଂକାର ବଶତଃ ସକଳଶକ୍ତି ସାମର୍ଥ୍ୟସତ୍ତ୍ୱେ ଜୀବନରେ ହୀନ ଚାତୁରୀ ଅବଲମ୍ବନ ନକରି, ସ୍ୱାର୍ଥପର ନହୋଇ, ଅନ୍ୟାୟଅତ୍ୟାଚାର ନକରି ଆଗେଇ ଚାଲେ, କେବଳ ସେହିଁ ଆମର ପ୍ରାଣପ୍ରିୟ ହୁଏ ।

୧୯. ଅନ୍ୟାୟ, ଅନୀତି, ବିଶୃଙ୍ଖଳା ଓ ବର୍ବରତା ବିରୁଦ୍ଧରେ ଯୋଗୀର କରାଳମୂର୍ତ୍ତି, ରକ୍ତଚକ୍ଷୁ, କ୍ରୋଧଦୀପ୍ତ ବଜ୍ର ହୁଙ୍କାରରେ ଆମେ ହିଁ ପ୍ରକଟିତ ହୋଇଥାଉଁ । ବିଶ୍ୱକଲ୍ୟାଣକର କ୍ରୋଧ ଆମର ଆୟୁଧସ୍ୱରୂପ, ତେଣୁ ତାହା କାଳଜୟୀ ।

୨୦. ଈଶ୍ୱର ସର୍ବକାଳରେ ଅନ୍ୟାୟଦ୍ରୋହୀ । ତେଣୁ ଅଭୀଃ ମନ୍ତ୍ରର ସାଧକ ଅନ୍ୟାୟ ଅନୀତି ଦେଖି କଦାପି ନୀରବ ରହି ପାରନ୍ତି ନାହିଁ । ପରମପିତାଙ୍କର ମଧ୍ୟ ଭୀମମୂର୍ତ୍ତି ଅଛି । ଏହି ମୂର୍ତ୍ତିର ବର୍ଣ୍ଣନା ଗୀତାର ଏକାଦଶ ଅଧ୍ୟାୟର ୨୫ନମ୍ବର ଶ୍ଳୋକରେ ରହିଛି ।

୨୧. ପରମପିତା ଯାହାଠାରେ ସନ୍ନିବିଷ୍ଟ ହୋଇଥାଆନ୍ତି, ତା'ର ମଧ୍ୟ ଏପରି ଉଗ୍ରମୂର୍ତ୍ତି ହେବା ସ୍ୱାଭାବିକ । ମାତ୍ର ଏପରି କ୍ରୋଧଦୀପ୍ତ ମୂର୍ତ୍ତି ବା ତାଙ୍କର କ୍ରୋଧରେ ଆଦୌ ହିଂସା ନଥାଏ, ଏହାଦ୍ୱାରା ସୃଷ୍ଟିର କ୍ଷତି ହୁଏ ନାହିଁ, ବରଂ ଜଗତର କଲ୍ୟାଣ ସାଧନ ହୁଏ ।




# ଶ୍ରୀପାଦୁକା ମେଳା ଓ ବ୍ରହ୍ମକଲ୍ୟାଣ ଶାନ୍ତି ଯଜ୍ଞ

୧୪୨୦ସାଲ, ମାଘ ଦି୧୭ନ, ମକର ଦି୨୪ନ ପବିତ୍ର ଷଟ୍‌ତିଳା ଏକାଦଶୀ,
ବୁଧବାର ୨୦୧୩ ମସିହା ଫେବୃୟାରୀ ୬ ତାରିଖ ଠାରୁ (ଚତୁର୍ଦ୍ଦଶୀ)
ଫେବୃୟାରୀ ୯ ତାରିଖ ଶନିବାର ପର୍ଯ୍ୟନ୍ତ ।

ଶୂନ୍ୟରୁ ପୁରୁଷ ଖସିବ ଯେବେ,
ପାଦୁକାର ମେଳା ହୋଇବ ତେବେ ।
ଠିକଣା ବେଳକୁ ନିଘା ତୁ କର,
ଦେଖିବୁରେ ରାମ ବେନି ନେତ୍ରର ।
ଉଆଁସ ପକ୍ଷର ମାଧବ ମାସ,
ପାଦୁକାର ମେଳା ହେବ ପ୍ରକାଶ ।

ଆଜି ପବିତ୍ର ଷଟ୍‌ତିଳା ଏକାଦଶୀର ଅମୃତ ବେଳାରେ ମହାପୁରୁଷ ଅଚ୍ୟୁତାନନ୍ଦ ୫୫୦ ବର୍ଷ ପୂର୍ବରୁ ଯାହା ଶିଷ୍ୟ ରାମଦାସଙ୍କୁ ଉପଦେଶ ମାଧମରେ ଲେଖନୀ ନମୁନାରେ ଲିପିବଦ୍ଧ କରି ଯାଇଛନ୍ତି, ତାହା ଆଜି ଧରା ବକ୍ଷରେ ଲୀଳା ମାଧ୍ୟମରେ ପ୍ରକାଶ ହୋଇ ଚାଲିଛି । ସେହି ଲୀଳ..ମାନଙ୍କ ମଧ୍ୟରୁ ଆଜି ଶ୍ରେଷ୍ଠଲୀଳା ପରିପ୍ରକାଶ ହେଉଛି ''ଶ୍ରୀପାଦୁକା ମେଳା'' ମାତ୍ର ଏହାର ପାଳନ ଓ ମିଳନବିଧି ସ୍ୱତନ୍ତ୍ର ଓ ଅନନ୍ୟ । ଯେଉଁ କାରଣରୁ ଓ ଯେଉଁ ଉଦ୍ଦେଶ୍ୟରେ ଏବଂ ସ୍ୱତନ୍ତ୍ର ବିଧାନରେ ଧରାରେ ପ୍ରଥମ ଥର ପାଳିତ ହେଉଛି । ତାହାହିଁ ଏହି 'ସ୍ମରଣିକା'ର ବିଷୟ ବସ୍ତୁ । କାରଣ ଉକ୍ତ ଲୀଳାର ଉନ୍ମୋଚନ ପୂର୍ବରୁ ଶ୍ରୀପଦପାଦୁକାର ଜନ୍ମ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିବା ଏକାନ୍ତ ଜରୁରୀ ।

## ଶ୍ରୀପାଦପଦ୍ମପାଦ

ବ୍ରହ୍ମ ଦର୍ଶନ, ବ୍ରହ୍ମ ଉପଲବ୍ଧି କରିଥିବା ଯୋଗୀ, ମୁନି, ଋଷି, ସାଧୁ, ସନ୍ଥ ଓ ଭକ୍ତମାନେ ସେମାନଙ୍କର ଇପ୍‌ସିତ ତଥା ପ୍ରାପ୍ତ ''ବ୍ରହ୍ମଙ୍କର ସାକାର ରୂପମାଧୁରୀରେ ବିସ୍ମିତ ହୋଇ ସେହି ରୂପକୁ ସର୍ବଦା ଚିନ୍ତନ, ମନନ ଓ ପୂଜନ କରୁଥାଆନ୍ତି । କିନ୍ତୁ ପ୍ରତିକ୍ଷଣରେ ସେମାନେ ଇଷ୍ଟଦେବଙ୍କ ''ପଦ୍ମପାଦ'' କୁ ଲୟ କରୁଥାଆନ୍ତି ଏବଂ ଦର୍ଶନ କରିବା ପାଇଁ ଆକୁଳ ନିବେଦନ କରୁଥାଆନ୍ତି । ପ୍ରାର୍ଥନାରେ ଜୀବନର ଅନ୍ତିମ ସମୟ ଉପସ୍ଥିତ ହେଲେ ସେହି ''ପଦ୍ମପାଦ''ରେ ଚିର ବିଶ୍ରାମ ନେବାପାଇଁ ଅଳି କରୁଥାଆନ୍ତି । ମାତ୍ର କାହିଁକି ? କେଉଁ କାରଣରୁ ବ୍ରହ୍ମଙ୍କର ଅନ୍ୟ ଅଙ୍ଗ ବିଶେଷକୁ ଲକ୍ଷ୍ୟ ନ ରଖି ନିଜର ଲୟ, ଧ୍ୟେୟକୁ କେନ୍ଦ୍ରୀଭୂତ କରାଇଥାନ୍ତି ''ପଦ୍ମପାଦ''ରେ ?

''ପଦ୍ମପାଦ'' କହିଲେ ଅନେକ ଅର୍ଥ ମନକୁ ଆସେ । ଯଥା : ପଦ୍ମପରି ପାଦ ଯାହାର ସେ ''ପଦ୍ମପାଦ'' । ପଦ୍ମ ଆକାର ଯେଉଁ ପାଦ ସେ ପାଦ''ପାଦପଦ୍ମ'' । ଯେଉଁ ପାଦରେ ପଦ୍ମ ଫୁଟେ ସେ ପାଦ''ପାଦପଦ୍ମ'' । ଏହିପରି ଅନେକ ଭାବ, ବିଭିନ୍ନ ମତ । ମାତ୍ର ପରମେଶ୍ୱରଙ୍କ ଶ୍ରୀପଦକୁ କାହିଁକି ''ପଦ୍ମପାଦ'' କୁହାଯାଏ, ତାହାର ରହସ୍ୟ ଉପଲବ୍ଧି କରିଥିଲେ ମହାପୁରୁଷ ଅଚ୍ୟୁତାନନ୍ଦ । ନିର୍ବିକଳ୍ପ ସମାଧିରେ ଦର୍ଶନ କରିବା ସମୟରେ ସେ ଦେଖିଥିଲେ ସେହି ପଦ୍ମଫୁଲ ଯାହା ଉପରେ ପ୍ରଭୁଙ୍କର ଶ୍ରୀପାଦ ରହିଥିଲା । ସେହି ଅନୁଭୂତିକୁ ସେ ''ଗୁରୁଭକ୍ତି ଗୀତା'' ତୃତୀୟ ଖଣ୍ଡ ଷଷ୍ଠ ଚତ୍ୱାରିଂଶତ ପଟଳ ପୃଷ୍ଠ ୨୫ରେ ବର୍ଣ୍ଣନା କରିଛନ୍ତି । ଯଥା :

''ପଦ୍ମ ଫୁଟିଛି ସେ ଚରଣ । ଫେଡିଲେ ପାଇବୁ କାରଣ ॥
ଶୁଣ ହେ ଚବିଶ ଗୋପାଳ । ପଦ୍ମ ଫୁଟିଛି ପାଦତଳ ॥
ଅଥର୍ବ ପୃଥ୍ୱୀ ଯେ ଅଟଇ । ସାମ ଯେ ଜଳ ପୁଣ ହୋଇ ॥
ଋକ୍ ଯେ ପୁଷ୍ପ ପତ୍ର ଜାଣ । ଯଜୁଃ ଯେ କେଶର ପ୍ରମାଣ ॥
ଅର୍ଥବ ପଙ୍କ ବୋଲି ଜାଣ । ସାମ ଯେ ବୃକ୍ଷ ମତ ପୁଣ ॥
ଶିଶ୍ ଯେ ବୀଜ ପୁଣ ହୁଏ । ଏମନ୍ତ ପଦ୍ମ ଫୁଟି ରହେ ॥
ଏ ପଦ୍ମ ପରେ ପାଦରହେ । ଅକାରୁ ''କ୍ଲୀଂ'' ବୀଜ ହୁଏ ॥
ଅକାରେ ଏକାର ମିଶିଣ । ପାଦବୋଲିଣ ଏହା ଜାଣ ॥
ଏ ପାଦସୁମରଣା କର । ଷୋଡ଼ଶ ମନ୍ତ୍ର ହୃଦେଧର ॥
ଚାରି, ଚାରିରେ ଆଠ ହୋଇ । ଆଠ ଆଠରେ ଷୋଳ କହି ॥
ହରେ ବସଇ ଯଜୁଃ ଦଳେ । କୃଷ୍ଣ ବସଇ ସାମ ମୂଳେ ॥
ରାମ ବସଇ ଋକ୍ ଦଳ । ସାମ ଅଥର୍ବ ଦଳେ ମେଳ ॥
ଏମନ୍ତେ ଚାରିଦଳ ହୋଇ । ଚାରି ଦଳରେ ଚାରି ହୋଇ ॥
ହ୍ରୀଂ ଯେ ଶ୍ରୀଂ କ୍ଲୀଂ ଦାମ । ନନ୍ଦ କନ୍ଦ ଯେ ଦୀନ ଧର୍ମ ॥
ସାଧୁ, ମଧୁ କାମ ବ୍ରହ୍ମରେ । ଷୋଡ଼ଶ ନାମ ଏ ବିଧିରେ ॥
ପାଦ, ପଦ୍ମକୁ ସୁମରିବ । ଷୋଡ଼ଶ ମନ୍ତ୍ର ଜପୁଥିବ ॥
ପଦ୍ମୁଁ ଅମୃତ ଝରୁଅଛି । ଚରଣୁଁ ଝାଳ ଯେ ବୋହୁଛି ॥
ସେ ଝାଳ ଅମୃତ ଅଟଇ । ଅର୍ଦ୍ଧାଙ୍ଗେ ଗଳିଣ ପଶଇ ॥
ଓଁକାରେ ମିଶି ପାଦତଳ । ମିଳଇ ମୂଳ ଯେ କମଳ ॥''

ଉପରୋକ୍ତ ପଦ୍ୟାଂଶର ବିଶଦବ୍ୟାଖ୍ୟା ତ ଏକ ବୃହତ ପୁସ୍ତକ ହେବ । ତେଣୁ ସଂକ୍ଷେପରେ ସାରାଂଶ ହେଉଛି : ଏ ସୃଷ୍ଟିର ଆଦି ବୀଜ '' କ୍ଲୀଂ, ଶ୍ରୀଂ, ହ୍ରୀଂ'' ''ଓଁକାର'' ସହ ଏକତ୍ର ହୋଇ ସ୍ରଷ୍ଟାଙ୍କ ଅଙ୍ଗର ଯେଉଁ ସ୍ଥାନରେ ଅବସ୍ଥାନ କରନ୍ତି ସେହି ସ୍ଥାନର ନାମ ହେଉଛି ''ପାଦ'' । ଏହିଠାରୁ ହିଁ ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ସଂହାର । ସୁତରାଂ ଏହି ''ପାଦ'' ହିଁ ସକଳ ଶକ୍ତି, ସର୍ବ ତୀର୍ଥଧାମର କେନ୍ଦ୍ରସ୍ଥଳ । ଏହି ପାଦ ଚାରିଦଳ ବିଶିଷ୍ଟ ପଦ୍ମଫୁଲ ଉପରେ ରହିଅଛି । ପଦ୍ମଫୁଲର ସ୍ଥିତି ଓ ଆକୃତି ବର୍ଣ୍ଣନା କରିବାକୁ ଯାଇ ମହାପୁରୁଷ କହନ୍ତି- ''ଅଥର୍ବ'' ବେଦ ହେଉଛି ପୃଥ୍ୱୀ ବା ସ୍ଥଳଭାଗ । ଏହି ସ୍ଥଳଭାଗରେ ''ସାମବେଦ'' ହେଉଛି ଜଳରାଶି । ଏ ଜଳରାଶି ମଧ୍ୟରେ ପୃଥ୍ୱୀ ରୂପକ ଅଥର୍ବ ହିଁ ପଙ୍କ ହୋଇ ରହିଛି । ଉକ୍ତ ପଙ୍କରୁ ପୁନଶ୍ଚ ''ସାମବେଦ'' ପଦ୍ମବୃକ୍ଷ ହୋଇ ଉଠାହୋଇଛି । ''ଶାମ'' ରୂପକ ବୃକ୍ଷରେ ଋକ୍‌ବେଦ ପଦ୍ମ ପତ୍ର ଓ ପଦ୍ମ ପୁଷ୍ପ ହୋଇ ଶୋଭା ପାଉଛି । ଏହି ଅଦ୍ଭୁତ ''ପଦ୍ମ'' ଫୁଲରେ ''ଶିଶୁ'' ବେଦ କେଶର ହୋଇ ରହିଛି । ପୁନର୍ବାର ବିଶଦ ବର୍ଣ୍ଣନାରେ କହୁଛନ୍ତି : ଜୀବର ଉଦ୍ଧାର ପାଇଁ ଯେଉଁ ଷୋଡ଼ଶ ମନ୍ତ୍ର ସାଧନର ପ୍ରୟୋଜନ ଥାଏ ସେହି ଷୋଡ଼ଶ ମନ୍ତ୍ର ଉକ୍ତ ପଦ୍ମ ପାଖୁଡ଼ାରେ ବିକ୍ଷିପ୍ତ ଭାବରେ ସ୍ଥିତ ହୋଇଛି । ଏଠାରେ ସରଳୀକରଣ କରିବାକୁ ଗଲେ ମହାପୁରୁଷ ମୁଖ୍ୟତଃ ''ତାରକମନ୍ତ୍ର''ର ପ୍ରାଧାନ୍ୟ ଏଠାରେ ପ୍ରକାଶ କରିଛନ୍ତି । ''ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ । ହରେ ରାମ, ହରେ ରାମ, ରାମରାମ ହରେ ହରେ ।'' ଏହିନାମ ମଧ୍ୟରୁ ଚାରିବେଦର ଆକାର ଗ୍ରହଣ କରିଥିବା ପଦ୍ମଫୁଲର ''ଯଜୁଃବେଦ'' ସ୍ଥିତ ଦଳରେ ''ହରେ'' ଅଛନ୍ତି । ''କୃଷ୍ଣ'' ''ସାମ'' ଦଳରେ ଓ ''ରାମ'' ''ଋକ୍'' ଦଳରେ ଅବସ୍ଥାନ କରିଛନ୍ତି । ଏ ସମସ୍ତ ନାମ ପୁନଶ୍ଚ ଏକତ୍ର ମିଳିତ ହୋଇ 'ଅଥର୍ବ' ବେଦ ବା ପଦ୍ମର ମୂଳାଧାରରେ ମିଳିତ ହୋଇଛନ୍ତି । ଏହି ପବିତ୍ରତମ ପଦ୍ମପାଖୁଡ଼ାରେ ''ହ୍ରୀଂ'', ''ଶ୍ରୀଂ'', ଓ ''କ୍ଲୀଂ'' ଆଦି ବୀଜ ଅବସ୍ଥାନ କରିଛନ୍ତି ।

ମତାନ୍ତରେ ''ବେଦ'' ଅର୍ଥାତ୍ ଶରୀର । ଜୀବର ସଂସ୍କାର, କର୍ମପ୍ରବାହ ଓ ସିଦ୍ଧି ଅବସ୍ଥାକୁ ନେଇ ଏହି ଚତୁଃର୍ବେଦ''ଶାମ, ଯଜୁଃ, ଋକ୍ ଓ ଅଥର୍ବ'' ର ବିଚାର କରାଯାଇଥାଏ । ପିଣ୍ଡସାଧନାର ଚରମ ପର୍ଯ୍ୟାୟରେ ସାଧକ ସମାଧି ଅବସ୍ଥାରେ ହିଁ ପଦ୍ମଫୁଲର କେଶର ରୂପରେ ରହିଥିବା ''ଶିଶୁବେଦ''କୁ ଉପଲବ୍ଧି କରିପାରେ । ପୁନଶ୍ଚ ଏ ଧରିତ୍ରୀ ହେଉଛି ପଦ୍ମର ଆଧାର । ଏହାରି ଉପରେ ପଞ୍ଚବେଦ, ଷୋଡ଼ଶ ମନ୍ତ୍ର ପଦ୍ମର ପାଖୁଡ଼ା, ପତ୍ର, ଫୁଲ ଓ କେଶର ରୂପରେ ଅବସ୍ଥାନ କରିଅଛନ୍ତି । ସୁତରାଂ ଆଲୋଚ୍ୟ ''ପଦ୍ମ'' ଟି ହିଁ ହେଉଛି ଏ ସୃଷ୍ଟି । ଏହି ସୃଷ୍ଟି ପଦ୍ମ ଉପରେ ସ୍ରଷ୍ଟା ଯେଉଁ ପାଦ ରଖିଛନ୍ତି ସେ ପାଦର ନାମ ''ପଦ୍ମପାଦ'' ଏବଂ ତାଙ୍କର ନାମ ମଧ୍ୟ ''ପାଦପଦ୍ମ''।

ପ୍ରଭୁଙ୍କର ସେହି ପାଦରୁ ଅହରହ ଯେଉଁ ''ଝାଳ'' ବହୁଛି, ତାହାର ନାମ ''ଅମୃତ''। ପାଦ, ପଦ୍ମ ଉପରେ ଥିବାରୁ ଅମୃତ ପଦ୍ମ ମାଧ୍ୟମରେ ଝରି ଆସୁଛି । ତେଣୁ ନିତ୍ୟ ସିଦ୍ଧ ସାଧୁ, ଦର୍ଶନ ଯୋଗୀମାନେ ସେମାନଙ୍କର ନିର୍ବିକଳ୍ପ ସମାଧି ଅବସ୍ଥାରେ ଉକ୍ତ ଦୁର୍ଲଭ ଅବସ୍ଥା ଉପଲବ୍ଧି କରୁଥିବାରୁ କେବଳ ''ଅମୃତଝରା ପାଦପଦ୍ମ'' ଉପରେ ହିଁ ସେମାନଙ୍କର ଲୟ ଆବଦ୍ଧ କରନ୍ତି ଏବଂ ଅହରହ ସେହି ସ୍ଥାନକୁ ଧ୍ୟାନ କରି ସେଥିରେ ମଗ୍ନ ହୋଇ ଯିବାକୁ ବ୍ୟାକୁଳ ହୁଅନ୍ତି । କଠୋର ସାଧନ ମାଧ୍ୟମରେ ଏହି ସ୍ଥିତିରେ ନ ପହଞ୍ଚିବା ପର୍ଯ୍ୟନ୍ତ ''ପାଦପଦ୍ମ'' ଦର୍ଶନ ହୁଏ ନାହିଁ । ସେହି ମର୍ମରେ ମହାପୁରୁଷ ଉପରବର୍ଣ୍ଣିତ ଗ୍ରନ୍ଥରେ ଲେଖିଛନ୍ତି :

ନବ ନିମିଷ କ୍ଷଣେ ଦଣ୍ଡେ । ସାଧୁଣ ଥିବ ଜୀବ ପିଣ୍ଡେ ॥
ବିଅର୍ଥ ଜନମ ନୋହିବ । ଗୋଲୋକ ସେବାରେ ରହିବ ॥
ପାଦପଦ୍ମ ସେ ଯାହା କହି । ଚକ୍ଷୁ ଗୋଚର ନ ଦିଶଇ ॥
ଚକ୍ଷୁ, ମୁଦ୍ରିତ କରି ରହି । ଭ୍ରୁଉଥାନରେ ମନ ଦେଇ ॥
ତେବେ ଦର୍ଶନ ପଦ୍ମପାଦ । ଖଣ୍ଡଇ ସକଳ ବିପଦ ॥

ତେଣୁ ''ପଦ୍ମପାଦ'' କେବଳ ସୂକ୍ଷ୍ମ ଦର୍ଶନରେ ପ୍ରାପ୍ତ ହୁଏ । ସାଧନର ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥୂଳ ବସ୍ତୁର ଆଧାର ଅପରିହାର୍ଯ୍ୟ । ତେଣୁ ତପସ୍ୱୀଗଣ ସେମାନଙ୍କ ତପବଳରେ ବ୍ରହ୍ମ ତତ୍ତ୍ୱ ପ୍ରାପ୍ତ ହୋଇ ''ପଦ୍ମପାଦ'' ର ସ୍ଥୂଳ ରୂପ ଅବତରଣ କରାଇଥିଲେ ''ଶ୍ରୀପାଦୁକା'' ରୂପରେ ।

## ଶ୍ରୀପାଦୁକାଙ୍କ ଜନ୍ମ :

ଶ୍ରୀମର୍ତ୍ତ୍ୟଭୂମି ଗଠନ ପରେ ସୃଷ୍ଟିର ପ୍ରଥମ ଛନ୍ଦପୁଷ୍ପର ସ୍ୱରୂପ ''ସତ୍ୟଯୁଗ'' ଅବତରଣ କଲା । ସେହି ଯୁଗରେ ପୁଣ୍ୟବଳ ପୂର୍ଣ୍ଣ ଭାବରେ ଥିଲା । ସତ୍ୟ, ଧର୍ମ, ନ୍ୟାୟର ମାତ୍ରା ସର୍ବାଧିକ ଥିଲା । ତେଣୁ ସେ ସମୟରେ ଜୀବମାନେ ସର୍ବଦା ସଚେତନ ରହୁଥିଲେ । ନିଜର କର୍ମଯୋଗ ମାଧ୍ୟମରେ ଅକ୍ଳେଶରେ ''ପଦ୍ମପାଦ'' ର ସୂକ୍ଷ୍ମ ଦର୍ଶନ ଲାଭ କରି ଜନ୍ମ, ଜୀବନ ଧନ୍ୟ କରୁଥିଲେ । ସେଥିପାଇଁ ସ୍ରଷ୍ଟାଙ୍କର ମାନବରୂପ ଧାରଣ କରି ଧରାଧାମରେ ଜନ୍ମ ନେବାର ଆବଶ୍ୟକତା ନଥିଲା । କିନ୍ତୁ ସମୟର ଆହ୍ୱାନରେ ଯେତେବେଳେ ତାଙ୍କର ଉପସ୍ଥିତି ଆବଶ୍ୟକ ହେଉଥିଲା, ସେହି ସମୟରେ ସେ ହଠାତ୍ ଆବିର୍ଭାବ ହୋଇ କାର୍ଯ୍ୟ ସମାପ୍ତ ପରେ ଫେରି ଯାଉଥିଲେ । ସମୟର ଆହ୍ୱାନରେ ବ୍ରହ୍ମଙ୍କର ଅବତାର ପ୍ରକଟ ହେବାର ଯେଉଁ ନିଷ୍ପତ୍ତି ନିଆଯାଉଥିଲା, ତାହାକୁ ସେ ଯୁଗର ତପସ୍ୱୀମାନେ ସେମାନଙ୍କର ଧ୍ୟାନ ମାଧ୍ୟମରେ ଦର୍ଶନ କରିପାରୁଥିଲେ ।

ସେହି ସତ୍ୟଯୁଗରେ ଯେତେବେଳେ ଅବତାର ଧାରଣର ସମୟ ଆସି ଉପସ୍ଥିତ ହେଲା, ନୈମିଷ୍ୟା ଅରଣ୍ୟରେ ଅବସ୍ଥାନ କରୁଥିବା ତପସ୍ୱୀଗଣ ଯଥା : ମଧୁଭୃତ, ଚୟମାଦ୍ରି, ଉପାଶ୍ରନ୍ନ, ପୈଉକନ୍ଦ, ଅନ୍ତବୃଷ୍ଣା, ଆଭ୍ରସ୍ୱିନୀ, ପ୍ରାପକ, ଋଧଦ୍ଧି ବିଚାର କଲେ ଯେ, ଶ୍ରୀମନ୍ନ ନାରାୟଣ ଅବତାର ଗ୍ରହଣ କରି ମର୍ତ୍ତ୍ୟଭୂମିକୁ ଆସିବେ । କିନ୍ତୁ ତାଙ୍କର ସ୍ଥାୟୀ ସ୍ମାରକ କ'ଣ ରହିବ ? ଶେଷରେ ନିଷ୍ପତ୍ତି ନେଲେ ପ୍ରଭୁ ଅବତାର ନେବା ସମୟରେ ଶ୍ରୀପାଦୁକା ସମର୍ପଣ କରାଯିବ । ସେହି ପାଦୁକା ଧାରଣ କରି ସ୍ୱାମୀ ଅବତରିତ ହେବେ ଓ ଅର୍ପିତ ଶ୍ରୀପାଦୁକା ପଦ୍ମପାଦସ୍ପର୍ଶରେ ଜୀବନ୍ୟାସ ପାଇ ''ପାଦପଦ୍ମ''ର ସ୍ଥୂଳ ରୂପରେ ଧରିତ୍ରୀରେ ପୂଜିତ ହୋଇ ଜ୍ଞାନ, ସିଦ୍ଧି, କୈବଲ୍ୟ ଓ ବିଭୂତି ପ୍ରଦାନ କରି ଜୀବ ଜଗତକୁ ଉଦ୍ଧାର କରିବେ । ଏହି ଭାବ ନେଇ ସେମାନେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ପ୍ରାର୍ଥନା କଲେ ଶ୍ରୀ ସ୍ୱାମୀଙ୍କ ପାଇଁ ଶ୍ରୀପାଦୁକା ନିର୍ମାଣ କରିବାପାଇଁ । ବିଶ୍ୱକର୍ମା ତପସ୍ୱୀମାନଙ୍କର ପ୍ରାର୍ଥନା ଗ୍ରହଣ କରି ଭକ୍ତଶ୍ରେଷ୍ଠ ''ଜନ୍ଦୁକନ୍ତ''ଙ୍କ ଦ୍ୱାରା ଶ୍ରୀପାଦୁକା ନିର୍ମାଣ କରାଇ ତପସ୍ୱୀମାନଙ୍କୁ ପ୍ରଦାନ କଲେ । ଏହାପରେ ତପସ୍ୱୀମାନେ ବୈଦିକରୀତିରେ ଶ୍ରୀପାଦୁକାଙ୍କୁ ପ୍ରାଣପ୍ରତିଷ୍ଠା କରାଇ ପରମେଶ୍ୱରଙ୍କୁ ନିବେଦନ କଲେ। ଏହାହିଁ ଶ୍ରୀପାଦୁକାଙ୍କର ଜନ୍ମବୃତ୍ତାନ୍ତ । ସତ୍ୟଯୁଗରେ ପ୍ରଭୁ ଯେତେ ଅବତାର ଗ୍ରହଣ କରିଛନ୍ତି ଶ୍ରୀପାଦୁକା ପଦ୍ମପାଦରେ ଧାରଣ କରି ଆସିଛନ୍ତି । ସେହି ସମୟରୁ ଧରାପୃଷ୍ଠରେ ''ଶ୍ରୀପାଦୁକା''ଙ୍କର ଆରାଧନା ହୋଇ ଆସୁଅଛି ।

ପରବର୍ତ୍ତୀ ଯୁଗ ତ୍ରେତୟା ଓ ଦ୍ୱାପରରେ ମଧ୍ୟ ''ପଦ୍ମପାଦ''ର ରୂପାନ୍ତରିତ ଅବସ୍ଥା ସ୍ୱରୂପ ଉକ୍ତ ''ଶ୍ରୀପାଦୁକା'' ଯଥାକ୍ରମେ ''ଭରତ'' ଓ ''ଉଦ୍ଧବ''ଙ୍କୁ ପ୍ରାପ୍ତ ହୋଇଥିଲା । ସେମାନେ ''ଶ୍ରୀପାଦୁକା'' ପୂଜା କରି ତାଙ୍କରି ଦ୍ୱାରା ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇଥିଲେ ।

## କଳିଯୁଗରେ ଶ୍ରୀପାଦୁକା :

କଳିଯୁଗରେ ସାଧନର ଶୀର୍ଷ ସ୍ଥାନରେ ପହଞ୍ଚିଥିବା ନିତ୍ୟ ସ୍ମରଣୀୟ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର ସମାଧି ଅବସ୍ଥାରେ ''ପଦ୍ମପାଦ'' ଓ ''ଶ୍ରୀପାଦୁକା''ର ସମସ୍ତ ରହସ୍ୟ ଜାଣି ପାରିଥିଲେ । ତେଣୁ ଶରଣାଗତିର ଚରମ ସୋପାନରେ ପହଞ୍ଚିଥିବା ଏହି ମହାସାଧକ ସର୍ବଦା ''ପଦ୍ମପାଦ'' ଓ ''ଶ୍ରୀପଦପାଦୁକା''ଙ୍କୁ ନିଜର ଲୟ, ଧେୟରେ ପ୍ରତିଷ୍ଠା କରିଥିଲେ ।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମୟରେ ତାଙ୍କ ସହ ଗୋପପୁରରେ ନିତ୍ୟ ରାହାସରେ ଯୁକ୍ତ ହୋଇଥିବା ଗୋପାଳ ଓ ଗୋପାଳୁଣୀମାନେ କଳିଯୁଗରେ ୬୪ (ଚଉଷଠି) ମହନ୍ତ ନାମରେ ଜନ୍ମ ଗ୍ରହଣ କରି ଶ୍ରୀଚୈତନ୍ୟଦେବଙ୍କ ପ୍ରଚଳିତ ପ୍ରେମ ସାଧନରେ ବ୍ରତୀ ହୋଇଥିଲେ । ଏହି ମହନ୍ତମାନେ ଅଚ୍ୟୁତଙ୍କ ସହ ନିତ୍ୟବାସ କରୁଥିଲେ । ସେମାନେ ଆଲୋଚନା ପ୍ରସଙ୍ଗରେ ମହାପୁରୁଷଙ୍କଠାରୁ ଶ୍ରୀପାଦୁକା ଧ୍ୟାନ, ବନ୍ଦନା ଆଦିରେ ନିଜକୁ ହଜାଇ ଦେଲେ । ସମାଧି ଅବସ୍ଥାରେ ଏହି ମହନ୍ତମାନେ ଅଳି କରିଥିଲେ ସମସ୍ତେ ଏକତ୍ର ହୋଇ ''ଶ୍ରୀପାଦୁକା'' ଯଜ୍ଞ ସହ ସ୍ନାନ, ମହାସ୍ନାନ, ବନ୍ଦନା କରି ପାଦୁକା ତୀର୍ଥ ପ୍ରତିଷ୍ଠା ସହ, ସେହି ପାଦଦୋକ ପାନ କରି ଧନ୍ୟ ହେବାପାଇଁ । ସେମାନଙ୍କର ସେହି ଅଳି ପୂର୍ଣ୍ଣ ହେବାପାଇଁ ଶ୍ରୀପାଦୁକାଙ୍କ ନିକଟରୁ ବରପ୍ରାପ୍ତ ହୋଇଥିଲେ । ମହାପୁରୁଷ ତାଙ୍କର ''କଳିଯୁଗଗୀତା'' ଦ୍ୱିତୀୟ ଭାଗରେ ଉକ୍ତ ଉତ୍ସବ ସଂପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି -

''କହୁଅଛି ତୋତେ ଗୁପତ ବାରତା । ତ୍ରିଗୁଣକୁ ଯୋଖି ଯୋଗ ଲଲାଟରେ ଚିତା ।।୦।।
ପୁରାଣ ଚାନ୍ଦରେ ରାମ ପାଦୁକାର ମେଳି । ସାତ ଶପଥରେ ବାବୁ ଶ୍ରାବଣର ଧୂଳି ।।୧।।
ସଭିଏଁ ମହନ୍ତ ମେଳି ପାଦୁକାକୁ ଅଳି । ହୋମ, ଯାଗ, ଯଜ୍ଞ ପ୍ରତିପଦେହେବୁ ବୋଲି ।।୨।।
କଳିଶେଷେ ବାର ରାମ ବେନି ମିଶାଇବୁ । ଶତକ ତ୍ରିଗୁଣ ଦୁଇ ଶ୍ରାବଣ ଭେଟିବୁ । ।।୩।।
କର୍କଟ ଚବିଶ ଦିବା ବଳରାମ ଜାତ । ପୁନେଇଁ ଜନ୍ମରେ ହେବ ପାଦୁକାର ତୀର୍ଥ ।।୪।।
ଯଜ୍ଞଗୁଣେ ଯୋଖିଥିବୁ ସାତ ଶତକରେ । ଚାରିବେଦ ଏକଶିଶୁ ମିଶାଇବୁ କ୍ଷରେ ।।୫।।
ଦିବା ଅର୍ଦ୍ଧେ କାଳବେଳା ଯାଗ ଆରମ୍ଭିବ । ନିଶାର୍ଦ୍ଧ ହୋଇଲେ ରାମ ଅଶୁଦ୍ଧି ଘଟିବ ।।୬।।

ଉକ୍ତ ପଦ୍ୟାଂଶରେ ମହାପୁରୁଷ ସ୍ପଷ୍ଟ ସୂଚନା ଦେଇ କହିଛନ୍ତି, ''ହେ ରାମ ! ସଭିଏଁ ମହନ୍ତ ମେଳି ହୋଇ ଶ୍ରୀପାଦୁକାକୁ ଅଳି କରିଥିଲେ । ଶ୍ରାବଣର ଧୂଳିରେ ପୂର୍ଣ୍ଣଚନ୍ଦ୍ର ଅର୍ଥାତ୍ ପୂର୍ଣ୍ଣମା ଦିନ ଶ୍ରୀପାଦୁକାଙ୍କର ସ୍ନାନ ବନ୍ଦନା ହେବ । ପ୍ରତିପଦରେ ଅର୍ଥାତ୍ ସ୍ନାନ, ବନ୍ଦନା ପରଦିନ ହୋମ, ଯାଗ ଯଜ୍ଞ ହେବ ଓ ସେହି ପବିତ୍ର ଧୂଳିକୁ ଆମ୍ଭେ ବୋଲି ହୋଇ ଏ ଜନ୍ମ ଜୀବନ ଧନ୍ୟ କରିବୁ । ବର୍ଷ ବା ସାଲ ସୂଚନାରେ କହିଛନ୍ତି ''ବାର ରାମ ବେନି ମିଶାଇବୁ'' । ଅର୍ଥାତ୍ ୧୨+୨=୧୪; ''ଶତକ ତ୍ରିଗୁଣ ଦୁଇ ଶ୍ରାବଣ ଭେଟିବୁ ।'' ୧୪ ଶତକ = ୧୪୦୦ । ତ୍ରିଗୁଣ ଅର୍ଥ - ୩ ଏଥି ସହିତ ୨ ଯୋଗ କରି ମିଶ୍ରଫଳ ଯାହା ହେଲା ସେହି ବର୍ଷ ଶ୍ରାବଣ ପୂର୍ଣ୍ଣମା । ୧୪୦୦+୩+୨=୧୪୦୫ । ଅର୍ଥାତ୍ ୧୪୦୫ ସାଲ ଶ୍ରାବଣ ପୂର୍ଣ୍ଣିମା । ଦିବସର ଆହୁରି ସ୍ପଷ୍ଟ ଚିତ୍ର ଦେଇ କହିଛନ୍ତି; ଏହିଦିନ କର୍କଟ ୨୪ (ଚବିଶ) ଦିନ ହେବ ଓ ଦିବାଭାଗରେ ଶ୍ରୀବଳରାମଙ୍କର ଜନ୍ମ ଦିନ ହୋଇଥିବ । ଏହିଦିନ ପୂର୍ଣ୍ଣଚନ୍ଦ୍ର ଯୋଗରେ ''ପାଦୁକା''ର ତୀର୍ଥ ପ୍ରତିଷ୍ଠା ହେବ । ଯଜ୍ଞ ସମ୍ପର୍କରେ ସଙ୍କେତ ଦେଇ କହିଛନ୍ତି ''ଯଜ୍ଞଗୁଣେ ଯୋଖିଥିବୁ ସାତ ଶତକରେ, ଚାରିବେଦଏକଶିଶୁ ମିଶାଇବୁ କ୍ଷରେ ।'' ''ଯଜ୍ଞ''ର ଗୁଣ ହେଉଛି ''ଶ୍ଳୋକ''/''ଆହୁତି'' । ''ସାତ ଶତକରେ ଚାରିବେଦଏକଶିଶୁ ମିଶାଇବୁ'' ସାତଶତକ=୭୦୦, ଚାରିବେଦ=୪ ଏକଶିଶୁ = ୧ (୭୦୦+୪+୧)=୭୦୫ । ଅର୍ଥାତ୍ ପ୍ରତିପଦଦିନ ଯେଉଁ ଯଜ୍ଞ ହେବ ସେଥିରେ ୭୦୫ (ସାତଶହପାଞ୍ଚ) ଶ୍ଳୋକର ଆହୂତି ପ୍ରଦାନ ହେବ । ଏହି ଦିବା ଅର୍ଦ୍ଧକାଳରେ ''କାଳବେଳା'' ପ୍ରବେଶ କରିବ । ତେଣୁ ତାକୁ ଦେଖି ଯଜ୍ଞ ଆରମ୍ଭ ହେବ ଓ ନିଶାର୍ଦ୍ଧରେ ଅଶୁଦ୍ଧି ସମୟ ଆସୁଥିବାରୁ ସେହି ଅନୁସାରେ ଯଜ୍ଞ ସମାପ୍ତ

ହେବ ।

ସାରାଂଶ : ୧୪୦୫ ସାଲ ଶ୍ରାବଣ ପୂର୍ଣ୍ଣିମା, କର୍କଟ ଦି୨୪ନରେ ଶ୍ରୀପାଦୁକା ସ୍ନାନ, ବନ୍ଦନା ଓ ପୂଜା ହୋଇ ପାଦୁକାତୀର୍ଥ ପ୍ରତିଷ୍ଠା ହେବ । ତାପରଦିନ ଅର୍ଥାତ୍ ପ୍ରତିପଦ୍ ତିଥିରେ ୭୦୫ ଆହୂତି ପ୍ରଦାନ ହୋଇ ହୋମ, ଯଜ୍ଞ ହେବ ।

ଏହାପରେ ନିର୍ଦ୍ଦେଶ ଦେଇ ତାଙ୍କର ଶିଷ୍ୟ ରାମଦାସଙ୍କୁ ପୁନର୍ବାର କହୁଛନ୍ତି :

''ଯାଗ ପୁରୁଷଙ୍କୁ ବାରେ ଜଗି ରହିଥିବୁ । ପାତକୀ ମେଳରେ ତୁ ଯେ ବେଶକୁ ଭୁଲିବୁ ।।
ଘୋର ପାପୀମାନେ ଯେତେ ଏହିଠାରେ ଠୁଳ । ଛିଟିକା ମାରି ଗପିବେ ସଭିଏଁ ପାଗଳ ।।
ଟାଣପଣେ ରହିଥିବୁ ଯାଗଶେଷ କରି । ପାପୀମାନେ ଯେତେ ମେଳି ପାଦୁକା ଆବୋରି ।।
ତାଙ୍କ ସାଥେ ମିଶି ସ୍ନାନ ଜଳ ତୁ ଜଗିବୁ । ସ୍ନାନ ସାରି ପାଦୁକାକୁ ଧାମରେ ଥାପିବୁ ।।''

ଅର୍ଥାତ୍ ହେ ରାମ ! ତୁ ତୋର ନିଜ ବେଶ (ରୂପ) ଭୁଲି ଅର୍ଥାତ୍ ଛଦ୍ମ ବେଶରେ ଉପସ୍ଥିତ ରହି ଯଜ୍ଞପୁରୁଷଙ୍କୁ ଜଗି ରହିବୁ । ଯେତେ ଘୋରପାପୀ ସେମାନେ ସମସ୍ତେ ଏହିଠାରେ ଠୁଳ ହୋଇ ପାଦୁକା ଆବୋରି ରହିବେ ଓ ଥଟ୍ଟାକରି ସମସ୍ତଙ୍କୁ ପାଗଳ ବୋଲି କହି ଅବିଶ୍ୱାସ କରି କରାଇବେ । ତୁ ଟାଣ ବା ଦୃଢ଼ ଭାବରେ ରହିବୁ । ସେହି ପାପୀମାନଙ୍କ ଗ୍ରହଣରେ ପାଦୁକାରେ ସ୍ନାନ ଜଳ ଅର୍ପଣ କରିବୁ ଓ ପାଦୁକାକୁ ଜଗି ରହିଥିବୁ । ଏହି ସ୍ନାନ ଉତ୍ସବ ପରେ ଶ୍ରୀପାଦୁକାକୁ ଧାମରେ ପ୍ରତିଷ୍ଠା କରି ସାରିବା ପରେ ଫେରିବୁ ।

ସେହି ନିର୍ଦ୍ଧାରିତ ଦିବସ ୧୪୦୫ ସାଲ ଶ୍ରାବଣ ଦି ୧୭ନ ଓ କର୍କଟ ଦି୨୪ନ ପୂର୍ଣ୍ଣିମା ତିଥିଠାରୁ ନିର୍ଦ୍ଦିଷ୍ଟ ବିଧି ବିଧାନ ଅନୁସାରେ ଶ୍ରୀପାଦୁକାଙ୍କର ସ୍ନାନ, ବନ୍ଦନା ଉତ୍ସବ ପାଳିତ ହେଉଅଛି । ଏହାର ପରେ ପରେ ଶ୍ରୀପାଦୁକା ସ୍ୱର୍ଣ୍ଣକ୍ଷେତ୍ରରେ ସ୍ଥାୟୀଭାବରେ ପ୍ରତିଷ୍ଠିତ ହେବା ସହିତ ଧରାର ବିଭିନ୍ନ ପ୍ରାନ୍ତରେ, ତୀର୍ଥସ୍ଥାନରେ, ଶାଖାମାନଙ୍କରେ, ମଠରେ, ମନ୍ଦିରରେ ସନ୍ୟାସୀ, ଭକ୍ତ, ଅନୁଗତମାନଙ୍କର ଗୃହରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହୋଇ ପୂଜିତ ହେବା ସହିତ ଅଗଣିତ ଭକ୍ତମାନଙ୍କୁ କଲ୍ୟାଣମୃତ ପାନ କରାଇଚାଲିଛନ୍ତି ।

ସେହି ଦିବ୍ୟ ଅମୃତର ଧାରାକୁ କୃପାମୟ ଆଜି ଆମ୍ଭମାନଙ୍କୁ ଯୁଗ ଯୁଗ ଧରି ତପସ୍ୟା ଓ ଯୋଗ ସାଧନରେ ରତରହି ବରପ୍ରାପ୍ତି ହୋଇଥିବା ଯୋଗୀମାନଙ୍କର ଇଚ୍ଛା ମାଧ୍ୟମରେ ପ୍ରାପ୍ତ କରାଇବା ପାଇଁ ଶ୍ରୀପାଦୁକାମେଳା ଓ ଯଜ୍ଞମାଧ୍ୟମରେ ନିର୍ଦ୍ଦିଷ୍ଟ ଦିବସ ଉପଗତ କରାଇଛନ୍ତି । ତାହା ଅଚ୍ୟୁତଙ୍କର ଲେଖନୀ ମୁନରେ ଓ ପ୍ରିୟ ଶିଷ୍ୟ ରାମଦାସଙ୍କ ଉପଦେଶ ଛଳରେ ମାଳିକା ମାଧ୍ୟମରେ ପରିପ୍ରକାଶ ହୋଇଅଛି ।

ଶ୍ରୀପାଦୁକା ମେଳା ହୋଇବ ଯହିଁ, ''ମଠଗଡ଼ା'' ତାର ନାମ ଅଟଇ ।।
ପୂର୍ବରୁ ସନ୍ୟାସୀ ମଠ ଗଢ଼ିଣ, କରୁଥିଲେ ତହିଁ ଯୋଗ ସାଧନ ।।
ତେଣୁ ମଠଗଡ଼ା ନାମଟି ହେଲା, ସେହିଠାରେ ହେବ ପ୍ରଭୁଙ୍କ ଲୀଳା ।
କହୁଅଛି ଶୁଣ ବରଜ ସୁତ, ସେ ସ୍ଥାନ ଅଟଇ ଅତି ପବିତ୍ର ।
ପୁଣ୍ୟତୋୟା ବୈତରଣୀର ଧାର, ବହୁଛି ପୂର୍ବ, ଦକ୍ଷିଣ ଦିଗର ।
ଆଉ ଏକ କଥା କହୁଛି ଶୁଣ, ହେତୁ କରିବାକୁ ମନରେ ଗୁଣ ।
ପୂର୍ବଦିଗେ ମହାଦେବ ଅଛନ୍ତି, ସର୍ବେଶ୍ୱର ନାମେ ପୂଜା ପାଆନ୍ତି ।
ଭକ୍ତ ଗଣେ ଏହା ସ୍ଥାପନ କରି, ପୂଜା କରୁଥିବେ ନାମ ସୁମରୀ

ଗ୍ରାମ ଦେବତୀଙ୍କ ମଉଡ଼ ମଣି, ଅଟନ୍ତି ଷଡଙ୍ଗୀପାଟ ଠାକୁରାଣୀ ।
ତାଙ୍କରି ପିଠରେ ହୋଇବ ମେଳା, ଗୁପ୍ତ ଭାବରେ ଫିଟିବ ଲୀଳା ।
ଅବ୍ୟକ୍ତରୁ ବ୍ୟକ୍ତ ହୋଇଣ ବ୍ରହ୍ମ, କରିବେ ସେଠାରେ ଶାନ୍ତି ଯଜ୍ଞ ।
ବ୍ରହ୍ମକଲ୍ୟାଣ ତା ନାମ ହୋଇବ, ମନେରଖ ରାମ ଏକଥା ଧ୍ରୁବ ।
ଚାରଯୁଗ ଭକ୍ତ ହୋଇଣ ମେଳି, କରିଥିଲେ ପ୍ରଭୁ ପାଦରେ ଅଳି ।
ଯେଣୁ ପାଦପଦ୍ମ ନାବ ଅଟଇ, ପାଦବିନୁ ଗତି ମୁକତି ନାହିଁ ।

ମହାପୁରୁଷଙ୍କର ଏହି ଉକ୍ତି ସୂଚନା ଦିଏ ଯେ ସଭିଏଁ ସାଧୁ ସନ୍ନ୍ୟାସୀ ମେଳିହୋଇ ବ୍ରହ୍ମଙ୍କ ନିକଟରେ ଅଳିକରିଥିଲେ । ସାଲ, ମାସ, ଦିବସର ସୂଚନା ଦେଇ ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟ ଶିଷ୍ୟ ରାମଦାସଙ୍କୁ କହୁଛନ୍ତି :-

ବାରବେନି ଶତଗୁଣି ବିଂଶ ମିଶାଇବୁ । ତେବେ ଯାଇ ରାମ ତୁହି ସାଲକୁ ପାଇବୁ ।।
ବାଣେ ବେନି ଗୁଣି ବାର ଯୋଗତୁ କରିବୁ । ନିଶ୍ଚୟ ଯାଇଣ ରାମ ମାଘକୁ ଭେଟିବୁ ।।
ମକର ଚବିଶ ଦିବା ଏକାଦଶୀ ତିଥି । ଚନ୍ଦ୍ର ସୁତବାରେ ହେବ ସେଠାରେ ଆହୁତି ।।
ଭକ୍ତଗଣ ହୋଇ ମେଳି ଶ୍ରୀପାଦୁକା ମେଳା । ଦର୍ଶନ କରିଣ ସର୍ବେ ହୋଇବେ ବାଉଳା ।।
ସେହିଠାରେ ଭକ୍ତଙ୍କର କାମନା ପୂରିବ । ମନଚଇତନ ଦେଇ ଶୁଦ୍ଧକର ଭାବ ।।

ଉକ୍ତ ପଦ୍ୟାଂଶରେ ମହାପୁରୁଷ ସ୍ପଷ୍ଟ ସୂଚନା ଦେଇ କହିଛନ୍ତି, ହେ ରାମ ''ବାରବେନି'', ଅର୍ଥାତ୍ ୧୨+୨=୧୪, ''ଶତଗୁଣି'', ଅର୍ଥାତ୍ ୧୦୦ଗୁଣି, ୧୪ ×୧୦୦ = ୧୪୦୦, ''ବିଂଶ ମିଶାଇବୁ'' ଅର୍ଥାତ୍ ୧୪୦୦ + ୨୦ = ୧୪୨୦ । ଏଥିରୁ ପ୍ରମାଣିତ ହେଉଛି ୧୪୨୦ ସାଲ । ପୁନଶ୍ଚ ମହାପୁରୁଷ ଉଲ୍ଲେଖ କରିଛନ୍ତି ଯେ, ''ବାଣେ ବେନି ଗୁଣି'', ବାଣ =୫ (ପାଞ୍ଚ) ବେନି=୨(ଦୁଇ), ବେନିଗୁଣି ଅର୍ଥ ୫×୨=୧୦, ବାର ଯୋଗ ତୁ କରିବୁ । ବାର=୭(ସାତବାର), ୧୦+୭=୧୭ ''ନିଶ୍ଚୟ ଯାଇ ରାମ ମାଘକୁ ଭେଟିବୁ'' ଅର୍ଥାତ୍ ମାଘ ମାସର ଦି ୧୭ନକୁ ବୁଝାଇବ । ଏହି ଦିବସକୁ ରାଶି ମାସ ଅନୁସାରେ ମକର ଦି ୨୪ନ ଏକାଦଶୀ ତିଥି ହୋଇଥିବ । ''ଚନ୍ଦ୍ରସୁତ ବାରରେ'', ଚନ୍ଦ୍ରଙ୍କ ସୁତ ହେଉଛନ୍ତି ବୁଧ, ଅର୍ଥାତ୍ ବୁଧବାରରେ ଏହି ମେଳା ଓ ଯଜ୍ଞାହୁତି କରାଯିବାପାଇଁ ମହାପୁରୁଷ ସୂଚାଇ ଦେଇଛନ୍ତି । ଏବଂ ଭକ୍ତମାନେ ଏହାକୁ ଦର୍ଶନ କରି ସର୍ବେ ଭାବ ଭକ୍ତିରେ ନିଜକୁ ହଜାଇ ଦେବାପାଇଁ ମଧ୍ୟ ସୂଚନା ଦେଇଛନ୍ତି ।

ସାରାଂଶ : ୧୪୨୦ ସାଲ ମାଘମାସ ଦି୧୭ନ, ଏକାଦଶୀ ତିଥି ଓ ମକର ଦି୨୪ନ ବୁଧବାରରେ ଏଠାରେ ଶ୍ରୀପାଦୁକାଙ୍କର ମେଳା ଓ ବ୍ରହ୍ମକଲ୍ୟାଣ ଶାନ୍ତିଯଜ୍ଞ ଅନୁଷ୍ଠିତ ହେବ ।

ଏଥୁ ଅନ୍ତେ ସାଧୁ ଜନେ ଶୁଣ ଯେ ବୃତ୍ତାନ୍ତ । କଳିପ୍ରାନ୍ତେ ଇଚ୍ଛା କରି ବିଷ୍ଣୁ ଆର୍ବିଭୁତ ।।
ଅନେକ ନାମ ଓ ରୂପ ଧରିଣ କେଶବ । ସ୍ୱର୍ଣ୍ଣକ୍ଷେତ୍ର କଳିକ୍ଷେତ୍ରେ ସୁକାନ୍ତି ର ସୁତ ।।
ଶ୍ରୀପାଦୁକା ନାମ ରୂପେ ହୋଇ ବିରାଜିତ । ସର୍ବକାର୍ଯ୍ୟ କରୁଥାନ୍ତି ପାଦୁକା ସହିତ ।।
ସବୁ ସ୍ଥାନ ବୁଲୁଥାନ୍ତି, ସେହି ଶ୍ରୀପାଦୁକା । ତାଙ୍କରି ଆଜ୍ଞାରେ ଜାଣ ହୁଏ ଯଜ୍ଞସଭା ।।
କେନ୍ଦୁଝର ମଧ୍ୟେ ଅଛି ମଠଗଡ଼ା ସ୍ଥାନ । ସେ ସ୍ଥାନର ମାହାତ୍ମ୍ୟ ଯେ, ଏବେ ଭକ୍ତ ଶୁଣ ।।
ବହୁବର୍ଷ ପୂର୍ବେ ତହିଁ, ମୁନି ଋଷି ଗଣ । କରିଥିଲେ ମଠଗୋଟି ଅଟଇ ପ୍ରମାଣ ।।
ଅନାସକ୍ତ ହୋଇ ସେଠି କରୁଥିଲେ ବାସ । ବ୍ରହ୍ମଦର୍ଶୀ କେତେ ଋଷି ସାଧୁଥିଲେ ତପ ।।

ତାଙ୍କର ନିଷ୍ଠାରେ ପ୍ରଭୁ ହୋଇଣ ସନ୍ତୁଷ୍ଟ । କଥା ଦେଇଥିଲେ ନିଜେ ଏ ସ୍ଥାନ ଉତ୍କୃଷ୍ଟ ।।
ପୂର୍ବ ଦକ୍ଷିଣେ ଏହାର ଗୋନାସିକା ଧାର । ବୈତରଣୀ ନାମ ସେହୁ ବହେ ଝର ଝର ।।
ଅତ୍ୟନ୍ତ ପବିତ୍ର ନଦୀ ସଂସାରେ ଦୁର୍ଲ୍ଲଭ । ଏହାର କୂଳରେ ଜାଣ ସାଧୁଜନ ବାସ ।।
ଷଡ଼ଙ୍ଗୀ ନାମେ ଯେ ଠାକୁରାଣୀ ଏ ସ୍ଥାନେ ପ୍ରସିଦ୍ଧ । ଏ ସ୍ଥାନର ପୂର୍ବପାଶ୍ୱେ ସର୍ବେଶ୍ୱର ସ୍ଥିତ ।।
ଯାହାଙ୍କର ନାମ ଯଶ ମହୀରେ ବିହିତ । ଦେବଦେବ ମହାଦେବ ଅଟନ୍ତି ସେ ଶିବ ।।
ଚଉଦଶ ବିଂଶ ସାଲେ ମକର ମାସରେ । ବିଂଶ ଚାରିଦିନେ ଜାଣ ବୁଧର ବାସରେ ।।
ହୋଇବ ପାଦୁକାମେଳା ସ୍ୱତନ୍ତ୍ର ଭାବରେ । ସୂକ୍ଷ୍ମରେ ଯେ ଦରଶନ କରିବଟି ଭଲେ ।।
ଏହା ଶୁଣି ଋଷିଗଣ ଅତି ପ୍ରୀତ ହେଲେ । ପ୍ରଣତି ଢାଳିଣ ସେଠି ଅପେକ୍ଷା କରିଲେ ।।

ଏହି ପଦ୍ୟାଂଶ ସ୍ପଷ୍ଟ ରୂପେ ସୂଚନା ଦିଏ ଯେ ଏହି ମଠଗଡ଼ା ପବିତ୍ର ଭୂମିରେ ୧୪୨୦ ସାଲ ମକର ଚବିଶ ଦିନ ବୁଧବାରରେ ପ୍ରଭୁଙ୍କ ପାଦୁକା ମେଳା ନିଶ୍ଚିତ ଉଦ୍‌ଘାଟିତ ହେବ ।

ସାମଞ୍ଜସ୍ୟ :

୧୪୦୫ ସାଲ, ଶ୍ରାବଣ ଦି୧୭ନ, କର୍କଟ ଦି୨୪ନ, ପୂର୍ଣ୍ଣିମା ତିଥି

୧୪୨୦ ସାଲ, ମାଘ ଦି୧୭ ନ, ମକର ଦି୨୪ନ, ଏକାଦଶୀ ତିଥି

ସୂକ୍ଷ୍ମ ଓ ସ୍ଥୁଳର ସାମଞ୍ଜସ୍ୟରେ ଓ ସାଲ ଦିବସମାନଙ୍କର ସଂଯୋଗରେ ଆଜି ଏହି ଶ୍ରୀପାଦୁକମେଳା ଓ ବ୍ରହ୍ମକଲ୍ୟାଣ ଶାନ୍ତିଯଜ୍ଞ ଅନୁଷ୍ଠିତ ହେବବୋଲ ମହାପୁରୁଷ ସୂଚନା ଦେଇଛନ୍ତି ।

ନିର୍ଦ୍ଦିଷ୍ଟ ବିଧି ବିଧାନ ଅନୁସାରେ ''ଶ୍ରୀପାଦୁକା ମେଳା'' ଓ 'ବ୍ରହ୍ମ କଲ୍ୟାଣ ଶାନ୍ତିଯଜ୍ଞ' ପାଳିତ ହେଉଛି । ଆସନ୍ତା ଚତୁର୍ଦ୍ଦଶୀ ତିଥି ଅର୍ଥାତ୍ ଇଂରାଜୀ ତା ୯.୨.୨୦୧୩ ରିଖ ପର୍ଯ୍ୟନ୍ତ ମେଳା ଓ ଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଛି ସୂକ୍ଷ୍ମ, ସ୍ଥୁଳ, ଯୋଗୀମାନଙ୍କର ଅଭିଷ୍ଟପୂର୍ଣ୍ଣ ହେବ । ଏହି ଯଜ୍ଞରେ ଭାଗନେଉଥିବା ଭକ୍ତ, ଅଞ୍ଚଳବାସୀଙ୍କର ଅଶେଷ କଲ୍ୟାଣ ହେବା ସହିତ ଭକ୍ତମାନଙ୍କର ସମସ୍ତ ସୁ ଅଭିଳାଷ ପୂର୍ଣ୍ଣ ହେବ । ପୂର୍ଣ୍ଣାହୁତି ପରେ ପରେ ଶ୍ରୀପାଦୁକାମାନେ ସ୍ୱ, ସ୍ୱ ସ୍ଥାନମାନଙ୍କୁ ଗମନ କରିବେ ।

ମଙ୍ଗଳମୟଙ୍କ ମଙ୍ଗଳଇଛା ହିଁ ପୂର୍ଣ୍ଣ ହେଉ ।

**ଦ୍ୟୌଃ ଶାନ୍ତିଃ ! ଅନ୍ତରୀକ୍ଷଂ ଶାନ୍ତିଃ ! ପୃଥିବୀ ଶାନ୍ତିଃ ! ଆପଃ ଶାନ୍ତିଃ ! ଓଷଧୟଃ ଶାନ୍ତିଃ !**
**ବନସ୍ପତୟଃ ଶାନ୍ତିଃ ! ବିଶ୍ୱଦେବାଃ ଶାନ୍ତିଃ ! ବ୍ରହ୍ମଃ ଶାନ୍ତିଃ ! ସର୍ବଂ ଶାନ୍ତିଃ ! ଶାନ୍ତିରେବ ଶାନ୍ତିଃ ! ସା ମା ଶାନ୍ତିରେଧି !!**
**ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**

**ଶ୍ରୀ କେଶବାର୍ପଣମସ୍ତୁ**
**କ୍ଷିତିଜ୍ୟୋତିଃ ଆଶ୍ରମ,**
**ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ,**
**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,**
**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ।।**

# ଆଶ୍ରମ ସନ୍ଦେଶ

ତା ୫.୪.୨୦୧୨ରିଖ (ଗୁରୁବାର) ଠାରୁ
ତା ୮.୪.୨୦୧୨ରିଖ (ରବିବାର) ପର୍ଯ୍ୟନ୍ତ : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଚର୍ତୁମଣ୍ଡପରେ ଚତୁର୍ଯ୍ୟୁଗ ନାମସଂକୀର୍ତ୍ତନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୧.୪.୨୦୧୨ରିଖ (ବୁଧବାର) : ଡେରାବିଶ ନିକଟ ହଳଦିଆ ଗ୍ରାମର ଗୁରୁଭ୍ରାତା ଶତ୍ରୁଘ୍ନ ସାହୁଙ୍କ ବାସଭବନ ପରିସରରେ ସଂଘ ତରଫରୁ ବାର୍ଷିକ ପାରିବାରିକ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୩.୪.୨୦୧୨ରିଖ (ଶୁକ୍ରବାର) : ପବିତ୍ର ପଣାସଂକ୍ରାନ୍ତି ଦିନରେ ମାତୃବନ୍ଦନା ସଂଗଠନ ଆନୁକୂଲ୍ୟରେ ଠାକୁମା' ସୁକାନ୍ତୀଦେବୀଙ୍କ ଜନ୍ମୋତ୍ସବ ପାଳନ ଉପଲକ୍ଷେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୭.୪.୨୦୧୨ରିଖ (ମଙ୍ଗଳବାର) : ଯମପଡା ନିକଟ ରାଇବୋଲ ଗ୍ରାମରେ ବାର୍ଷିକ ଆଞ୍ଚଳିକ ସତ୍‌ସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୮.୪.୨୦୧୨ରିଖ (ବୁଧବାର) : ଭଦ୍ରପୁର ନିକଟ ନିକିରାଇ ଗ୍ରାମ ପରିସରରେ ସଂଘ ତରଫରୁ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୨୦.୪.୨୦୧୨ରିଖ (ଶୁକ୍ରବାର) : ରାଜନଗର ନିକଟ ରାଜଗଡ ଗ୍ରାମରେ ବାର୍ଷିକ ଆଞ୍ଚଳିତ ସତ୍‌ସଂଗ ଅନୁଷ୍ଠିତ ହୋଇଯାଇଅଛି ।

ତା ୨୪.୪.୨୦୧୨ରିଖ (ମଙ୍ଗଳବାର) : ପବିତ୍ର ଅକ୍ଷୟ ତୃତୀୟା ଦିବସରେ ପରିଷଦ୍ ତଥା ସଂଘର ପ୍ରତିଷ୍ଠା ଦିବସ ପାଳନ ଓ ସନାତନ କେତନର ଜନ୍ମଜୟନ୍ତୀ ମହୋତ୍ସବ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏତଦ୍ ବ୍ୟତୀତ ପ୍ରତ୍ୟେକ ଶାଖାରେ ମଧ୍ୟ ଏହା ବିଧିବିଧାନ ମୁତାବକ ପାଳନ କରାଯାଇଅଛି ।

ତା ୩୦.୪.୨୦୧୨ରିଖ (ସୋମବାର) : କାଳିଅଣ୍ଡି ଗ୍ରାମର ଗୁରୁଭ୍ରାତା ଵ ଜୟରାମ ଜେନାଙ୍କ ତିଳତର୍ପଣ ଓ ସତସଂଗ ମହୋତ୍ସବ ସଂଘ ତରଫରୁ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।

ତା ୩.୫.୨୦୧୨ରିଖ (ଗୁରୁବାର) : ପଟ୍ଟାମୁଣ୍ଡାଇ ନିକଟ ବନ୍ତାରପୁର ଗ୍ରାମ ପରିସରରେ ବାର୍ଷିକ ସତ୍‌ସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି ।

ତା ୫.୫.୨୦୧୨ରିଖ (ଶନିବାର) : ଜଗତସିଂହପୁର ବାଲିଭଉଁରୀ ଗ୍ରାମରେ ସଂଘ ତରଫରୁ ବାର୍ଷିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୪.୫.୨୦୧୨ରିଖ (ସୋମବାର) : ବୃଷସଂକ୍ରାନ୍ତି ଦିବସରେ ଭୁବନେଶ୍ୱର ଲକ୍ଷ୍ମୀସାଗରର ଗୁରୁଭ୍ରାତା ପ୍ରଭାତ ଚନ୍ଦ୍ର ବେହେରାଙ୍କ ବାସଭବନ ପରିସରରେ ସଂଘ ତରଫରୁ ପାରିବାରିକ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

| | | |
|---|---|---|
| ତା ୧୭.୫.୨୦୧୨ରିଖ (ଗୁରୁବାର) | : | କାଳିକାପୁର ଶାଖା ପରିସରରେ ସଂଘ ତରଫରୁ ବାର୍ଷିକ କେତନ ସତସଂଗ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୯.୫.୨୦୧୨ରିଖ (ଶନିବାର) | : | ଡେରାବିଶ ଛତାବଟ ନିକଟ ହଳଦୀବସନ୍ତ ଗ୍ରାମ ପରିସରରେ ସଂଘ ତରଫରୁ ବାର୍ଷିକ ଆଞ୍ଚଳିକ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୦.୫.୨୦୧୨ରିଖ (ରବିବାର) | : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଗୁରୁଭଗ୍ନୀମାନଙ୍କର ସାବିତ୍ରୀ ବ୍ରତ ଉପାସନା ପୂଜା ଓ ସାଂଧ୍ୟ ସତସଂଗ କାର୍ଯ୍ୟକ୍ରମ ମାତୃବନ୍ଦନା ତରଫରୁ କରାଯାଇଅଛି । |
| ତା ୨୧.୫.୨୦୧୨ରିଖ (ସୋମବାର) | : | ନାନପୁର ମଠ ସନ୍ନିକଟ ପଡ଼ିଆଠାରେ ସଂଘ ତରଫରୁ ଏକଦିବସୀୟ ସଂଧ୍ୟା ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୨୯.୫.୨୦୧୨ରିଖ (ମଙ୍ଗଳବାର) | : | ପାଇଦା ଶାଖା ଅନ୍ତର୍ଭୁକ୍ତ ହୁହୁରା ଗ୍ରାମର ଗୁରୁଭ୍ରାତା ବୈରାଗୀ ମଲ୍ଲିକଙ୍କ ବାସଭବନ ପରିସରରେ ବାର୍ଷିକ ସତ୍‌ସଂଗ ସଂଘ ତରଫରୁ କରାଯାଇଅଛି । |
| ତା ୧୨.୬.୨୦୧୨ରିଖ (ମଙ୍ଗଳବାର) | : | କିଶନନଗର ଗଳିସାହି ଗ୍ରାମରେ ଦ୍ୱ ବସନ୍ତ ବେହେରାଙ୍କ ତିଳତର୍ପଣ ଓ ସତ୍‌ସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୪.୬.୨୦୧୨ ରିଖ ଠାରୁ | | |
| ତା ୧୬.୬.୨୦୧୨ ରିଖ ପର୍ଯ୍ୟନ୍ତ | : | ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଆଶ୍ରମ ପରିସରରେ ପବିତ୍ର ରଜମହୋତ୍ସବ ମହାସମାରୋହରେ ପାଳନ କରାଯାଇଅଛି। |
| ତା ୧୭.୬.୨୦୧୨ରିଖ (ରବିବାର) | : | ଗୁରୁପାଦ ବିଜୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ ପାଳନ କରାଯାଇଅଛି। |
| ତା ୨୧.୬.୨୦୧୨ରିଖ (ଗୁରୁବାର) | : | ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଆଶ୍ରମ ପରିସରରେ ପବିତ୍ର ରଥଯାତ୍ରା ମହୋତ୍ସବ ମହାସମାରୋହରେ ପାଳନ କରାଯାଇଅଛି। |
| ତା ୨୭.୬.୨୦୧୨ ରିଖ (ବୁଧବାର) | : | ଆଶ୍ରମର ପ୍ରଥମାଚାର୍ଯ୍ୟ ଯତିଶଦା'ଙ୍କର ତିରୋଧାନ ଦିବସ ମହାସମାରୋହରେ ପାଳିତ କରାଯାଇଅଛି। |
| ତା ୨୯.୬.୨୦୧୨ ରିଖ (ଶୁକ୍ରବାର) | : | ବାହୁଡା ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି। |
| ତା ୫.୭.୨୦୧୨ ରିଖ (ଗୁରୁବାର) | : | କାନପୁର ସୁଙ୍କୁଡା ଠାରେ ଯାଦବଭାଇଙ୍କ ବାର୍ଷିକ ଶ୍ରାଦ୍ଧ ମହୋତ୍ସବ ପାଳନ ଯଥାବିଧି କରାଯାଇଅଛି । |
| | | ଢେଙ୍କାନାଳ ଭଗବାନପୁର ଗ୍ରାମର ଗୁରୁଭ୍ରାତା ବାଙ୍କ ବିହାରୀ ଯେନାଙ୍କ ବାସଭବନରେ ସଂଘ ତରଫରୁ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୩.୭.୨୦୧୨ରିଖ (ଶୁକ୍ରବାର) | : | ଭୁବନେଶ୍ୱର ଗିରିପାଟଣା ଗ୍ରାମର ଗୁରୁଭ୍ରାତା ବସନ୍ତ ପଲେଇଙ୍କ ବାସଭବନ ପରିସରରେ ସଂଘ ତରଫରୁ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତ [illegible]୫.୭.୨୦୧୨ରିଖ (ବୁଧବାର) | | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ କଟକ ନାରାୟଣମିଶ୍ର ଲେନ୍‌ର ଗୁରୁଭଗ୍ନୀ ବିଶାଖା ଆଚାର୍ଯ୍ୟଙ୍କ ତିଳତର୍ପଣ ଓ ସତ୍‌ସଂଗ ମହୋତ୍ସବ ସଂଘ ତରଫରୁ ଯଥାବିଧି ପାଳନ କରାଯାଇଅଛି । |

ଫୁଲନଖରା ନିକଟ ଦକ୍ଷୀଣ ଉଷୁମା ଗ୍ରାମର ଗୁରୁଭ୍ରାତା ବିଶ୍ୱନାଥ ସାହୁଙ୍କ ସ୍ୱ ପିତାଙ୍କର ବାର୍ଷିକ ଶ୍ରାଦ୍ଧ ତିଥି ଉପଲକ୍ଷେ ସଂଘ ତରଫରୁ ସତସଂଗ ମହୋତ୍ସବ କରାଯାଇଅଛି ।

ତା ୩୦.୭.୨୦୧୨ରିଖ (ସୋମବାର) : ଭୁବନେଶ୍ୱର ଜଗନ୍ନାଥ ବିହାରର ଗୁରୁଭ୍ରାତା ଜଟକିଶୋର ଲେଙ୍କାଙ୍କ ବାସଭବନ ପରିସରରେ ସଂଘ ତରଫରୁ ପାରିବାରିକ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୨.୮.୨୦୧୨ ରିଖ (ଗୁରୁବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀପାଦୁକା ସ୍ନାନ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଥିଲା ।

ତା ୯.୮.୨୦୧୨ରିଖ (ଗୁରୁବାର) : ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଆଶ୍ରମ ପରିସରର ଅବାଡ଼ବାଗ ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ କରାଯାଇଅଛି।

ତା ୧୦.୮.୨୦୧୨ ରିଖ (ଶୁକ୍ରବାର) : ଆଶ୍ରମ ପରିସରରେ ନନ୍ଦୋତ୍ସବ ପାଳନ କରାଯାଇଅଛି।

ତା ୧୫.୮.୨୦୧୨ରିଖ (ବୁଧବାର) : ଆଶ୍ରମ ପରିସରରେ ବାପୁଜୀ ଯୁବକସଂଘ ଓ ବାପୁଜୀ ଶିଶୁମନ୍ଦିର ପିଲାମାନଙ୍କଦ୍ୱାରା ସ୍ୱାଧୀନତା ଦିବସ ପାଳନ କରାଯାଇଅଛି।

ତା ୨୯.୮.୨୦୧୨ରିଖ (ବୁଧବାର) : ଆଶ୍ରମ ଅନ୍ତେବାସୀ ତଥା ସଂଘ ପୂଜକ ସୁରେନ୍ଦ୍ର ଦାସଙ୍କ ସମାଧି ପ୍ରତିଷ୍ଠା ଓ ସତ୍ସଂଗ ମହୋତ୍ସବ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୯.୯.୨୦୧୨ ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା ।

ତା ୨୪.୯.୨୦୧୨ରିଖ (ସୋମବାର) ଠାରୁ
ତା ୩୦.୯.୨୦୧୨ରିଖ (ରବିବାର) ପର୍ଯ୍ୟନ୍ତ: ପ୍ରତ୍ୟେକ ଶାଖାରେ ସାପ୍ତାହିକ ଭାଗବତ ପାଠ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଅଛି ।

ତା ୨୫.୯.୨୦୧୨ରିଖ (ମଙ୍ଗଳବାର) : ତାଳଚେର ନିକଟ ଲକେଇ ପଶି ଗ୍ରାମର ସ୍ୱ ବିଶ୍ୱନାଥ ପ୍ରଧାନଙ୍କ ତିଳତର୍ପଣ ଓ ସତସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି ।

ତା ୩୦.୯.୨୦୧୨ (ରବିବାର) ଠାରୁ
ତା ୮.୧୦.୨୦୧୨ (ସୋମବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀଗୁରୁସ୍ୱାମୀଙ୍କର ୫୮ତମ ଆବିର୍ଭାବ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଅଛି ।

## DECLARATION FORM-I

(Rule-8)

## THE CHARAM PUBLICATION

| | | | |
|---|---|---|---|
| 1. | Place of Publication | : | Kshitijyoti Ashram Swarnakshetra, Mahanga, Cuttack - 754206 |
| 2. | Periodicity of Publication | : | Bi-Monthly |
| 3. | Place of Printing | : | Rasad Ad Agency, Cuttack-12 |
| 4. | Publisher' Name | : | General Secretary, Viswa Bhratrutwa Dibyatma Parishad |
| | Address | : | Swarnakshetra, Mahanga - 754206 |
| | Nationality | : | Indian |
| 5. | Editor's Name | : | Kehsab Das Brundaban |
| | Nationality | : | Indian |
| | Address | : | Kshitijyoti Ashram, Swarnakshetra, Mahanga - 754206 |
| 6. | Name & Address of Individual who owns the magazine | : | General Secretary, Viswa Bhratrutwa Dibyatma Parishad Swarnakshetra, Mahanga - 754206 |
| 7. | Partner or Share Holders Holding more than one percent of the total capital | : | NIL |

Printed by Rasad Ad Agency, Cuttack and published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

1. Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack, Orissa here by declare that I am the publisher of the periodical magazine entitled "THE CHARAM" printed at Cuttack City and published at the office of the 'THE CHARAM PUBLICATION" Kshitijyoti Ashram, Swarna Kshetra, Mahanga, Cuttack-754206 and the perticular in respect of the said magazine given above are true to the best of my knowledge and belief.

**Place : Mahanga**

Sd-
**KESHAB CHANDRA SAMAL**
Signature of the Publisher

ଆମର ଲକ୍ଷ୍ୟ : ଚରମପ୍ରାପ୍ତି